

ପରଲୋକରେ ହ୍ୟୁମାନ ସାଗର
▶ପୃଷ୍ଠା ୩ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-142 ♦TUESDAY ♦18 NOVEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୪୨ ♦ମଙ୍ଗଳବାର ♦୧୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



# ୨୫ ବର୍ଷରେ ସବୁଠୁ ଥଣ୍ଡା ନଭେମ୍ବର

ଭୁବନେଶ୍ୱର,୧୭।୧୧(ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି। ଏହାଦ୍ୱାରା ସାରା ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ଗତ ୨୫ ମଧ୍ୟରେ ନଭେମ୍ବର ମାସରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ସବୁଠୁ ତଳେ ପହଞ୍ଚିଛି। ଗତ ୩ ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ପାରଦ ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳେ ରହୁଥିବା ହେତୁ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଫଳସ୍ୱରୂପ ରାଜଧାନୀର ନଭେମ୍ବର ଥଣ୍ଡା, ୨୫ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି କଟକରେ ମଧ୍ୟ ତାପମାତ୍ରା ୧୪ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ଥଣ୍ଡା ନଭେମ୍ବର ମାସର ଅଷ୍ଟମ ସର୍ବନିମ୍ନ ତାପମାତ୍ରାର ରେକର୍ଡ କହିଛି।

ଗତ୨୪ଘଣ୍ଟାରେଭୁବନେଶ୍ୱରରସର୍ବନିମ୍ନରାତିରତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ କଟକରେ ୧୩.୨ ଡିଗ୍ରୀ ତାପମାତ୍ରା ରହିଛି। ୨୦୦୦ ମସିହା ପରେ ନଭେମ୍ବର ମାସରେ ଭୁବନେଶ୍ୱରର ରାତିର ତାପମାତ୍ରା ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି। ଏହା ପୂର୍ବରୁ ୨୦୦୯ ନଭେମ୍ବର ୨୯ରେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୮ ନଭେମ୍ବର ୨୫ ୧୩.୬, ୨୦୧୭ ନଭେମ୍ବର ୨୬ରେ ୧୩.୭, ୨୦୨୫ ୧୬ ନଭେମ୍ବରରେ ୧୩.୦ ଓ ଗତ ୨୪ ଘଣ୍ଟାରେ ୧୨.୯ ଡିଗ୍ରୀ ସହ ଏହି



ରେକର୍ଡ ଭଙ୍ଗ ହୋଇଛି। କଟକରେ ୨୦୧୨ ମସିହାରେ ଶେଷ ଥର ପାଇଁ ନଭେମ୍ବରରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଥିଲା।

ଭୁବନେଶ୍ୱର ବ୍ୟତୀତ ଗତ ୨୪ ଘଣ୍ଟାରେ ରାଜ୍ୟର ୬ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ ହୋଇଛି। ଝାରସୁଗୁଡାଠାରେ ଭୀଷଣ ଶୀତ ଲହରୀ ଅନୁଭୂତ ହୋଇଥିବା ବେଳେ କଟକ ଓ ଭୁବନେଶ୍ୱରରେ ଶୀତ ଲହରୀ ଅନିଭୂତ ହୋଇଛି। ଏହା ବ୍ୟତୀତ ୧୪ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରି ୫.୪ ଡିଗ୍ରୀ ପାରଦ ପହଞ୍ଚିଥିବା ବେଳେ ସେମିଳିଗୁଡାରେ ୬.୧, ଦାରିଙ୍ଗବାଡି ୭, ଫୁଲବାଣୀ ୮ ଏବଂ ଝାରସୁଗୁଡାରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଉରକେଲାରେ ୧୦, କେନ୍ଦୁଝରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ ବିଭାଗ କହିବା ଅନୁସାରେ, ପଶ୍ଚିମ ଉତ୍ତର ପବନ ତୀବ୍ର ହେବା, ଆକାଶ ସଫା ରହିବା ଓ ଆର୍ଦ୍ରତା ହ୍ରାସ କାରଣରୁ ରାତିର ତାପମାତ୍ରା ଦ୍ରୁତ ଭାବେ ତଳକୁ ଖସୁଛି। ତେବେ ମଙ୍ଗଳବାର ରାତିଠାରୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ। ତାପମାତ୍ରା ବଢ଼ିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଜାରି ରହିବ।

ଅନ୍ୟପଟେ ଦକ୍ଷିଣ ଭାରତରେ ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସକାଳ ସାଢ଼େ ୮ ଟା ପର୍ଯ୍ୟନ୍ତ ରାଜ୍ୟର ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ର କିଛି କିଛି ଅଞ୍ଚଳରେ ଶୀତ ଲହରୀ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ପୁଲିସକୁ ଗାଡ଼ି ଚେକିଂ କ୍ଷମତା

# ବସ୍‌ମାଲିକ ସଂଘ-ସରକାର ବିବାଦ ତେଜିଲା

ଭୁବନେଶ୍ୱର,୧୭ ।୧୧(ସମିସ): ରାଜ୍ୟରେ ଗାଡ଼ି ଚେକିଂ କ୍ଷମତା ପୁଲିସକୁ ଦେବା ପାଇଁ ସରକାର ଏକ ପ୍ରକାର ସ୍ଥିର କରି ସାରିଛନ୍ତି। ଆସନ୍ତା ଡିସେମ୍ବର ୧ ତାରିଖରୁ ଏହି ନିୟମ ଲାଗୁ ହେବ। ତେବେ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସରକାରଙ୍କୁ ଏହି ନିୟମ ଲାଗୁ ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ରାଜ୍ୟ ପରିବହନ ବିଭାଗ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ସ୍ଥିତିରେ ନିଷ୍ପତ୍ତିକୁ ବିରୋଧ କରି ସୋମବାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ

- ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ନିଷ୍ପତ୍ତିର ପୁନଃର୍ବିଚାର ଦାବି
- ନିୟମ ଲାଗୁ ହେଲେ ସାରା ରାଜ୍ୟରେ ଚକଅଖ ବନ୍ଦ
- ୨୫ରେ ସାଧାରଣ ପରିଷଦ ବୈଠକ ଡାକିଲା ସଂଘ

ନିବେଦନ କରିଛନ୍ତି। ଏହାସହିତ ସଂଘ ପକ୍ଷରୁ ଆସନ୍ତା ୨୫ ତାରିଖରେ ସାଧାରଣ ପରିଷଦ ବୈଠକ ଡକାଇଯାଇଥିବା ବେଳେ ଯଦି ସରକାର ଏହି ନିୟମ ଲାଗୁ କରନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ସଂଘ ପରୋକ୍ଷରେ ଚେତାବନୀ ଦେଇଛି।

ଗାଡ଼ି ମାଲିକ ସଂଘ ପକ୍ଷରୁ କୁହାଯାଇଛି ଯେ ଏମ୍‌ଭି ଆକ୍ଟ ୧୯୮୮ ଅଧିନିୟମ ଅନୁଯାୟୀ ରାଜ୍ୟରେ ହେଲମେଟ, ସିଟ୍ ବେଲ୍ଟ, ଟ୍ରିପଲ୍ ରାଇଡର୍, ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଇତ୍ୟାଦି ମୋଟର ଯାନ ଯାଞ୍ଚ ପାଇଁ ପୁଲିସକୁ ପୂର୍ବରୁ କ୍ଷମତା ଦିଆଯାଇଛି। ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ମାତ୍ର ଆଗକୁ ରାଜ୍ୟରେ ମୋଟର ଯାନ ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ କ୍ଷମତା ପ୍ରଦାନ କରିବାକୁ ସରକାର ଯୋଜନା କରୁଛନ୍ତି। ସାଧାରଣତଃ, ବିଗତ ଦିନରେ ପୁଲିସ ବିଭାଗକୁ ମଧ୍ୟ ଏହି କ୍ଷମତା ଦିଆଯାଇଥିଲା। କିନ୍ତୁ ଦୁର୍ନୀତି ବୃଦ୍ଧି ଏବଂ କ୍ଷମତାର ଅପବ୍ୟବହାର ହେତୁ ଏହି ଉଦ୍ଦେଶ୍ୟ ବିଫଳ ହୋଇଥିଲା। ଏହାସହିତ ପୁଲିସର ମାନବ ସମ୍ବଳ ଅଭାବ ହେତୁ ଏବେ ସେମାନେ ଅପରାଧ ହ୍ରାସ କରିବାରେ ସକ୍ଷମ ହେଉ ନାହାନ୍ତି। ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା ଏହି କ୍ଷମତାକୁ ପ୍ରତ୍ୟାହାର କରି ନେଇଥିଲେ। ସେହିପରି ବାରମ୍ବାର ଗାଡି ମାଲିକମାନଙ୍କୁ ଅନାବଶ୍ୟକ ଇ-ଚାଲାଣ କରି ପୁଲିସ ବିଭାଗ ଦ୍ୱାରା ହଇରାଣ ହେବାକୁ ପଡୁଛି।

ନିକଟରେ ଭୁବନେଶ୍ୱରରେ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ପୁଲିସ ବିଭାଗ ଦ୍ୱାରା ମନମୁଖୀ ଭାବରେ ୫୦୦ ରୁ ଅଧିକ ଇ-ଚାଲାଣ କରାଯାଇଛି। ଏହାସହ ଗୋଟିଏ ଗାଡ଼ିକୁ ମାର୍ଶାଘାଇ ପୁଲିସ ଦ୍ୱାରା ୩୨୫୦୦ ଟଙ୍କାର ଇ-ଚାଲାଣ କରାଯାଇଛି। ଏହି ଇ-ଚାଲାଣ ବିରୋଧରେ ପୁଲିସ ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ କମିଶନର, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ସଂଘ ଆପତ୍ତି କରିବା ସହ ମାର୍ଶାଘାଇ ଆଇଆଇସିଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଗାଡି ମାଲିକ ଉପରୋକ୍ତ ଜୋରିମାନା ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ପୁଲିସ ଷ୍ଟେସନରେ ଏଭଳି ଇ-ଚାଲାଣ କରାଯାଉଥିବାରୁ ଗାଡ଼ି ମାଲିକମାନଙ୍କ ପାଇଁ ବୋଝ ସାଜିଛି। ତେଣୁ ସରକାର ଏହି ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି ଘଟଣାକୁ ନେଇ ଆଜି ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ପରିବହନ ଆୟୁକ୍ତଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ଯଦି ସରକାର ଏହି ନିଷ୍ପତ୍ତିରୁ ନ ଓହରନ୍ତି ତେବେ ରାଜ୍ୟରେ ବସ୍ ମାଲିକ ସଂଘ କଠୋର ନିଷ୍ପତ୍ତି ନେବ ବୋଲି ମଧ୍ୟ ସଂଘ ଚେତାବନୀ ଦେଇଛି।

### ପୁଣି ଫେରିଲା ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା

# ନେତାଙ୍କ ଧୈର୍ଯ୍ୟଚ୍ୟୁତି: ଧନୁରେ ମିଳିବ ନିଗମ ମୁଆଁ!

ଭୁବନେଶ୍ୱର,୧୭।୧୧(ସମିସ): ବେଶ କିଛିଦିନର ନିରବତା ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟରେ ବୋର୍ଡ, ନିଗମ ନିଯୁକ୍ତି ପ୍ରସଙ୍ଗ। କିଛିମାସର ବ୍ୟବଧାନ ପରେ ରାଜ୍ୟରେ ଖୁବଶୀଘ୍ର ବୋର୍ଡ, ନିଗମ ନିଯୁକ୍ତି ଦିଆଯିବ ବୋଲି ପୁଣି ଦୋହରାଇଛନ୍ତି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ରାଜ୍ୟସ୍ତରରେ ଚର୍ଚ୍ଚା, ଆଲୋଚନା ସରିବା ସହ ସମସ୍ତ ପ୍ରକ୍ରିୟା ସରିଛି ଓ କେନ୍ଦ୍ରୀୟ ନେତୃତ୍ୱ ଏ ନେଇ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେଣୁ ଧନୁ ମାସରେ ଆଶାୟୀଙ୍କୁ ନିଗମ ମୁଆଁ ବଣ୍ଟା ହେବା ଆଶା ଉଜ୍ଜ୍ୱଳ ହୋଇଛି ।

ରାଜ୍ୟରେ ସରକାର ଗଠନ କରିବାକୁ ବିଜେପିକୁ ୧୭ ମାସ ପୂରିଲାଣି। ମାତ୍ର ଏଯାଏଁ ଦଳ ବୋର୍ଡ, ନିଗମ ଏବଂ ବିଭିନ୍ନ ଅକାଦେମୀରେ ନିଯୁକ୍ତି ଦେଇପାରୁ ନାହିଁ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ ହୋଇପାରୁନଥିବା ବେଳେ ଏହାକୁ ନେଇ ରାଜ୍ୟ ବିଜେପି ସରକାର ଏବଂ ସଂଗଠନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। ଏପଟେ ଥଇଥାନ ହେବା ପାଇଁ ଅନେକ ଦିନ ଅପେକ୍ଷା କରି ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ହେଲାଣି। ଜୁଲାଇରୁ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ଏକାଧିକବାର ଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରେ ପ୍ରମୁଖ ପଦରେ ଦଳୀୟ ନେତାଙ୍କୁ ଥଇଥାନ ଏବଂ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରତିଟି ଗସ୍ତ ବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ କୌଣସି ନା କୌଣସି କାରଣ ପାଇଁ ଏହା ସମ୍ଭବପର ହୋଇପାରୁ ନଥିଲା। ତେବେ ନୂଆପଡ଼ା ନିର୍ବାଚନ ପାଇଁ ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା କିଛି ସମୟ ପାଇଁ ରାଜ୍ୟରେ ଥମି ଯାଇଥିବା ବେଳେ ଶ୍ରୀ ତୋମାରଙ୍କ ବୟାନ ଏହି ଚର୍ଚ୍ଚାକୁ ପୁଣିଥରପେ ଖୋରାକ୍ ଯୋଗାଇଛି। ନିଗମ ନିଯୁକ୍ତି ଖୁବଶୀଘ୍ର ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ କିଛି ସମୟ ଲାଗିବ ବୋଲି କହିଛନ୍ତି।

**ଦଳ ସଭାପତିଙ୍କ ସୁପାରିସ ଆପାତତଃ ଚୂଡ଼ାନ୍ତ**

ତେବେ ବର୍ତ୍ତମାନ ରାଜ୍ୟ ବିଜେପି ରାଜନୀତିକୁ ଦୃଷ୍ଟି ରଖି ଶ୍ରୀ ତୋମାରଙ୍କ କଥାରେ ଦମ୍ ରହିଥିବା କହିଛନ୍ତି ରାଜନୈତିକ ସମୀକ୍ଷକ। ନୂଆପଡ଼ାରେ ମୋହନ-ମନମୋହନଙ୍କ ଯୋଡ଼ି ବେଶ୍ ସଫଳତା ପାଇଥିବାରୁ ଦିଲ୍ଲୀରେ ସେମାନଙ୍କର ପ୍ରଭାବ ବଢ଼ିଛି। ଏପରିସ୍ଥଳେ ନିଗମ ବଣ୍ଟନ ବେଳେ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ପାଖେ ମୋହନ-ମନମୋହନ ଏବେ ଅଧିକ ବିଶ୍ୱାସଭାଜନ ହୋଇପାରିଛନ୍ତି। ଉଭୟଙ୍କ ପରାମର୍ଶକୁ ଭିତ୍ତି କରି ରାଜ୍ୟର ତାଲିକାକୁ କେନ୍ଦ୍ର ସବୁଜ ସଙ୍କେତ ଦେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ତେବେ ରାଜ୍ୟ ବିଜେପି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଥିବାରୁ ଏନେଇ କୌଣସି ସ୍ପଷ୍ଟ ପୂର୍ବାନୁମାନ କରିବା କଷ୍ଟକର ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

# କମ୍ବୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବଚିତ

କଟକ, ୧୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଖାଲି ପଡ଼ିଥିବା ଏକ ସଦସ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ଟିଟଲାଗଡର ଆଇନଜୀବୀ କମ୍ବୁପାଣି ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଉକ୍ତ



ନିର୍ବାଚନରେ ଶ୍ରୀ ପାଢ଼ୀଙ୍କ ବିପକ୍ଷରେ କଟକର ଆଇନଜୀବୀ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ଆଇନଜୀବୀ ପରିଷଦର ମୋଟ ୨୪ଜଣଙ୍କ ମଧ୍ୟରୁ ୧୬ଜଣ ଶ୍ରୀ ପାଢ଼ୀଙ୍କୁ ସମର୍ଥନ ଜଣାଇ ମତଦାନ କରିଛନ୍ତି। ଆଜି ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ପରଲୋକ ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ ତାରିଖ ଦିନ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖାଲି ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ନଭେମ୍ବର ୧୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଭଦ୍ରକ/ତିହିଡି, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଜାଫରାବାଦ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪)। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ମଧ୍ୟାହ୍ନ ୧ଟା ବେଳେ ଦୁହେଁ ସାଙ୍ଗ ହୋଇ ଖେଳୁଥିବା ବେଳେ ପାଖରେ ଥିବା ଏକ ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ଉଭୟଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

### ହାଇକୋର୍ଟରେ ହୀରାକୁଦ ସଟର ଗେଟ୍ କାର୍ଯ୍ୟ ଦୁର୍ନୀତି ପ୍ରସଙ୍ଗ

# ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ୨ ଲକ୍ଷ ତଣ୍ଡ ଗଣିବେ ଆବେଦନକାରୀ


କଟକ,୧୭ ।୧୧(ସମିସ): ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଏଭଳି ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ଆବେଦନକାରୀ ୨ଲକ୍ଷ ଟଙ୍କା ତଣ୍ଡ ଗଣିବେ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରଛନ୍ତି। ୨ଲକ୍ଷ ଟଙ୍କା ତଣ୍ଡରାଶିକୁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏମଏସ୍ ଏମକେ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର୍ ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଗତ ମେ' ମାସରେ ଆବେଦନକାରୀ ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୭ ଏପ୍ରିଲ ୧ରୁ ୨୦୨୦, ଜୁଲାଇ ୩୧ରେ ମଧ୍ୟ ଏହି କାର୍ଯ୍ୟ ପାଇଁ ବେଆଇନ ଭାବେ ବିପୁଳ ସରକାରୀ ଅର୍ଥ ବ୍ୟୟ କରାଯିବା ସହ ନିୟମ ଅନୁସାରେ ଟେଣ୍ଡର୍ କରାଯାଇନଥିଲା। ଡିଭିଜନ୍‌ର ଜନୈକ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଏଥିରେ ସଂପୃକ୍ତି ଥିବା ଦର୍ଶାଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ତଦନ୍ତ କରାଯାଇ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଦୋଷମୁକ୍ତ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା।

### ତରିକୁନ୍ଦରେ ବୁଲିଲା ବୁଲ୍‌ଡୋଜର୍

# ମାଟିରେ ମିଶିଲା ବେହେରାମପୁର ବସ୍ତି





ଜଗତସିଂହପୁର, ୧୭।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ବସ୍ତିରେ ଗତକାଲି ମାରଣାସ୍ତ୍ର ମିଳିବା ପରେ ଆଜି ବସ୍ତିରେ ବୁଲିଛି ବୁଲ୍‌ଡୋଜର। ଫଳରେ ମାଟିରେ ମିଶିଯାଇଛି ଏହି ବସ୍ତିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଘର। ଗତକାଲି ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ରାତିରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସେହିପରି

- ଆଧାର କାର୍ଡ ସହିତ ବିଭିନ୍ନ କାଗଜପତ୍ର ଜବତ
- ସନ୍ଦିଗ୍ଧଙ୍କ ପ୍ରକୃତ ବାସସ୍ଥାନ ସଂପର୍କରେ ଚାଲିଛି ଅନୁସନ୍ଧାନ

ଅନ୍ୟ କିଛି ପୁରୁଷ ଓ ମହିଳାଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମଙ୍କ ସହ ଅନ୍ୟ ୮/୧୦ ଜଣ ପୁଲିସ ଚଢ଼ଉ ଖବର ପାଇ ଫେରାର୍ ହୋଇଯାଇଛି। ଚଢ଼ଉ ସମୟରେ ପୁଲିସ ସହ ଧସ୍ତାଧସ୍ତି ହେବାରୁ ଜଣେ ମହିଳା କନଷ୍ଟେବଳ ଆହତ ହୋଇଥିବା ପୁଲିସ୍ ସୂଚନା ଦେଇଛି।

ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି ବଡ଼ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡ଼ିବା ପରେ ଆଜି ବୁଲ୍‌ଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଆଜି ସନ୍ଧ୍ୟାରେ ଡିଆଇଜି ସତ୍ୟଜିତ ନାୟକ ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁମାନେ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି, ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିବା ଡିଆଇଜି ସୂଚନା ଦେଇଥିଲେ। ୩ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସମଗ୍ର ଜିଲ୍ଲାରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ଅଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ରହୁଥିବା ସନ୍ଦିଗ୍ଧ ପରିବାରଙ୍କ ଉପରେ ନଜର ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ. ସୋନାଲ ସୂଚନା ଦେଇଛନ୍ତି। ବେହେରାମପୁର ବସ୍ତିରୁ ଜବତ ହୋଇଥିବା ସମସ୍ତ କାଗଜପତ୍ର ଅନୁସନ୍ଧାନ କରାଯାଉଛି ଏବଂ ଅଟକ ଥିବା ସନ୍ଦିଗ୍ଧମାନେ ପଶ୍ଚିମବଙ୍ଗର ଯେଉଁ ଜିଲ୍ଲାର ବାସିନ୍ଦା ବୋଲି ଦର୍ଶାଉଛନ୍ତି, ସେହି ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କର ହେଲା ପଇତାଲାଗି

ପୁରୀ,୧୭।୧୧(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୫ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମଇଲମ ହୋଇଥିଲା। ୫ଟା ୫୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟା ୫ରେ ଜୟ



ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

# ହାଇୱା-ସ୍କର୍ପିଓ ମୁହାଁମୁହିଁ; ଜଣେ ମୃତ

ଯୋଡ଼ା, ୧୭।୧୧ (ସମିସ): ଆଜି ସନ୍ଧ୍ୟାରେ ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ରେ ଉପରେ ହାଇୱା ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ବଡ଼ବିଲର ସୋନାଲି ଓଝା। ସେ ସ୍କର୍ପିଓରେ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମ୍ନାପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ସ୍କର୍ପିଓଟି ପୂରା ଚୂରମାର୍ ହୋଇଯାଇଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଯୋଡ଼ା ପୁଲିସ ସ୍କର୍ପିଓରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ଚାଳକ ସହ ମହିଳାଙ୍କ ଭାଇ ଥିବା ବେଳେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

### ଆଇଟମ୍ ଡ୍ୟାନ୍ସରୁ ଯାଇ ପୌରାଣିକ ମଞ୍ଚରେ ପହଞ୍ଚିଲା ଅଶ୍ଳୀଳତା

# କୁଆଡ଼େ ଗଲା ସଂସ୍କୃତି ସୁରକ୍ଷା ନିର୍ଦ୍ଦେଶାବଳୀ?

ଭୁବନେଶ୍ୱର, ୧୭।୧୧(ସମିସ): ଦର୍ଶକ ସଂଖ୍ୟା ବୃଦ୍ଧି କରିବା ନିଶାରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛନ୍ତି ଯାତ୍ରା କମିଟି ଓ ଯାତ୍ରା କଳାକାର। ଟଙ୍କା ପାଇଁ ହଜାର ହଜାର ଦର୍ଶକଙ୍କ ସାମ୍ନାରେ ଅର୍ଦ୍ଧନଗ୍ନ ହେବାକୁ ପଛାଉ ନାହାନ୍ତି। ଆଇଟମ୍ ଡ୍ୟାନ୍ସ ନାଁରେ ଯେଉଁଭଳି ନୃତ୍ୟ ହେଉଛି, ପରିବାର ସହ ଯାଉଥିବା ଲୋକେ ମୁଣ୍ଡଟେକି ମଞ୍ଚକୁ ଚାହିଁ ପାରୁନାହାନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଲୋକଙ୍କ ଚାପରେ ସରକାର ନୂଆ ମାର୍ଗଦର୍ଶିକା (ଏସ୍‌ଓପି) ଆଣିବେ ବୋଲି କହିଥିଲେ। ଏଥିପାଇଁ ଥରକୁ ଥର ବୈଠକ ହେଲା, ଗଣମାଧ୍ୟମରେ ବି ମନ୍ତ୍ରୀ ବୟାନବାଜି କରି ନିଜ ପିଠି ଥାପୁଡ଼େଇଲେ। କିନ୍ତୁ, କିଛି ଦିନ ଚର୍ଚ୍ଚାରେ ରହିବା ପରେ ପୂରା ପ୍ରସଙ୍ଗ କୁଆଡ଼େ ହଜିଗଲା। ସରକାର ବି ପାସୋରିଗଲେ। ମାର୍ଗଦର୍ଶିକା ଜାରି ହେବା ତ ଦୂରର କଥା, ତା'ର ନାଁ ଗନ୍ଧ ମଧ୍ୟ ନାହିଁ। ସେପଟେ, ମଞ୍ଚରେ ପୂର୍ବଭଳି ସେମିତି ନଗ୍ନତାର ତାଣ୍ଡବ ଜାରି ରହିଛି। ଯାତ୍ରାରେ ଅଶ୍ଳୀଳତା ଦିନକୁ ଦିନ ସୀମା ଟପୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନ ନେବା ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମାୟଣ ଭଳି ପବିତ୍ର କଥାବସ୍ତୁରେ ବି ଏବେ ଅଶ୍ଳୀଳତା ଧସେଇ ପଶିଲାଣି। ସୀତାହରଣ ଭଳି ଦୃଶ୍ୟରେ ଅଶ୍ଳୀଳତା ସବୁ ସୀମା ଲଂଘିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି

- ନିଜ ପିଠି ଥାପୁଡ଼ାଇ ଚୁପ୍ ବସିଗଲେ ସରକାର
- ସୀମା ଟପୁଛନ୍ତି ଆଇଟମ୍ ଡ୍ୟାନସର୍ ଓ କଳାକାର

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ମୌଳଭଣଜା ଗାଁରେ। ଦୁଇ ଦଳ ମଧ୍ୟରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ପୂର୍ବରୁ ଗୋଟିଏ ଦଳପକ୍ଷରୁ ଜଣେ ଚର୍ଚ୍ଚିତ ଆଇଟମ୍ ଡ୍ୟାନସରଙ୍କୁ ନିଆଯାଇଥିଲା। ସେଠାରେ ସେ ଅର୍ଦ୍ଧନଗ୍ନ ହୋଇ ନୃତ୍ୟ ପରିବେଷଣ କରିଥିବା ବେଳେ ଆଉ ଏକ ଦଳ ପକ୍ଷରୁ ତାଙ୍କ ସହ ପ୍ରତିଯୋଗିତା କରି ସୀତାହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା ପ୍ରଦର୍ଶନ କରିଥିଲେ। ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁକୁ ଏଭଳି କଦର୍ଥ କରାଯାଇଥିବାରୁ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ୨ଜଣ ମନ୍ତ୍ରୀ ଯଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତିର ସୁରକ୍ଷା ପାଇଁ ଏକ କଡ଼ା ଏସ୍‌ଓପି ଅଣାଯିବ ବୋଲି କହିଥିଲେ। ଏହି ଏସ୍‌ଓପି ଜରିଆରେ ରାଜ୍ୟରେ ଯାତ୍ରା ପେଣ୍ଡାଲ ହେଉ ଅବା ଅନ୍ୟ ସ୍ଥାନରେ, ଯେପରି ଅଶ୍ଳୀଳତା ପ୍ରଦର୍ଶନ ହେବନି, ତାହା ସୁନିଶ୍ଚିତ ହେବ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ହେଲେ ଦୁଇ ମନ୍ତ୍ରୀଙ୍କ କଥାକୁ ପ୍ରାୟ ବର୍ଷଟେ ବିତିଯାଇଥିଲେ ହେଁ ଏଯାଏଁ କୌଣସି ଏସ୍‌ଓପି ଆସିପାରିନାହିଁ। ଫଳରେ ରାଜ୍ୟରେ ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରେ ମଞ୍ଚଗୁଡ଼ିକରେ କଳକାରମାନେ ଅଶ୍ଳୀଳତାର ସୀମା ଟପୁଛନ୍ତି।

ନିକଟରେ ଏକ ଯାତ୍ରା ମଞ୍ଚରେ ଜଣେ ଆଇଟମ ଡ୍ୟାନସର୍ ଦର୍ଶକଙ୍କ ଆଗରେ ପୋଷାକ ଖୋଲିବା ସହ ଅନ୍ତଃବସ୍ତ୍ର ମଧ୍ୟ ଖୋଲି ଦେଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟରେ ଘୂରି ବୁଲୁଛି। ସମାଜ ଉପରେ ଏହାର କୁ-ପ୍ରଭାବ ପଡ଼ିବା ସହ ସପରିବାର ଏକାଠି ବସି ଯାତ୍ରା ବା ମଞ୍ଚ ନାଟକ ଦେଖିବା ସମ୍ଭବ ହୋଇପାରୁନାହିଁ।

ଦିଗପହଣ୍ଡି ଅଞ୍ଚଳର ଏହି ଘଟଣାକୁ ଓଡ଼ିଶା ଯାତ୍ରା କମିଟି ମହାସଂଘ ଦୃଢ଼ ନିନ୍ଦା କରିଛି। ଯାତ୍ରା ପରିବେଷଣ ପାଇଁ ସରକାର ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗାଯାଇପାରିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।



ରେକର୍ଡ ୪୪.୯ କୋଟି ଜିତିଲେ ସିନ୍ନର୍

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ଇଣ୍ଟରନ୍ୟାସ୍‌ନାଲ୍ କ୍ରାଇମ୍ ଟ୍ରିବ୍ୟୁନାଲ୍‌ଙ୍କ ରାୟ

## ହସିନାଙ୍କୁ ଫାଶୀ ଦଣ୍ଡାଦେଶ

■ **ଢାକା, ୧୭ ।୧୧ (ଏଜେନ୍ସି):** ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦଙ୍କୁ ଦୋଷୀ ସାବ୍ୟସ୍ତ କରିଛି ବାଂଲାଦେଶର କୋର୍ଟ । ମାନବିକତା ବିରୋଧରେ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ହସିନାଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି । ତାଙ୍କ ସହିତ ତାଙ୍କର ଦୁଇ ଜଣ ଘନିଷ୍ଠ ସହଯୋଗୀ ତତ୍କାଳୀନ ଗୃହ ମନ୍ତ୍ରୀ ଓ ପୁଲିସ ମୁଖ୍ୟଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି । ଏହି ଦଣ୍ଡାଦେଶକୁ ରାଜନୈତିକ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛନ୍ତି ହସିନା । ଅନ୍ୟପକ୍ଷେରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି ବାଂଲାଦେଶ ସରକାର । ତେବେ ଭାରତ ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହିଁ ।

ଗତବର୍ଷ ତାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ▶ପୃଷ୍ଠା-୭

ହସିନାଙ୍କୁ ତୁରନ୍ତ ହସ୍ତାନ୍ତର ଲାଗି ଭାରତକୁ ବାଂଲାଦେଶର ପରାମର୍ଶ

ବାଂଲାଦେଶରେ ଶାନ୍ତି, ସ୍ଥିରତା ଓ ଗଣତନ୍ତ୍ରର ସୁରକ୍ଷାକୁ ଭାରତର ଗୁରୁତ୍ୱ



ଟ୍ୟାଙ୍କର ସହ ଧକ୍କା ପରେ ମଦିନାରେ ଜଳିଗଲା ବସ୍

## ୪୫ ଭାରତୀୟ ଶ୍ରଦ୍ଧାଳୁ ଦଗ୍ଧ

■ **ରିୟାଦ, ୧୭।୧୧ (ଏଜେନ୍ସି):** ସାଉଦି ଆରବରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରେ ହାଇଦରାବାଦର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ଥିବା ଜଣାପଡ଼ିଛି । 'ଉମରା' ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କୁ ନେଇ ମଦିନା ଯାଉଥିବା ବସ୍‌ଟି ଏକ ଡିଜେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ବିସ୍ଫୋରଣ ଘଟିଥିଲା । ଏହାପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଦୁର୍ଘଟଣାରୁ କେବଳ ବସ୍ ଚାଳକ ବଞ୍ଚିଯାଇଥିବା ବେଳେ ଅନ୍ୟ ସମସ୍ତ ୪୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମୃତକଙ୍କ ମଧ୍ୟରେ ୧୮ ମହିଳା, ୧୭ ପୁରୁଷ ଓ ୧୦ଜଣ ▶ପୃଷ୍ଠା-୭

ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ସଦସ୍ୟ ମୃତ

ଜଳିଗଲେ ବସ୍‌ର ସମସ୍ତ ଯାତ୍ରୀ; ବଞ୍ଚିରହିଲେ କେବଳ ଚାଳକ



# ବିହାର ରାଜନୀତିରେ 'ହାଇଡ୍ରାମା'

■ **ପାଟନା, ୧୭।୧୧ (ଏଜେନ୍ସି):** ନିର୍ବାଚନ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିହାରରେ ଆରମ୍ଭ ହୋଇଛି ରାଜନୈତିକ ଖେଳ । ଅତୀତରେ ମହାରାଷ୍ଟ୍ରରେ ଏକନାଥ ସିନ୍ଧେଙ୍କ ନେତୃତ୍ୱରେ ଏନ୍‌ଡ଼ିଏ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଯେଉଁ ନାଟକର ଅବତାରଣା ହୋଇଥିଲା, ଏବେ ବିହାରରେ ଠିକ୍ ସମାନ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି । ଏନ୍‌ଡ଼ିଏର ଅଂଶୀଦାର ଦଳ ଭାବରେ ନୀତିଶ କୁମାରଙ୍କ ଜେଡ଼ିୟୁ ତୁଳନାତ୍ମକ ଭାବରେ ବିଜେପିଠାରୁ କମ୍ ଆସନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପି ପ୍ରଥମ ଦାବିଦାର ବୋଲି ଯେଉଁ ପ୍ରାୟୋଜିତ ରାଜନୈତିକ ଚର୍ଚ୍ଚା ବିହାରରେ ଆରମ୍ଭ ହୋଇଛି; ତାହା ହିଁ ସବୁ ଗଣ୍ଡଗୋଳର ମୂଳ ବୋଲି କୁହାଯାଉଛି । ସେଥିପାଇଁ ନୀତିଶ କୁମାର ସୋମବାର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫା ଦେବାକୁ ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟିଥିଲେ ମଧ୍ୟ ଇସ୍ତଫା ଦେଇ ନାହାନ୍ତି । ଆସନ୍ତା ୧୯ ତାରିଖରେ ସେ ମନ୍ତ୍ରିମଣ୍ଡଳ ଭଙ୍ଗ କରିବାକୁ ସୁପାରିସ କରିବା ସହ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି । ନିର୍ବାଚନ ଫଳ ପ୍ରକାଶର ୩ ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏନ୍‌ଡ଼ିଏ ବିଧାୟକ ଦଳ ନେତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହା ପଛରେ କିଛି କେଁ ଥିବା ସ୍ୱାଭାବିକ ମନେ ହେଉଛି ।

ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପ୍ରସଙ୍ଗରେ ବିଜେପିର ରହସ୍ୟମୟ ନିରବତା ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି । ବିଜେପିର ନିର୍ବାଚନ ପ୍ରଭାରୀ ବିନୋଦ ତାୱଡ଼େ ଓ ନୀତିନ ନବୀନଙ୍କ ବୟାନ ଏହି ପ୍ରସଙ୍ଗକୁ ଅଧିକ ସ୍ପର୍ଶକାତର କରିଛି । ଏବେ ବିଜୟ ଉତ୍ସବ ପାଳନ ସମୟ, ସମୟ ଆସିଲେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ତାୱଡ଼େ ଦେଇଥିବା ଟିପ୍ପଣୀରୁ ବିଜେପି ଯେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶତ ପ୍ରତିଶତ ରାଜି ନୁହେଁ, ତାହା ସ୍ପଷ୍ଟ ହୋଇ ଯାଇଛି । ସେହିପରି ଦଳର ଅନ୍ୟତମ ବରିଷ୍ଠ ନେତା ନୀତିନ ନବୀନ ବିହାରରେ ମହାରାଷ୍ଟ୍ର ପରି ସବୁକିଛି ଠିକ୍ ଥିଲା ଓ ସବୁକିଛି ଠିକ୍ ହେବ ବୋଲି ଦେଇଥିବା ମନ୍ତବ୍ୟ ପରେ ନୀତିଶକୁମାରଙ୍କ ଅବସ୍ଥା ଏକନାଥ ସିନ୍ଧେଙ୍କ ପରି ହେବ ନାହିଁ ତ ବୋଲି ଅନେକ ଆଶଙ୍କା କରୁଛନ୍ତି । ଏହି ସମୟରେ ବିଜେପିର ଜାତୀୟ ନେତୃତ୍ୱ 'ବିଜେପିର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବାଛିବେ' ବୋଲି ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି ।

ଅନ୍ୟପକ୍ଷରେ ବିଜେପିର ଗତିବିଧି ଦେଖି ନୀତିଶ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି । ଜେଡ଼ିୟୁ ବିଧାୟକ ଦଳ ବୈଠକ ନଭେମ୍ବର ୧୭ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିବାରୁ ଦଳର ସମସ୍ତ ୮୫ ବିଧାୟକ ପାଟନାରେ ପହଞ୍ଚିଥିଲେ । ମାତ୍ର ନୀତିଶ ଶେଷ ମୁହୂର୍ତ୍ତରେ ବୈଠକକୁ ସ୍ଥଗିତ ରଖିଛନ୍ତି, ତେବେ ସମସ୍ତ ଦଳୀୟ ବିଧାୟକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ରାଜଧାନୀ ନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଆଜି କ୍ୟାବିନେଟ୍ ବୈଠକ ପରେ ନୀତିଶ ଇସ୍ତଫା ଦେବା ଚୂଡ଼ାନ୍ତ ହୋଇଥିଲେ ହେଁ ସେପରି କିଛି ଘଟିନାହିଁ । ନୀତିଶ କ୍ୟାବିନେଟ୍ ବୈଠକ ଡ଼ାକିଥିଲେ, ନିଜ ସହଯୋଗୀଙ୍କ ସହ ଆଲୋଚନା ପରେ ସେ ରାଜଭବନକୁ ବାହାରିଥିଲେ ମଧ୍ୟ ରାସ୍ତାରେ ଇସ୍ତଫା ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ । ନଭେମ୍ବର ୧୯ ତାରିଖରେ ସେ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେନାହିଁ ନୀତୀଶ

ଜେଡ଼ିୟୁ ବିଧାୟକ ଦଳ ବୈଠକ ଆକସ୍ମିକ ସ୍ଥଗିତ

ଦୁଇଦିନ ପରେ ମନ୍ତ୍ରିମଣ୍ଡଳ ଭାଙ୍ଗିବାକୁ ସୁପାରିସ

୩ ଦିନ ହେଲା ହୋଇପାରୁନି ମୁଖ୍ୟମନ୍ତ୍ରୀ ଚେହେରା ନିଷ୍ପତ୍ତି



ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦

## ଏଥର କମ୍ ଟିକଟ



ଚାଲିଛି ୭ ଗ୍ୟାଲେରୀର ନବୀକରଣ କାର୍ଯ୍ୟ

ସିଟ୍ ନମ୍ବରିଂ ପରେ ଜଣାପଡ଼ିବ ଷ୍ଟାଡିୟମ୍‌ର ଦର୍ଶକ କ୍ଷମତା

ଡିସେମ୍ବର ୧ରୁ ଅନ୍‌ଲାଇନ୍ ଓ ୫ରୁ କାଉଣ୍ଟର ଟିକଟ

■ **କଟକ, ୧୭।୧୧ (ସମିସ):** ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍ । ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି । ତେବେ ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇବ । ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡା କରାଯାଉଛି । ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡ଼ିକୁ ୨୨ ଇଞ୍ଚ କରାଯାଉଛି । ଗ୍ୟାଲେରୀ ନଂ-୫ ଏବଂ ଗ୍ୟାଲେରୀ ନଂ-୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡ଼ିକର ନବୀକରଣ କାର୍ଯ୍ୟ ଜାରି ରହିଛି । ପ୍ରତ୍ୟେକ ଦର୍ଶକ ସୁବିଧାରେ ବସି କିଭଳି ମ୍ୟାଚ୍ ଉପଭୋଗ କରିପାରିବେ ତାହାକୁ ଉପଲବ୍ଧି କରି ଓସିଏ ଏଭଳି ପଦକ୍ଷେପ ନେଇଛି । ଅନ୍ୟପକ୍ଷରେ ମୋଟ୍ କେତେ ସଂଖ୍ୟକ ଟିକଟ ଏଥର ଛପା ଯିବ ତାହା ମଧ୍ୟ ସ୍ଥିର ହୋଇ ପାରିନାହିଁ । ନବୀକରଣ ପ୍ରକ୍ରିୟାରେ ଗ୍ୟାଲେରୀର ସମସ୍ତ ସିଟ୍‌କୁ ଚଉଡା କରାଯାଇ ପ୍ରଥମେ ନମ୍ବରିଂ ହେବ । ଏହା ପରେ ସମୁଦାୟ ଟିକଟ ସଂଖ୍ୟା ଜଣାପଡିବ । ପ୍ରକାଶଯୋଗ୍ୟ, ବାରବାଟୀରେ ପ୍ରାୟ ୪୫ହଜାର ଦର୍ଶକ ▶ପୃଷ୍ଠା-୭

# ଅଫେରା ରାଇଜରେ ହ୍ୟୁମାନ୍ ସାଗର

■ **ଭୁବନେଶ୍ୱର, ୧୭।୧୧ (ସମିସ):** ଓଡ଼ିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ଜଗତର ୟୁଥ୍ ଆଇକନ୍ ହ୍ୟୁମାନ ସାଗରଙ୍କ ଆଜି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ତାଙ୍କୁ ୩୫ ବର୍ଷ ହୋଇଥିଲା । ଏକାଧିକ ରୋଗରେ ପୀଡ଼ିତ ହ୍ୟୁମାନ୍‌ଙ୍କୁ ଗତ ୧୪ ତାରିଖରେ ଏମ୍‌ସରେ ଭର୍ତ୍ତି କରାଯାଇଥିଲା । କିଡ୍‌ନୀ ଓ ଲିଭର୍ ଜନିତ ସମସ୍ୟା ସମେତ ତାଙ୍କର ଏକାଧିକ ଅଙ୍ଗପ୍ରତ୍ୟଙ୍ଗ କାମ କରୁନଥିଲା । ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ସୋମବାର ସଂଧାରେ ସେ ଜୀବନଯୁଦ୍ଧରେ ହାରି ଯାଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା', ପତ୍ନୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳି ଯାଇଛି । ବହୁସଂଖ୍ୟାରେ ସିନେ କଳାକାର, କଣ୍ଠଶିଳ୍ପୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଏମ୍‌ସରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ 'ଏକ୍ସ' ଜରିଆରେ ଶୋକ ପ୍ରକଟ କରିଛନ୍ତି । ଶୋକବାର୍ତ୍ତାରେ ମୋହନ ଉଲ୍ଲେଖ କରିଛନ୍ତି ଯେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଁ ଦୁଃଖିତ । ତାଙ୍କର ବିୟୋଗ ଓଡ଼ିଶା ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସେହିପରି ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ହ୍ୟୁମାନ୍‌ଙ୍କ ମନଛୁଆଁ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି । ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାଯାଇଛି ।

୧୯୯୦ନଭେମ୍ବର ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ୍ ସଙ୍ଗୀତ ପରିବାରରୁ ଆସିଥିଲେ । ତାଙ୍କ ପିତା-ମାତା, ଦୁହେଁ ଗାୟକ ▶ପୃଷ୍ଠା-୭

### ସଙ୍ଗୀତ ଜଗତ ସ୍ତବ୍ଧ

ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ

ଶୋକବ୍ୟକ୍ତ କଲେ ମୋହନ-ନବୀନ



## ଜାଲରେ ପଡ଼ିଲା ୩ କ୍ୱିଣ୍ଟାଲ୍‌ର ଶାଙ୍କୁଚ



■ **ଅସ୍ତରଙ୍ଗ, ୧୭।୧୧ (ସମିସ):** ଦେବୀନଦୀରୁ ଆଜି ସ୍ଥାନୀୟ ଅଞ୍ଚଳର ୨୦ ଜଣ ମତ୍ସ୍ୟଜୀବୀଙ୍କ ଜାଲରେ ୩ କ୍ୱିଣ୍ଟାଲ୍ ଓଜନର ଏକ ଶାଙ୍କୁଚ ପଡ଼ିଛି । ପ୍ରାୟ ଦୁଇଘଣ୍ଟାର ପରିଶ୍ରମ ପରେ ଏହି ଶାଙ୍କୁଚକୁ ମତ୍ସ୍ୟଜୀବୀମାନେ ଡଙ୍ଗାରେ କୂଳକୁ ଆଣିଥିଲେ । ଶାଙ୍କୁଚଟିର ଓସାର ପ୍ରାୟ ୧୨ଫୁଟ୍ ହେବ । ସମୁଦ୍ର ଭିତରୁ ମାଛ ଅନ୍ୱେଷଣ କରି ମୁହାଣ ଦେଇ ଦେବୀ ନଦୀ ଭିତରକୁ ପଶି ଆସିବା ପରେ ଏହା ଧରାଳିଙ୍କ ଜାଲରେ ପଡ଼ିଥିବା କୁହାଯାଉଛି । ଏହା ବିରାଟକାୟ ଶାଙ୍କୁଚକୁ ଦେଖିବା ପାଇଁ ଦେବୀ ମୁହାଣରେ ଆଜି ପ୍ରବଳ ଭିଡ଼ ଲାଗିଥିଲା ।

## ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକିଦେଲେ

### ପୀଡ଼ିତାଙ୍କ ମଧ୍ୟରେ ମହିଳା, ଶିଶୁ, ନାବାଳିକା

■ **ନୟାଗଡ଼/ଗଣିଆ, ୧୭।୧୧ (ସମିସ):** ଦାଦନ ଖଟାଇବାକୁ ନେଇ ବିକିଦେଲେ । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ଏପରି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗଣିଆ ବ୍ଲକ୍ ଆଡ଼କଟା ପଞ୍ଚାୟତ ଆଡ଼କଟା ଗ୍ରାମରୁ ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି । ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ଜଣେ ନାବାଳିକା ଓ ଦୁଇଜଣ ମହିଳା ରହିଛନ୍ତି । ଗ୍ରାମର ଚନ୍ଦ୍ରମଣି ପ୍ରଧାନ ଓ ମୀନା ପ୍ରଧାନ ଏ ସଂପର୍କରେ ଅଭିଯୋଗ କରିବା ପରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଗଣିଆ ଥାନା ପୁଲିସକୁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି ।

ସୂଚନାନୁସାରେ, ତିନି ମାସ ତଳେ ଆଡ଼କଟା ଗ୍ରାମର ବୁଲୁ ପ୍ରଧାନ, ବୌଦ୍ଧ ଅଞ୍ଚଳର ଚନ୍ଦନ ଗଡ଼ତିଆ ଗ୍ରାମରୁ ଅନେକ ଲୋକଙ୍କୁ ହାଇଦ୍ରାବାଦ ନିକଟସ୍ଥ ପାଇଜାପଲ୍ଲୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ । ଏ ନେଇ ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ । ତେବେ ସେଠାରେ ଅକଥନୀୟ ନିର୍ଯାତନା ଦିଆଯିବାରୁ ଅନେକ ଲୋକ ଖସି ଆସିଥିବା ବେଳେ ଦଲାଲମାନେ ଗ୍ରାମର ୭ ଜଣଙ୍କୁ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି । ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି । ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଛି । ଏ ସଂପର୍କରେ ଆଜି ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଶୁଣାଣି କରିବା ପରେ ଗଣିଆ ଥାନା ଅଧିକାରୀଙ୍କୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି । ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି । ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି । ଫଳରେ ସେମାନେ କାହା ସହ ଯୋଗାଯୋଗ କରିପାରୁନାହାନ୍ତି ସେଠାରୁ ଖସି ଆସି ପାରୁନାହାନ୍ତି । ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ଚନ୍ଦ୍ରମଣି କହିଛନ୍ତି ।

ଆଜି ରାଜଧାନୀର ସବୁଠାରୁ ବଡ଼ ଉଚ୍ଛେଦ

## ମାଟିରେ ମିଶିବ ସାଲିଆସାହି

■ **ଭୁବନେଶ୍ୱର, ୧୭।୧୧ (ସମିସ):** ରାଜଧାନୀର ସବୁଠାରୁ ବଡ଼ ବସ୍ତି ସାଲିଆସାହିକୁ ଉଚ୍ଛେଦ କରିବାକୁ ଯାଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ବାମ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ଏହି ଉଚ୍ଛେଦ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି । ମଙ୍ଗଳବାର ପ୍ରାୟ ୫୨୧ଟି ଘରକୁ ଭାଙ୍ଗିବାକୁ ଟାର୍ଗେଟ କରାଯାଇଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସମରସଜ୍ଜା । ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇଛି । ଏହି ଉଚ୍ଛେଦରେ ବିଏମ୍‌ସି, ବିଡିଏ, ୱାଟକୋ, ବିଦ୍ୟୁତ ବିଭାଗ ଏବଂ ପୁଲିସ ବିଭାଗ ସାମିଲ ହେବ । ଘଟଣାସ୍ଥଳରେ ତୀବ୍ର ଉତ୍ତେଜନାକୁ ଆଖିଆଗରେ ରଖି ୭ପ୍ଲାଟୁନ୍ ଫୋର୍ସ ମୁତୟନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

ବିଏମ୍‌ସି ପକ୍ଷରୁ ଭଙ୍ଗାଯିବାକୁ ଥିବା ଘରଗୁଡ଼ିକୁ ଚିହ୍ନଟ କରାଯାଇଛି । ପ୍ରତ୍ୟେକଙ୍କୁ ଅପରାହ୍ଣରେ ଏସମ୍ପର୍କରେ ଅବଗତ କରାଯାଇଥିଲା । ଡାକବାଜୀ ଯନ୍ତ୍ର ଘରଘର ବୁଲି ଏସମ୍ପର୍କରେ ଅବଗତ କରାଇଛି । ନିଜ ନିଜର ଆସବାବପତ୍ର ବାହାର କରିବାକୁ କୁହାଯାଇଛି । ବିଏମ୍‌ସିର ଡାକବାଜୀ ଯନ୍ତ୍ର ପ୍ରଚାର କରିବା ପରେ ସାଲିଆସାହିରେ ଚାପା ଉତ୍ତେଜନା ଦେଖାଦେଇଛି । ଥଇଥାନ ନ କରି କେମିତି ଉଚ୍ଛେଦ କରାଯିବ । ଏହା ଆଇନ୍ ବିରୋଧୀ ବୋଲି ବସ୍ତିବାସିନ୍ଦା କହିଛନ୍ତି । ତେବେ ଉଚ୍ଛେଦ ହେଲେ ଘର ନୁହେଁ ଜମି ଦିଆଯିବ ବୋଲି ବିଜେପି ୨୦୨୪ରେ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା । ହେଲେ ଭୋଟ୍ ନେଇ ସରକାରକୁ ଆସିଲା ପରେ ପ୍ରତିଶ୍ରୁତି ପାଳନ କାହିଁକି କରୁନାହିଁ ବୋଲି ବସ୍ତିବାସିନ୍ଦା ଗର୍ଜି ▶ପୃଷ୍ଠା-୭



ଉତ୍ତେଜନା ଆଶଙ୍କାରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ

ବିଜେପି ଜମିଦେବା ନିର୍ବାଚନ ପ୍ରତିଶ୍ରୁତିକୁ ଗର୍ଜି କରିଛନ୍ତି ବସ୍ତିବାସିନ୍ଦା

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୪୦ ଏକର ଜମି ହସ୍ତାନ୍ତର

ଜୟପୁର, ୧୭ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂତନ ଭବନ ନିର୍ମାଣ ପାଇଁ ସ୍ଥାନୀୟ ତହସିଲ ରଣ୍ଡାପାଲ୍ଲୀ ମୌଜା ଠାରେ ୪୦ ଏକର ଚିହ୍ନଟ ହୋଇଥିବା ଜମିକୁ ବିଶ୍ୱବିଦ୍ୟାଳୟ ନାମରେ ଜମିପଟ୍ଟା ହସ୍ତାନ୍ତର କରାଯାଇଛି। ଆଜି ଜୟପୁର ତହସିଲ କାର୍ଯ୍ୟାଳୟ ଅତିରିକ୍ତ ତହସିଲଦାର ଦୁଇଟି ଖାତା ନମ୍ବରରେ ସମୁଦାୟ ୪୦ ଏକରର ଜମି ପଟ୍ଟା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନାମରେ ଜମି ପଟ୍ଟା ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକଙ୍କ ପ୍ରଦାନ କରାଯାଇଛି। ଜୟପୁର ତହସିଲ ରଣ୍ଡାପାଲ୍ଲୀ ମୌଜାର ଖାତା ନମ୍ବର ୧୮୫/୧୦ରେ ପ୍ଲଟ ନମ୍ବର ୭୨/୨/୧୨୯୦ରେ ୩୨ ଏକର ଏବଂ ପ୍ଲଟ ନମ୍ବର ୭୨/ ୨/୬୮୭/୧୨୯୧ ରେ ୮ ଏକର ସମୁଦାୟ ୪୦ ଏକର ପତିତ ଜମି ପ୍ରଦାନ କରାଯାଇଛି। ଏଥି କୋରାପୁଟ ଜିଲ୍ଲାପାଳ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କ ନିକଟରେ ଏହି ଜମି ହସ୍ତାନ୍ତର ନେଇ (ଏଲିଏସନ କେଶ ରେକର୍ଡ -୩/୨୦୨୫) ମାମଲା ରୁଜୁ ହୋଇଥିଲା ଏବଂ ଗତ ୨୦୨୨ ମସିହାରେ ଚିହ୍ନଟ ଜମିର ସମ୍ପୂର୍ଣ୍ଣ ବିପରଣୀ ପ୍ରଦାନ କରାଯାଇଛି। ଉକ୍ତ ଜମିକୁ ଗତ ୨୦୨୩ ମସିହାରେ ଉଚ୍ଚ ଶିକ୍ଷା ବିଭାଗର ତତ୍କାଳୀନ ସ୍ୱତନ୍ତ୍ର ସଚିବ ଏବଂ ଦୁଇ ବରିଷ୍ଠ ଅଧିକାରୀ ଗସ୍ତ ବେଳେ ଜୟପୁର ଆଖପାଖ



ଅଞ୍ଚଳର ୩ଟି ସ୍ଥାନ ବୁଲି ଦେଖିଥିଲେ। ଏଥିରେ ରଣ୍ଡାପାଲ୍ଲୀ ଗ୍ରାମପଞ୍ଚାୟତ ସ୍ଥିତ ପଲିଟେକ୍ନିକ କଲେଜ ନିକଟସ୍ଥ ୭୨ ଏକର ଜମି, ଆମ୍ବାଗୁଡା ଗ୍ରାମ ଠାରେ ପୁରାତନ ଡି.ଏନ.କେ କୋଲନୀ ଏବଂ ଜମି, ବାରିଣିପୁଟ ପଞ୍ଚାୟତ ସଦର ଗ୍ରାମ ମହୁଲଭଟ୍ଟା ରାସ୍ତାରେ ୭୦ ଏକର ଜମି ଏବଂ ଜୟପୁର ଜଗନ୍ନାଥ ସାଗର ଏବଂ ଗ୍ଲୋକାଲ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱର ୪୫ ଏକର ଜମି ବୁଲିଦେଖିଥିଲେ। ଶେଷରେ ରଣ୍ଡାପାଲ୍ଲୀ ନିକଟସ୍ଥ ୪୦ ଏକର ଜମି ଚିହ୍ନଟ କରାଯାଇଥିଲା। କିନ୍ତୁ ୪୦ଏକର ଜମି ବିଶ୍ୱବିଦ୍ୟାଳୟ ପରିସରରେ ପାଇଁ କମୁଥିବା ଯୋଗୁଁ ନିକଟସ୍ଥ ପ୍ରାୟ ୩୦ ଏକର ଗୋଚର ଜମି କିମ୍ବା ଅନ୍ୟ କୌଣସି ନିକଟସ୍ଥ ଜମି ନିମନ୍ତେ ଆବେଦନ କରାଯିବ ବୋଲି ରେଜିଷ୍ଟ୍ରାର ମହେଶ୍ୱର ନାୟକ ପ୍ରକାଶ କରିଛନ୍ତି। ଏହିପରି ଅତିଶିଘ୍ର ଭବନ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରକାଶଯେ, ଗତ ୨୦୨୩ ମସିହା ଫେବୃୟାରୀ ୩ ତାରିଖ କୋରାପୁଟ ଜିଲ୍ଲା ଜୟପୁର ସହରର ପୁରାତନ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୭୫ତମ ପ୍ଲାଟିନିୟମ ଜୁବୁଲି ବାର୍ଷିକ ଉତ୍ସବ ପାଳନ ଅବସରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମ ମାଧ୍ୟମରେ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧିନରେ କୋରାପୁଟ, ରାୟଗଡା, ନବରଙ୍ଗପୁର ଏବଂ ମାଲକାଗିରି ଜିଲ୍ଲା ୩୯ ମହାବିଦ୍ୟାଳୟ ରହିଛି।

## କୋଲାବ୍ ବ୍ରିଜ ନେଇ ଆନ୍ଦୋଳନ ଆଜି

ଜୟପୁର/ବୈପାରୀଗୁଡ଼ା,୧୭ ।୧୧ (ସମିସ): ଜୟପୁର-ମାଲକାନଗିରିକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ପାତ୍ରପୁଟ ନିକଟସ୍ଥ ୯୪ ବର୍ଷର ପୁରାତନ ବ୍ରିଟିଶ ଶାସନର ଅମଳର ଲୁହାରେ ନିର୍ମିତ କୋଲାବ ନଦୀ ପୋଲର ସୁରକ୍ଷା ପାଇଁ ବୈପାରିଗୁଡା ଏବଂ ଜୟପୁର ବ୍ଲକ ବାସିନ୍ଦାଙ୍କୁ ନେଇ ପୋଲ ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ପୂର୍ବାହ୍ନ ୭ ଘଟିକା ଠାରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ୫ ଘଣ୍ଟିଆ ରାସ୍ତା ଅବରୋଧ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରକାଶ କରାଯାଇଛି ଗତ ଅକ୍ଟୋବର ୧୪ ତାରିଖରେ ଜୟପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରି ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଜାତୀୟ ରାଜପଥ ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଭାଗିୟ ଅଧିକାରୀ ତଦନ୍ତ କରିଥିଲେ ଏବଂ ଏହାର ରକ୍ଷଣା ବେକ୍ଷଣ ନେଇ ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଏକ ମାସର ବିତି ହୋଇଯାଇଥିଲେ ସୁଦ୍ଧା ମରାମତି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ତେଣୁ ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ମଙ୍ଗଳବାର ଦିନରେ ୫ ଘଣ୍ଟିଆ ରାସ୍ତା ଅବରୋଧ ନେଇ ନିଷ୍ପତି ଗ୍ରହଣ କରିବା ସହିତ ଉପଜିଲ୍ଲାପାଳ ଏବଂ ବୈପାରୀଗୁଡା ଥାନା ଅଧିକାରୀଙ୍କୁ ଅଗ୍ରୀମ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଏହି ଅବସରରେ ଯାତାୟାତ ପୋଲ ଉପରେ ରାସ୍ତାରୋକ କରାଯିବ। ଫଳରେ ଜୟପୁର- ମାଲକାନଗିରିକୁ ସଂଯୋଗ କରୁଥିବା ଯାତାୟାତ ରାସ୍ତା ବନ୍ଦ ରହିବ।

## ଭାଲୁ ଆକ୍ରମଣରେ ଯୁବକ ଆହତ

**ନନ୍ଦାହାଣ୍ଡି,୧୭।୧୧(ସମିସ):** ନନ୍ଦାହାଣ୍ଡି ବ୍ଲକ ବି.ମାଳିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗରଡୁଗୁଡ଼ା ଓ ଏକମ୍ବା ମଝି ରାସ୍ତା ଉପରେ ଯୁବକ ଜଣକୁ ହଠାତ୍ ଭାଲୁ ଆକ୍ରମଣ କରିଥିଲା। ଆହତ ଯୁବକ ଜଣଙ୍କ ଶଗୁନ କୁମାର(୨୮) ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ଇନ୍ଦ୍ରାବତୀ ନଦୀରେ ଗରଡୁଗୁଡ଼ା ନିକଟରେ ଓସିସି କମ୍ପାନୀ ଦ୍ୱାରା ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ କାର୍ଯ୍ୟରେ ବିହାର ରାଜ୍ୟରୁ ଆସି କାମକରୁଥିବା ଶ୍ରମିକ ବୋଲି ଆହତ ଜଣକ ଜଣାପଡିଛି । ରବିବାର ସଉଦା କିଣିବା ପାଇଁ ବି.ମାଳିଗୁଡ଼ା ଗ୍ରାମକୁ ଯାଇ ରାତିରେ ନିଜ କ୍ୟାମ୍ପକୁ ବାଇକ ଯୋଗେ ଫେରୁଥିଲେ। ସେଠାରେ ଭାଲୁ ସହ ମୁହାମୁହିଁ ହେବାରୁ ଯୁବକ ଜଣକୁ ଗୁରୁତର ଭାବେ ଆକ୍ରମଣ କରିଥିଲା। ସ୍ଥାନୀୟ ଦୁଇ ଜଣ ଯୁବକ ଯଥା ତୁଳାରାମ ହରିଜନ ଓ ଘାସିରାମ ହରିଜନ ମାନବିକତା ଦେଖାଇ ଆହତକୁ ନିଜ କାର ଯୋଗେ ନବରଙ୍ଗପୁର ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରି ଥିଲେ।

## ଲେଡିସ୍ କ୍ଲବର ଖାଦ୍ୟ ପ୍ରତିଯୋଗିତା

ରାୟଗଡା, ୧୭।୧୧(ସମିସ): ଲେଡିସ୍ କ୍ଲବ, ରାୟଗଡା ଆନୁକୂଲ୍ୟରେ ଆଜି ଲଏନ୍ସ କ୍ଲବ ପରିସର ଠାରେ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟା ମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସହଭାଗିତା ସହିତ ସୁଷମ ଖାଦ୍ୟର ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀତା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ରେ ରୁବି କୁଣ୍ଡୁ ଓ ସୁଶ୍ରୀତା ଦାସ ନିମନ୍ତ୍ରୀତ ଅତିଥି ଓ ଜର୍ଜ ଭାବେ ଯୋଗ ଦେଇଥିଲେ। ଅଳକା ଦାସଙ୍କ ଦିଗଦର୍ଶନ ସହିତ କ୍ଲବର ସଭାପତି କସ୍ତୁରୀ



ସାହୁଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯକ୍ରମ ସମ୍ପାଦନ କରାଯାଇଥିଲା। ସମ୍ପାଦିକା ଜ୍ୟୋତିପ୍ରଭା ମହାପାତ୍ର, କୋଷାଧକ୍ଷା ବୁରୁଡି ଲକ୍ଷ୍ମୀ ତଥା ସମସ୍ତ ସଦସ୍ୟା କାର୍ଯକ୍ରମରେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ। ସମୁଦାୟ ୧୦ ଜଣ ସଦସ୍ୟା ଖାଦ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତରେ କେ ଶୋଭାରାଣୀ (ପ୍ରଥମ ମିଠା ଖାଦ୍ୟ), ଅର୍ଚ୍ଚନା ବର୍ମା ( ଦ୍ୱିତୀୟ ମିଠା ଖାଦ୍ୟ) ଓ ପୁଷ୍ପଲତା (ପ୍ରଥମ ଖାରା ଖାଦ୍ୟ) ଓ ଖୁସ୍ସବୁ କୁମାରୀ (ଦ୍ୱିତୀୟ ଖାରା ଖାଦ୍ୟ ) ସ୍ଥାନ ଗ୍ରହଣ କରିଥିଲେ। ତାସହିତ ଅବଶିଷ୍ଟ ସମସ୍ତଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରକ୍ତଦାନ ଶିବିର ଆୟୋଜିତ

କାକିରିଗୁମା,୧୭।୧୧(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଯୁବ ରେଡକ୍ରସ ଓ ଏଫ୍‌ବିଡିଓଓ ତରଫରୁ ବିଦ୍ୟାଳୟର ଅଡିଟୋରିଅମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡା. ନରେଶ ଚନ୍ଦ୍ର ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟିନ କରିଥଲେ। ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ଓଡିଶା ବ୍ଲଡ୍ ସେଣ୍ଟର୍‌ଅଫିସର୍ ଡାକ୍ତର ମଧୁସୁଦନ ବଳିଆରସିଂ, ଦେବବ୍ରତ ଦାସ




ଓ ତାଙ୍କ ଟିମ୍ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଓଡିଶା ରକ୍ତଦାତା ମହାସଂଘ କୋରାପୁଟ ଶାଖାର ସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦିକା ସ୍ନିଗ୍ଧା ରାଣୀ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଓ ପ୍ରିୟଙ୍କା ସାହୁ ଶିବିର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ଅଧକ୍ଷା ଶ୍ରୀମତୀ ରାଉତଙ୍କ ସଭାପତିତ୍ୱରେ ରକ୍ତଦାନ ସଂପର୍କିତ ଏକ ସଚେତନା ସଭାର ଆୟୋଜନ କରାଯାଇଥିଲା। ସଂପାଦିକା ଶ୍ରୀମତୀ ମିଶ୍ର ମହିଳାମାନେ ରକ୍ତଦାନ କ୍ଷେତ୍ରରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ସହାୟତା ପ୍ରଦାନ କରିଥିଲେ। ଫେଡେରେସନ ଅଫ ବ୍ଲଡ଼ ଡୋନର ଅର୍ଗାନାଇଯେସନ ଅଫ ଓଡ଼ିଶା ତରଫରୁ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରଯାଇଥିଲା।

## ଦୁଇହାତ ନଥିବା ଶିଶୁ ଜନ୍ମ

କୋଷାଗୁମୁଡା,୧୭।୧୧(ସମିସ): କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ହାତ ନ ଥିବା ଏକ ଶିଶୁ ଜନ୍ମ ହୋଇଛି। ରବିବାର ଅପରାହ୍ଣରେ ସନ୍ତୋଷପୁର ଗ୍ରାମପଞ୍ଚାୟତ ଏକ ଦମ୍ପତିଙ୍କ ଏଭଳି ଶିଶୁ ଜନ୍ମ ହୋଇଛି। ଏହି ଦିବ୍ୟାଙ୍ଗ ଶିଶୁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶିଶୁ ପୁତ୍ରର ସ୍ୱାସ୍ଥ୍ୟ ଠିକ୍ ଅଛି ବୋଲି କୋଷାଗୁମୁଡା ମେଡ଼ିକାଲ ପକ୍ଷରୁ ଜଣାପଡ଼ିଛି। ଏହି ଦମ୍ପତିକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଭାଲୁ ଆତଙ୍କ

କୁନ୍ଦୁରା, ୧୭।୧୧(ସମିସ): କୁନ୍ଦୁରା ବ୍ଲକ ସଦର ମହକୁମା ଠାରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି । ଖାଦ୍ୟ ଅନ୍ୱେଷଣ ନିମନ୍ତେ ଗାଁ ମୁହାଁ ହେଉଛନ୍ତି ଭାଲୁ । କୁନ୍ଦୁରା ବ୍ଲକର ସାଗରଗୁଡା, କୁଡୁମ୍ ପଦର, ବଙ୍ଗଛିଞ୍ଚି ଭଳି ବିଭିନ୍ନ ଅଞ୍ଚଳରେ ଭାଲୁ ବୁଲୁଥିବାର ଭିଜୁଆଲ ଅଞ୍ଚଳବାସୀଙ୍କ ମୋବାଇଲରେ କଏଦ ହୋଇ ଭିଡିଓ ଭାଇରାଲ ହେବାରେ ଲାଗିଛ। ଜଙ୍ଗଲ ନଷ୍ଟ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବିଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଆଉ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରିବା ପାଇଁ ଦାବି ହେଉଛି।

● ସାଇବର ଠକେଇର

## ଯୁବକଙ୍କ ଆକାଉଣ୍ଟରୁ ଚାଲିଗଲା ୫୬ ହଜାର

ରାୟଗଡ଼ା,୧୭।୧୧(ସମିସ): ରାୟଗଡ଼ା ଜିଲ୍ଲାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ମାସ ବ୍ୟାପି ଜାରି ରହିଥିବା ବେଳେ ଜଣେ ଯୁବକ ସାଇବର ଠକଙ୍କ ଠକାମୀର ଶିକାର ହୋଇ ୫୬ହଜାର ଟଙ୍କା ହରାଇଛନ୍ତି ଗତ ୧୬ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଂଟରୁ ୟୁପିଆଇ ମାଧ୍ୟମରେ ସାଇବର ଅପରାଧୀ ୬ଟି କାରବାରରେ ୫୬ ହଜାର ୩୪୬ଟଙ୍କା ଗାଏବ କରିଦେଇଥିବା ନେଇ ଅଭିଯୋଗ ଆସିଛି। ସାଇବର ଠକାମୀର ଶିକାର ହୋଇଥିବା ଯୁବକ ଜଣକ ହେଲେ କଳାହାଣ୍ଡି ଜିଲ୍ଲାର ଘାସିରାମ ନାଏକ। ସେ ରାୟଗଡାରେ ରହୁଥିବା ବେଳେ ଘାସିରାମଙ୍କ କହିବାନୁସାରେ ସେ କିଛି ଦିନ ତଳେ ନିଜ ଗାଁକୁ ଯାଇଥିଲେ। ଗାଁରେ ମୋବାଇଲ ନେଟୱର୍କ ସମସ୍ୟା ରହିଥିବା ବେଳେ କେହି ଦୁର୍ବୃତ୍ତ ୟୁପିଆଇ ଟେକ୍ନୋଲୋଜି ବ୍ୟବହାର କରି ତାଙ୍କ ଆକ୍ସିସ ବ୍ୟାଙ୍କ ଆକାଉଣ୍ଟରୁ ୫ଥର ୧୦ହଜାର ଟଙ୍କା ଲେଖାଏଁ ଏବଂ ଶେଷ ଥର ୫ହଜାର ୩୪୬ଟଙ୍କା ଉଠାଇ ନେଇଛି। ସେଥିରୁ ୩ ଥର ୧୦ ହଜାର ଟଙ୍କା ଆଦେଶ କୁମାର ଯାଦବ ନାମକ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଯାଇଥିବା ବେଳେ ଦୁଇ ଥର ୧୦ ହଜାର ଟଙ୍କା ଓ ୫୩୪୬ଟଙ୍କା ଅନନ୍ତ କୁମାର ନାମକ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଯାଇଛି। ଘାସିରାମ ଏ ନେଇ ରାୟଗଡ଼ା ସ୍ଥିତ ଆକ୍ସିସ ବ୍ୟାଙ୍କରେ ଲିଖିତ ଅଭିଯୋଗ କରିବା ସହିତ ସାଇବର ସେଲରେ ମଧ୍ୟ ଅଭିଯୋଗ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କାଶୀପୁର,୧୭।୧୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍.କୁମାର, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ମନୀଷା ଦାସ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡାର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ସମିତି ଅଧକ୍ଷ କଣ୍ଟ ମାଝି ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ। ଆଜି ମୋଟ ୧୪୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୮୮ଟି ବ୍ୟକ୍ତିଗତ ଓ ୫୩ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜଣକୁ ରେଡକ୍ରସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ଏବଂ ଆଉ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତିରିଶ ହଜାର ଟଙ୍କା ସହାୟତା ଜିଲ୍ଲାପାଳ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ।

## ଇସ୍ତଫା ଦେଲେ ଓାର୍ଡମେମ୍ବର

କୋରାପୁଟ,୧୭।୧୧(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଗୋଡିହଞ୍ଜର ସରପଞ୍ଚଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ଇସ୍ତଫା ଦେଲେ ବାଙ୍ଗୁରୀପଡା ଓାର୍ଡ ନମ୍ବର ୯ର ଓାର୍ଡମେମ୍ବର ଡାଳିମା ଶିଶା। କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଶ୍ରୀମତୀ ଶିଶାଙ୍କ ଅଭିଯୋଗ ଅନୁଯାୟୀ ଗୋଡିହଞ୍ଜର ସରପଞ୍ଚ ଓାର୍ଡମେମ୍ବର ମାନଙ୍କୁ ଅଣଦେଖା କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ଦଲାଲ ମାନଙ୍କୁ ପୁରାଇ କାର୍ଯ୍ୟ ପରିଚାଳନା କରିବା ସହ ୩ବର୍ଷ ହେଲା ଗ୍ରାମସଭା କି ପଲ୍ଲୀସଭା ନକରି ମନମୁଖୀ ଗ୍ରାମପଞ୍ଚାୟତ କାର୍ଯ୍ୟ ପରିଚାଳନା କରୁଛନ୍ତି। ତାଙ୍କ ସମ୍ପର୍କୀୟ ମାନେ ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ, ନକଲି ଦସ୍ତଖତରେ କାର୍ଯ୍ୟ ପରିଚାଳିତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ଲମତାପୁଟ ଏବିଡିଓଙ୍କ ଦ୍ୱାରା ଯାଞ୍ଚ କାର୍ଯ୍ୟ ସମ୍ପାଦନ କରାଯାଇ ଅନାସ୍ଥାକୁ ନାକଚ କରାଯାଇଥିଲା । ଯାହାକୁ ନେଇ ସେ ସନ୍ତୁଷ୍ଟ ନଥିବା ଓାର୍ଡମେମ୍ବର ଡାଳିମା ଶିଶା କହିଛନ୍ତି।

## କୋରାପୁଟ ଜିମ୍‌ର ସଫଳତା

କୋରାପୁଟ,୧୭।୧୧(ସମିସ): ଷଷ୍ଠ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ କୋରାପୁଟ ଜିମ୍‌ର ପ୍ରତିଯୋଗୀ ମାନେ ସଫଳତା ହାସଲ କରିଛନ୍ତି। ପ୍ରଥମ ଥର ପାଇଁ ମାଲକାନାଗିରି ଜିଲ୍ଲାରେ ଷଷ୍ଠ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ହୋଇଥିଲା। କୋରାପୁଟ ଜିମ ପକ୍ଷରୁ ସାମ୍ବାଦିକ ଭବାନୀ ଶଙ୍କର ମିଶ୍ର ୧୦୫ କେଜି ଏବଂ ବେଞ୍ଚ ପ୍ରେସ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୯୩ କେଜି ଏବଂ ବେଞ୍ଚ ପ୍ରେସ ପ୍ରତିଯୋଗିତାରେ ଅଜିତ କୁମାର ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୮୩କେଜି ପ୍ରତିଯୋଗିତାରେ ସଞ୍ଜୟ କୁମାର ନାଗ ଦ୍ୱିତୀୟ ସ୍ଥାନ ଅଧିକାର କରି କୋରାପୁଟ ଜିମ୍ ପାଇଁ ଗୌରବ ଆଣିଛନ୍ତି। ଉଦଯାପନୀ ଉତ୍ସବରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଚାରକ ଭାବେ ସତ୍ୟନାରାୟଣ ପାଣି ଉପସ୍ଥିତ ଥିବା ବେଳେ ସିଦ୍ଧାର୍ଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବେଞ୍ଚ ପ୍ରେସ ପ୍ରତିଯୋଗିତା

## ଦୁଇ ଯୁବତୀଙ୍କ ସ୍ୱର୍ଣ୍ଣପଦକ ହାସଲ




ରାୟଗଡ଼ା,୧୭।୧୧(ସମିସ): ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ଭୁବନେଶ୍ୱର ସ୍ଥିତ କରାଟେ ବିଦ୍ୟାଳୟଠାରେ ରାଜ୍ୟ ବେଞ୍ଚ ପ୍ରେସ ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲାରୁ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ୬୩ କିଲୋରେ ଗୁଣପୁରର କେ.ରାଧାରାଣୀ ସ୍ୱର୍ଣ୍ଣ ପଦକ ଏବଂ କୋଲନରା ବ୍ଲକ ହାତୀଖମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା ପ୍ରତିଯୋଗୀ ଦମୟନ୍ତୀ ବାତ୍ରିଆ ମାଷ୍ଟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାୟଗଡ଼ା ଶକ୍ତିଉତୋଳନ ସଂଘର ସମ୍ପାଦକ ସଦାଶିବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଦୁଇ ପଦକ ବିଜୟୀ ମହିଳା ଖେଳାଳି ମାନେ ୨୦୨୬ ଜାନୁଆରୀରେ ହରିୟାଣାର ଫରିଦାବାଦରେ ଆୟୋଜିତ ହେବାକୁ ଥିବା ଜାତୀୟ ବେଞ୍ଚ ପ୍ରେସ ପ୍ରତିଯୋଗିତା ପାଇଁ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ଚୟନ ହୋଇଛନ୍ତି। ଦୁଇ ପ୍ରତିଯୋଗୀଙ୍କ ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଚିକିତ୍ସା ଅବହେଳାରୁ ହଷ୍ଟେଲ୍ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ଉମରକୋଟ,୧୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସର ସପ୍ତମ ଶ୍ରେଣୀ ଛାତ୍ରୀ ଭବାନୀ ହରିଜନଙ୍କ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରଲୋକ ଘଟିଛି। ଭବାନୀ ଗତ କାଲି ଠାରୁ ଅସୁସ୍ଥ ଥିଲେ ଆଜି ଅପରାହ୍ନରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ ଯୋଗେ ପରିବାରଙ୍କୁ ଜଣାଇଥିଲେ ଏବଂ ଭବାନୀଙ୍କୁ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ବିଦ୍ୟାଳୟ କତୃପକ୍ଷ ଚିକତ୍ସାଳୟ ନେବା ବ୍ୟବସ୍ଥା କରିନଥିବାରୁ ନିକଟସ୍ଥ ଜଣେ ଅଭିଭାବକ ଛାତ୍ରୀନିବାସକୁ ଯାଇ ଝିଅ ଗୁରୁତର ଥିବା ଦେଖି ଅଟୋ ଯୋଗେ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲେ। ଏହି ସମୟରେ ବିଦ୍ୟାଳୟ କତୃପକ୍ଷ ନିଜ ତରଫରୁ ଏକ ଅଟୋ ଯୋଗେ ଅନ୍ୟ ତିନି ଝିଅଙ୍କ ସହ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିଲେ। ସେଠାରେ ଚିକିତ୍ସକ ଭବାନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀ ଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ ଉପଯୁକ୍ତ ସମୟରେ ଚିକିତ୍ସା ବ୍ୟବସ୍ଥା ନ କରିବା ଯୋଗୁଁ ଭବାନୀଙ୍କ ମୃର୍ତ୍ତ୍ୟୁ ଘଟିଛି। ଅନ୍ୟ ପକ୍ଷରେ ଉମରକୋଟ ଗୋଷ୍ଠି ଶିକ୍ଷା ଅଧିକାରୀ ଇଶ୍ୱର ମାଝୀ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି




ସେମିଳିଗୁଡା,୧୭।୧୧ (ସମିସ): ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ,ଅତିରିକ୍ତ ଏସପି ଅମ୍ରିତ ମହାନ୍ତି ଯୋଗ ଦେଇ ଜନ ସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଆଜିର ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ୧୬ ଟି ବ୍ୟକ୍ତିଗତ ଏବଂ ୩୪ଟି ସାମୁହିକ ମୋଟ ୫୦ ଅଭିଯୋଗର ଶୁଣାଣି କରି ୧୦ଟିର ସମାଧାନ କରା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରବି ନାରାୟଣ ମିଶ୍ର, ସ୍ଥାନୀୟ ବିଡିଓ ଜସ୍ମିନ କୁମାର ପ୍ରଧାନ, ତହସିଲଦାର ଦେବବ୍ରତ କରାତି, ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କଲେ ଯୁବ ଗୋଷ୍ଠୀ

ତେନ୍ତୁଳିଖୁଣ୍ଟି,୧୭।୧୧(ସମିସ): ମୁମୂର୍ଷୁ ଅବସ୍ଥାରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଉଦୟପୁର ଗ୍ରାମ ନିକଟରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କଲେ ଯୁବଗୋଷ୍ଠୀ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ପାହାଡ଼ ଉପରେ ଜଣେ ଅଜଣା ବ୍ୟକ୍ତ ରହୁଥିଲେ। ସେ ଖିଆ ପିଆ ମଧ୍ୟ କରୁନଥିବା ଯୋଗୁଁ ଅସୁସ୍ଥ ରହିଥିଲେ। ଆଜି ସନ୍ଧ୍ୟା ରେ ଉଦୟପୁର ଗ୍ରାମର ଅଲେଖ ଟାକ୍ରୀ, କୁନୁ ପୂଜାରୀ, ପୁରୀ ପୂଜାରୀ, କୁମ ପାତ୍ର ପାହାଡ଼ ଉପରୁ ଯାଇ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ବିଏସଏସଓ ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ନନ୍ଦାହାଣ୍ଡି,୧୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡା ପଞ୍ଚାୟତ ପିପଲଗୁଡ଼ା ନିକଟରେ ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହେଇଛି। ମୃତ ବ୍ୟକ୍ତି ଜଣକ ହେଲେ ସିନ୍ଧିଗୁଡା ଗ୍ରାମପଞ୍ଚାୟତ ଦଳେଗୁଡାର ତ୍ରିଲୋଚନ ହରିଜନ (୩୫) । ବାଇକ ଚାଳକ ନବରଙ୍ଗପୁର ଠାରୁ ନିଜ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଟ୍ରାକ୍ଟର ଯାଉଥିବା ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ନବରଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବସରୁ ୫ ବର୍ଷର ନାବାଳକ ଉଦ୍ଧାର

ଜୟପୁର, ୧୭ ।୧୧ (ସମିସ): ଜୟପୁର ଘରୋଇ ବସ୍‌ଷ୍ଟାଣ୍ଡରେ ଆଜି ପୂର୍ବାହ୍ନରେ ହାଇଦ୍ରାବାଦରୁ ଜୟପୁର ଆସିଥିବା ଏକ ଘରୋଇ ବସରୁ ୫ ବର୍ଷ ବୟସର ଏକ ନାବାଳକୁ ଉକ୍ତ ବସର କର୍ମଚାରୀ ମାନେ ଉଦ୍ଧାର କରିବା ସହିତ ଜୟପୁର ସଦରଥାନାକୁ ହସ୍ତାନ୍ତର କରିଥିଲେ। ଏହିପରି ସଦରଥାନା ପୁଲିସ ନାବାଳାକଙ୍କୁ ପଚରା ଉଚରା ପରେ କୋରାପୁଟ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥିତ କରାଯାଇଛି। କୋରାପୁଟ ଠାରେ ନାବାଳକକୁ ରଖାଯାଇଥିବା ବେଳେ ତାହାର ପରିଚୟ ନେଇ ଚେଷ୍ଟା ଜାରି ରହିଛି ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ାରେ ଚମକିଲେ ରାୟଗଡ଼ା ଖେଳାଳି

ରାୟଗଡ଼ା,୧୭।୧୧(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୬୯ତମ ରାଜ୍ୟ ସ୍ତରୀୟ ଚଉଦ ବର୍ଷ ଓ ସତର ବର୍ଷରୁ କମ, ବିଦ୍ୟାଳୟ ଆଥଲେଟିକ୍ସ, ବେସବଲ ଓ ସଫ୍ଟବଲ ପ୍ରତିଯୋଗିତା ଚଳିତ ନଭେମ୍ବର ୧୩ ରୁ ୧୫ ତାରିଖ ମଧ୍ୟରେ ବାଲେଶ୍ୱରସ୍ଥିତ ଖ୍ରୀଷ୍ଟିୟାନ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡା ଜିଲ୍ଲାରୁ ଅଠଚାଳିଶ ଜଣ ଖେଳାଳି ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରତିପାଦିତ କରିଛନ୍ତି । ଖେଳାଳିମାନେ ତିନୋଟି କପ୍, ଚାରୋଟି ମେଡାଲ ଓ ଜିଲ୍ଲାର ସଫଳତା



ପାଇଁ ଏକ ସ୍ୱତନ୍ତ୍ର ଟ୍ରଫି ନେଇ ସୋମବାର ଦିନ ଭୋର ଟ୍ରେନଯୋଗେ ରାୟଗଡାରେ ପହଞ୍ଚିଥିଲେ। ରେଳ ଷ୍ଟେସନରେ ହେଡକୋଚ, ମାନେଜର ସମେତ ସମସ୍ତ ଖେଳାଳିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଏଡିଇଓ ଭଜନଲାଲ ମାଝୀ, ଏଡିଇଓ ଶାନ୍ତିଲତା ମୁନୀ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲ୍ଲୀନୂର, ଜିଲ୍ଲା ଶିକ୍ଷା କ୍ରୀଡା ନିରୀକ୍ଷକ ହରିହର ପାତ୍ର, ଏୟୁପିଟିଏଫ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୀଳାଞ୍ଚଳ ମିଶ୍ର, ସୁରେଶ ପଟ୍ଟନାୟକ, ନରେଶ ସ୍ୱାଇଁ ସମେତ ଜିଲ୍ଲାର କ୍ରୀଡା ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟ ଆଥଲେଟିକ୍ସ ୩୦୦୦ ମିଟର ଦୌଡରେ କଲ୍ୟାଣସିଙ୍ଗପୁର ବ୍ଲକ ପୋଲମା ଉଚ୍ଚ ବିଦ୍ୟାଳୟର ଲଳିତା ତଇକା ବ୍ରୋଞ୍ଜ ମେଡାଲ, ୨୦୦ ମିଟର ଦୌଡରେ ପୋଲମା ଉଚ୍ଚ ବିଦ୍ୟାଳୟର ମୌସୁମୀ ମାଝୀ ସିଲଭର ମେଡାଲ, ସଟପୁଟ ରେ ଡୁକୁମ ଉଚ୍ଚ ବିଦ୍ୟାଳୟର ରେଖା ଜଗେରେଙ୍ଗା ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ୪୦୦ ମିଟର ହଡଲସ୍ ଦୌଡରେ ନାରାୟଣପୁର ଉଚ୍ଚ ବିଦ୍ୟାଳୟର ଦିପିକା ମିଣିଆକା ରାୟଗଡ ଜିଲ୍ଲା ପାଇଁ ପ୍ରଥମ କରି ବ୍ରୋଞ୍ଜ ମେଡାଲ ଆଣି ଇତିହାସ ସୃଷ୍ଟି କରିଛନ୍ତି। ବାଳିକା ବେସବଲ ଓ ଉଭୟ ବାଳକ ଓ ବାଳିକା ସଫ୍ଟବଲ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ଏଭଳି ତିନୋଟି ରନର୍ସ କପ୍ ହାସଲ କରି ରାୟଗଡ଼ା ଜିଲ୍ଲାର ଗାରିମାକୁ ଅଧିକ ସମୃଦ୍ଧ କରିଛନ୍ତି। ଏହି ଅବସରରେ ଦଳର ମୁଖ୍ୟ କୋଚ ରାଜେଶ ବାରିକ, ମ୍ୟାନେଜର ଗଣେଷ ମହାପାତ ତଥା କୋଚ ଗୌତମ ମୁଦିଲି , ରେବତୀ ପିଡିସିକା ଓ ସୁସ୍ମିତା ଶତପଥିଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାହକ ପ୍ରଶାସନ ତଥା ଶିକ୍ଷା ବିଭାଗ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କୃଷ୍ଣ ସିଂହଙ୍କୁ ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀ ସେବା ସମ୍ମାନ



ସେମିଳିଗଡ଼ା,୧୭।୧୧ (ସମିସ): ପ୍ରବାଦ ପୁରୁଷ ବିଶ୍ୱନାଥ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଉପଲକ୍ଷେ ବନବାସୀ ସେବା ସମିତି ବାଲିଗୁଡ଼ା ଦ୍ୱାରା ଆୟୋଜିତ ସମାରୋହରେ ସମାଜସେବୀ କୃଷ୍ଣ ସିଂହଙ୍କୁ ପ୍ରତିଷ୍ଠିତ ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀ ସ୍ମାରକ ସମ୍ମାନରେ ସମ୍ମାନିତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସିଂହଙ୍କୁ ଏକ ସ୍ମାରକୀ ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ୨୫୦୦୦ ଟଙ୍କା ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବନବାସୀ ସେବା ସମିତିର ସମ୍ପାଦକ ରବି ପଣ୍ଡା ସଭାପତିତ୍ୱ କରିଥିଲେ। ସମାରୋହରେ ଉପସ୍ଥିତ ବିଭିନ୍ନ ଗଣମାନ୍ୟ ବ୍ୟକ୍ତି, ସାମାଜିକ କର୍ମୀ ମାନେ କୃଷ୍ଣ ସିଂହଙ୍କ ଜୀବନବ୍ୟାପୀ ସେବା ଓ ତ୍ୟାଗକୁ ଭୂୟସୀ ପ୍ରଶଂସା କରିଛନ୍ତି। ବିଶେଷକରି ଭୂଦାନ ଆନ୍ଦୋଳନରେ ତାଙ୍କର ଅବଦାନ ଅତୁଳନୀୟ। ଏହି ଆନ୍ଦୋଳନରେ ଶ୍ରୀ ସିଂହ ଏକ କର୍ମଠ ଭୂମିକା ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇ ଅତ୍ୟନ୍ତ ଗର୍ବିତ ବୋଲ ଶ୍ରୀ ସିଂହ କହିଛନ୍ତ। ଏହି ସମ୍ମାନ ପରିଣତ ବୟସରେ ତାଙ୍କୁ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

### ୪ ପ୍ରମୁଖ ରାସ୍ତା ଶୋଚନୀୟ

# ଇନ୍ଦ୍ରାବତୀ ଆସୁନାହାନ୍ତି ପର୍ଯ୍ୟଟକ

ତେନ୍ତୁଳିଖୁଣ୍ଟି,୧୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନରେ ଥିବା ୪ ପ୍ରମୁଖ ଡ୍ୟାମ୍ ରାସ୍ତା ଶୋଚନୀୟ ହୋଇପଡିଛି। ଡେମକୁ ଯିବାକୁ ହେଲେ ୯୦ ଦଶକ ବେଳକୁ ନିର୍ମାଣ ହୋଇଥିବା ସେହି ପୁରୁଣା ଖାଲଖମା ରାସ୍ତାରେ ଯିବାକୁ ପଡୁଛି। ପ୍ରକଳ୍ପ ପ୍ରଶାସନ ଡ୍ୟାମ୍ ରାସ୍ତା ରକ୍ଷଣାବେକ୍ଷଣା ଦିଗରେ ଆଦୌ ଦୃଷ୍ଟି ଦେଉନଥିବା ଯୋଗୁଁ ଚାରି ପ୍ରମୁଖ ଡ୍ୟାମ୍ ଅଞ୍ଚଳକୁ ପର୍ଯ୍ୟଟକଙ୍କ ମାତ୍ରା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ୧୯୭୮ ମସିହା ଏପ୍ରିଲ ମାସ ୧୦ ତାରିଖ ଦିନ ଇନ୍ଦ୍ରାବତୀ ନଦୀବନ୍ଧ ବହୁମୁଖୀ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। କଳାହାଣ୍ଡି ଜିଲ୍ଲା ମୁଖିଗୁଡା ନିକଟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାର୍ଜୀ ଦେଶାଇଙ୍କ କରକମଳରେ ଭିତ୍ତି ପ୍ରସ୍ତର ସ୍ଥାପନ ପରେ ଆରମ୍ଭ ହୋଇଥିଲା ପ୍ରକଳ୍ପ କାର୍ଯ୍ୟ। ଚାରି ଟୀରସ୍ରୋତା ଇନ୍ଦ୍ରାବତୀ, କପୁର, ମୁରାନ ଓ ପୋଡାଗଡ଼ ନଦୀରେ ବନ୍ଧ ବାନ୍ଧିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଇନ୍ଦ୍ରାବତୀ ଓ ମୁରାନ ନଦୀ ଉପରେ କଙ୍କ୍ରିଟ୍ ବନ୍ଧ ଏବଂ କପୁର ଓ ପୋଡ଼ାଗଡ଼ ନଦୀ ଉପରେ ମାଟି ବନ୍ଧ ନିର୍ମାଣ ହୋଇଥିଲା। ସେତେବେଳେ ଚାରି ପ୍ରମୁଖ ବନ୍ଧ କୁ ଯାତାୟତ କରିବା ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ଚାରି ପ୍ରମୁଖ ଡ୍ୟାମ୍



ଯିବାକୁ ହେଲେ ପାହାଡ଼ ଉପରେ ଅଙ୍କାବଙ୍କା ହୋଇ ଲମ୍ବି ଯାଇଥିବା କଳା ରଙ୍ଗର ପିଚୁ ଚିକ୍‌ଚାକ୍ ରାସ୍ତା ପର୍ଯ୍ୟଟକଙ୍କ ମନକୁ ବେଶ ଆକୃଷ୍ଟ କରୁଥିଲା। ଆଜି ଚାରି ପ୍ରମୁଖ ରାସ୍ତା ଶ୍ରୀହୀନ ହୋଇପଡିଛି। ପାହାଡ଼ିଆ ପାଦ ଦେଶ ଦେଇ ୨୦ କିଲୋମିଟର ଦୂରରେ ରହିଛି ମୁରାନ ବନ୍ଧ। ବର୍ଷ ବର୍ଷ ଧରି ରାସ୍ତା ମରାମତି କରିବା ଦିଗରେ କାହାର ଦୃଷ୍ଟି ପଡୁନି। ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ରାସ୍ତା ନଷ୍ଟ ହୋଇ ଯାଇଛି। ଏମିତି କି ବୁଶ କଟିଙ୍ଗ ବ୍ୟବସ୍ଥା ଦିଗରେ ମଧ ପ୍ରକଳ୍ପ ପ୍ରଶାସନ ଦୃଷ୍ଟି ଦେଉନି। ଫଳରେ ରାସ୍ତାର ଉଭୟ ପାଶ୍ୱର୍ ଘାସ ବୁଦାରେ ପରିପୂର୍ଣ୍ଣ ହୋଇରହିଛି। ସେହିପରି କପୁର,ପ?ାଗଡ଼ ଓ ଦେଓପାଲି ବନ୍ଧ ରାସ୍ତା ଅବସ୍ଥା ମଧ ଅନୁରୂପ। ଯାହାକି ପର୍ଯ୍ୟଟକ ଙ୍କ କ୍ଷେତ୍ରରେ ଏହାର ବିଶେଷ ପ୍ରଭାବ ପ?ୁଛି। ବହୁବର୍ଷ ପୂର୍ବରୁ ଚାରି ପ୍ରମୁଖ ଡେମ ଅଂଚଳ କୁ ବହୁଳ ସଂଖ୍ୟାରେ ପର୍ଯ୍ୟଟକ ଙ୍କ ଶୁଅ

**● କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରକଳ୍ପ ପ୍ରଶାସନ**

ଛୁଟୁଥିଲା। ଚାରି ପ୍ରମୁଖ ଡେମ ର ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ପରିବେଶ ପର୍ଯ୍ୟଟକ ଙ୍କ ମନକୁ ବିମୋହିତ କରୁଥିଲା। ଶହ ଶହ ସଂଖ୍ୟାରେ ପର୍ଯ୍ୟଟକେ ଆସୁଥିଲେ। କିନ୍ତୁ ଆଜି ଆଉ ତାହା ଦେଖିବାକୁ ମିଳୁନି। ଜରାଜୀର୍ଣ୍ଣ ଅବସ୍ଥାରେ ଚାରି ପ୍ରମୁଖ ବନ୍ଧ ରାସ୍ତା। ପର୍ଯ୍ୟଟକ ଶୂନ୍ୟ ଡ୍ୟାମ୍ ପରିସର। ଖାଁ ଖାଁ ଲାଗୁଛି ଅଞ୍ଚଳ। ସମସ୍ତ ପ୍ରକାର ସାଧନ ଥାଇ ବି ଆଜି ଶ୍ରୀହୀନ ହୋଇ ପଡ଼ିଛି ଚାରି ପ୍ରମୁଖ ଡେମ ଅଂଚଳ। ଏଣୁ ଡେମ ରାସ୍ତା ଉନ୍ନତକରଣ ବ୍ୟବସ୍ଥା ପ୍ରତି ପ୍ରକଳ୍ପ ପ୍ରଶାସନ ଦୃଷ୍ଟି ଦେଲେ ପୂର୍ବଭଳି ପର୍ଯ୍ୟଟକଙ୍କ ଆଗମନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲ ରେ ମତ ପ୍ରକାଶ ପାଇଛି।

## ସାଇବର ସଚେତନତା ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତା

ସେମିଳିଗୁଡ଼ା,୧୭।୧୧ (ସମିସ): ସାଇବର ସୁରକ୍ଷା ବିଷୟରେ ନାଗରିକମାନଙ୍କୁ ସଚେତନ କରାଇବା ଲକ୍ଷ୍ୟରେ କୋରାପୁଟ ଜିଲ୍ଲା ପୋଲିସ୍ ଏକ ମଡେଲ ପ୍ରଦର୍ଶନୀ ଓ ପ୍ରତିଯୋଗିତାର ଆୟୋଜନ କରିଥିଲେ। ଏହି ପ୍ରତିଯୋଗିତାରେ ସେମିଲିଗୁଡ଼ା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେମିଲିଗୁଡ଼ା ମହାବିଦ୍ୟାଳୟର ୪୫ ଜଣ ଛାତ୍ରଛାତ୍ରୀ ମିଶି ୨୦ଟିରୁ ଅଧିକ ମଡେଲ ଉପସ୍ଥାପନ କରିଥିଲେ। ସାଇବର ଅପରାଧ, ଇଣ୍ଟରନେଟ୍ ସୁରକ୍ଷା, ଡିଜିଟାଲ୍ ଆର୍‌ରେଷ୍ଟ ,ଡିଜିଟାଲ ସ୍କାମ୍ ରୁ ରକ୍ଷା ପାଇବାର ଉପାୟ ଆଦି ବିଭିନ୍ନ ବିଷୟବସ୍ତୁ ଉପରେ ଏହି ମଡେଲଗୁଡ଼ିକ କେନ୍ଦ୍ରିତ ଥିଲା। ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ହାସଲ କରିଛନ୍ତି ସେମିଲିଗୁଡ଼ା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଶୁଭଙ୍କର, ଶିବା ଓ ମିନି। ଦ୍ୱିତୀୟ ସ୍ଥାନରେ ରହିଛି ଏହି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ହେମା ମଣ୍ଡଳ ଓ ଲେସେଶ୍ୱରି ବିଡ଼ିକା। ତୃତୀୟ ପୁରସ୍କାର ଟି ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ନନ୍ଦିନୀ ନାୟକ,ପି ହେମନ୍ତ କୁମାର ଏବଂ ରସାୟନ ବିଜ୍ଞାନ ବିଭାଗର ମନିଷା, ମାମୁନି, ଦିବାକର, ଚିନ୍ମୟ ଯୌଥ ଭାବେ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ ଜିଲ୍ଲା ଉପ ଆରକ୍ଷୀ ପୋଲିସ୍ ଅଧିକାରୀ ମନୋବ୍ରତା ଶତପଥୀ, ଅଭିଷେକ ପାଣିଗ୍ରାହୀ, ଅମ୍ବିଦ୍, ନିଶାନ୍ତ ବିଶ୍ୱାଳ ଓ ସେମିଲିଗୁଡା ମହାବିଦ୍ୟାଳୟର ଅଧ୍ୟକ୍ଷା ଝାନ୍ସୀ ସିଂହ। ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ କହିଥିଲେ ଯେ, ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଛାତ୍ରଛାତ୍ରୀମାନେ ଯେପରି ସାଇବର ଅପରାଧର ଶିକାର ନ ହୁଅନ୍ତି ଏବଂ ଇଣ୍ଟରନେଟ୍ ସୁରକ୍ଷା ବିଷୟରେ ସଚେତନ ହୋଇପାରନ୍ତି, ଏହି ଉଦ୍ଦେଶ୍ୟରେ ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ସେମିଲିଗୁଡ଼ା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସକ୍ରିୟ ଗ୍ରହଣ ଏବଂ ସେମାନଙ୍କର ସୃଜନଶୀଳ ମଡେଲଗୁଡ଼ିକୁ ପୋଲିସ୍ ପକ୍ଷରୁ ଖୁବ୍ ପ୍ରଶଂସା କରାଯାଇଛି। ଏହି ଅନୁଷ୍ଠାନ ଜିଲ୍ଲାର ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସାଇବର ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି। ଜିଲ୍ଲା ପୁଲିସ ସେମିଲିଗୁଡା ମହାବିଦ୍ୟାଳୟକୁ ଏହି ସୁଯୋଗ ଦେଇଥିବାରୁ ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତାରେ ନିରଞ୍ଜନ ପୋଡ଼, ସଙ୍ଗୀତ ପଣ୍ଡା, ଅର୍ଚ୍ଚନା ବିଷୋୟୀ, ବିଜୟ ଲକ୍ଷ୍ମୀ ଓ ବିଶାଳ ନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯକ୍ରମ 'ଆମ ଗୌରବ, ଆମ କଲେଜ' ଅଧିନରେ ହୋଇଥିଲା।

## କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ସେମିଲିଗୁଡ଼ା,୧୭।୧୧(ସମିସ): ସ୍ଥାନୀୟ ପ୍ରେସ କ୍ଲବ୍ ସାଂସ୍କୃତିକ ମଣ୍ଡପରେ ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଶଶଧର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ସୌରଭ ଗୁପ୍ତା, ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷାବିତ୍ ତଥା ସିଟମ କଲେଜ ଅଧ୍ୟକ୍ଷ କୃଷ୍ଣ ସିଂ ଯୋଗ ଦେଇଥିଲେ। ଜାତୀୟ ପ୍ରେସ ଦିବସ ପାଳନର ଗୁରୁତ୍ୱ ସହ ରାଜ୍ୟରେ ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବି ପେନସନ ଏକ୍ରିଡେସନ ଏବଂ ପ୍ରୋଟେକସନ




ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ବିଧାନସଭାରେ ସେ ଦାବି ରଖିବେ ବୋଲି ମୁଖ୍ୟ ଅତିଥି ଶ୍ରୀ କାଡମ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପ୍ରେସ କ୍ଲବ୍ ସଭାପତି ଅଜୟ କୁମାର ସାହୁ। ପରିଚୟ ପ୍ରଦାନ କରିଥିଲେ ରାଜ୍ୟ ସଂଗଠନ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ। ଅନ୍ୟତମ ମଞ୍ଚାସୀନ ଅତିଥି ଭାବେ ଆଇନ ପରାମର୍ଶଦାତା ବାଲା ରାୟ, ଉପଦେଷ୍ଟା ପରିକ୍ଷିତ ବିଶ୍ୱାଳ ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହ ସମ୍ପାଦକ ଶରତ କୁମାର ଧଳ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ କମିଟି ଅଧ୍ୟକ୍ଷ ଟି ଗୋରୀ ଶଙ୍କର, ଶୃଙ୍ଖଳା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ଗୈଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବୀନ ସାହୁ, ଜିଲ୍ଲା ଉପସଭାପତି ଜଗତ ଜୀବନ କଞ୍ଚିମ, ସଂଗଠନ ସମ୍ପାଦକ ପରମେଶ୍?ର ସାହୁ,ସୈମ୍ୟ ରଞ୍ଜନ ସାହୁ, କ୍ଷିରୋଦ ଭୋଳ,ପ୍ରତାପ ନିମାଳଙ୍କ ସମେତ ଜିଲାର କୋରାପୁଟ, ଜୟପୁର, ଲମତାପୁଟ, ପଟାଙ୍ଗି, ନନ୍ଦପୁର, ଲକ୍ଷ୍ମୀପୁର, ଦାମନଯୋଡି, କାକିରୀ ଗୁମ୍ମା, ସେମିଲିଗୁଡା, ବୋରିଗୁମ୍ମା ଆଦି ବ୍ଲକ୍‌ରୁ ବହୁ ସଂଖ୍ୟକ ସାମ୍ବାଦିକ ଉପସ୍ଥିତ ଥିଲେ। ଜାତୀୟ ପ୍ରେସ ଦିବସ ଅବସରରେ ସଂଘ ପକ୍ଷରୁ ସମସ୍ତ ଅତିଥି ଏବଂ ଉପସ୍ଥିତ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ନବରଙ୍ଗପୁର,୧୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଏସ୍‌ଡିପିଓ ଉମରକୋଟ ଶୁଭେନ୍ଦୁ ଶବର, ବିଡିଓ , ରାଇଘର ରିତୁ ସିଂଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୧ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ଥିଲା। ୫ ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ଶିବିରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟଙ୍ଗ ମାନଙ୍କୁ ୮ଟି ହୁଇଲ ଚେୟାର ଏବଂ ୩ଟି ଟ୍ରାଇସାଇକଲ୍ ପ୍ରଦାନ କରାଯାଇଥିଲା।

## ମହିଳା ମହାବିଦ୍ୟାଳୟରେ କ୍ରୀଡ଼ା ମହୋତ୍ସବ




ରାୟଗଡ଼ା,୧୭।୧୧ (ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ୪୨ତମ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଯାଇଛି। ଏହି କ୍ରୀଡା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେଅଧ୍ୟକ୍ଷାଡକ୍ଟରଅର୍ଚ୍ଚନାପଟ୍ଟନାୟକସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ପିଏ, ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ଶିକ୍ଷାବିତ୍ ଡକ୍ଟର ଦୁଷ୍ମନ୍ତ ମହାନ୍ତି, ଉଦୟନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ମାନେ ମଝିଘରିଆଣୀ ମନ୍ଦିରରୁ ମଶାଲ ଆଣି କ୍ରୀଡା ମହୋତ୍ସବର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ପ୍ରଥମେ ଶହେ ମିଟର ଦୌଡ ପ୍ରତିଯୋଗିତାର ଆରମ୍ଭ କରିଥିଲେ। କ୍ରୀଡ଼ା ସଂସଦର ଉପ ସଭାପତି କେ ଭି ଶର୍ମା, ଆସୋସିଏଟ୍ସ ଉପ ସଭାପତି ଶ୍ରଦ୍ଧାଞ୍ଜଳି ପଣ୍ଡା, ଧରିତ୍ରୀ ଲିମୟୀ ଏବଂ କ୍ୟାପଟେନ ରୀତା ରାଣୀ ମିଶ୍ର କ୍ରୀଡାର ପରିଚାଳନା ଦାୟିତ୍ୱ ତୁଲାଇଥିଲେ।ଏହି କ୍ରୀଡା ମହୋତ୍ସବରେ ୫ଶହରୁ ଉର୍ଦ୍ଧ ଛାତ୍ରୀ ଭାଗ ନେଇଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ପୋଡ଼ାଗଡ଼,୧୭।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶିବିରରେ ୧୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩ଟି ସାମୂହିକ ହୋଇଥିବା ବେଳେ ୭ଟି ବ୍ୟକ୍ତିଗତ ରହିଛି। ୭୦ ବର୍ଷର ବୃଦ୍ଧବୃଦ୍ଧା ଚାଲି ଚାଲି ବ୍ୟାଙ୍କକୁ ଯାଇ ଭତ୍ତା ଟଙ୍କା ଆଣିବା କଷ୍ଟସାଧ ହେଉଥିବାରୁ ସେମାନଙ୍କୁ ହାତାହାତି ଏହି ଟଙ୍କା ଦେବାକୁ ଅନୁରୋଧ କରାଯାଇଛି। ଅନ୍ୟ ପକ୍ଷରେ ଶୀତ ଆରମ୍ଭରୁ କେତେକାଂଶ ଗ୍ରାମରେ ପାଣି ସମସ୍ୟା ରହି ଥିବାରୁ ତୁରନ୍ତ ସମାଧାନ ନିମନ୍ତେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହିଥିଲେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଭିଷେକ ଷଡ଼ଙ୍ଗୀ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ କୁଲଦୀପ , ଏଡିଓ ରଞ୍ଜିତ ଖୋସଲା, ଜଳ ଓ ପରିମଳ ବିଭାଗର କର୍ମଚାରୀ ମହେଶ ଦାସ, ପଶୁ ଚିକିତ୍ସା ଅଧିକାରୀ ପୋଡ଼ାଗଡ ବିଏଫଟି କ୍ଷେମା ଜାନି, ସରପଞ୍ଚ ଉତ୍ତ ଭଇ ନାୟକ, ସରପଞ୍ଚ ଆସେର ବେନିଆ, ଯୋଗଣ ସହାୟକ ଅନିଲ କନ୍ଦପାନ ଏମ୍‌ବିକେ ପଲ୍ଲିନା ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଭିଯୋଗ ଶୁଣାଣୀ ପରେ ଏ ଇ ଇ ଅଭିଷେକ ଷଡ଼ଙ୍ଗୀ କହିଛନ୍ତି ଯେ ସମସ୍ତ ଆସିଥିବା ଅଭିଯୋଗକୁ ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବା ପାଇଁ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବେ।

## 'ଇଗ୍ନୁ'ରେ ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ




କୋରାପୁଟ,୧୭।୧୧(ସମିସ): ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକେନ୍ଦ୍ରର ଜୁଲାଇ ୨୦୨୫ ଚକ୍ର ନିମନ୍ତେ ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ କୋଟ୍ସ ସେମିନାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। କୋଟସ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତଉତ୍ସବରେଅରୁଣାଚଳପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମାଗୁଣି ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଇଗ୍ନୁ ପାଠ୍ୟକ୍ରମ ଏକ ସମୟ ଉପଯୋଗୀ ଏବଂ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥା ଅଟେ। ଏ ଅଞ୍ଚଳର ପିଲାମାନେ ଇଗ୍ନୁ ଜରିଆରେ ଉଚ୍ଚ ଶିକ୍ଷା ପାଇପାରିବେ ବୋଲି ସେ କହିଛନ୍ତି। ଇଗ୍ନୁ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ. ଲତିକା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇଗ୍ନୁର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କୋଟସର ପ୍ରଫେସର ଜଗବନ୍ଧୁ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଗ୍ନୁର ପାଠ୍ୟ ପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ପାଠ୍ୟକେନ୍ଦ୍ରର ସଂଯୋଜକ ଡ. ନରେନ୍ଦ୍ର କୁମାର ରଥ ଯୋଗଦେଇ କେନ୍ଦ୍ରର ବିବରଣୀ ଉପସ୍ଥାପନା କରିଥିଲେ। ସଭା ଶେଷରେ ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧିଗ୍ରହଣ ଉତ୍ସବରେ ନିମନ୍ତ୍ରିତ ଅତିଥି ମାନଙ୍କ ସହିତ କୋରାପୁଟ, ସୁନାବେଡ଼ା, ସେମିଳିଗୁଡା, ନନ୍ଦପୁର ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗ ଦେଇଥିଲେ। କାଉନସେଲର ଡ. ରଘୁନାଥ ପ୍ରସାଦ ସାହୁ, ଅଧ୍ୟାପକ ରବି ନାରାୟଣ ଶତପଥି, ପ୍ରସନ୍ନ କୁମାର ପଣ୍ଡା, ଡ. ସାବିତ୍ରୀ ମାଝୀ, ଡ. ଅଶୋକ କୁମାର ନନ୍ଦ, ସନ୍ତୋଷ କୁମାର ପଣ୍ଡା, ରାମକୃଷ୍ଣ ଚୌଧୁରୀ ସମେତ ବିଭାଗୀୟ କର୍ମକର୍ତ୍ତା ଦୀପକ କୁମାର କାଣ୍ଡି, ବଳରାମ ନାୟକ ଓ ରୁବେନ ମାଳି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ନବ୍ୟା ଫିଟ୍‌ନେସ୍ କ୍ଲବ୍ ଉଦ୍‌ଘାଟିତ

ସେମିଳିଗୁଡ଼ା,୧୭।୧୧ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡାର ଜାତୀୟ ରାଜପଥ କଡ଼ରେ ଥିବା ଗୋପବନ୍ଧୁନଗରର ମିଶ୍ର ମ୍ୟାନସନଠାରେ ଏକ ୟୁନିସେକ୍ସ ନବ୍ୟା ଫିଟନେସ୍ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ଲବର ମାଲିକ ଅମିତ ଦୁବେ ଓ ତାଙ୍କ ଧର୍ମପତ୍ନୀ ନେହା ଦୁବେ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଫିଟନେସ କ୍ଲବକୁ ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଓ ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ମୁଖ୍ୟ ଅତିଥି ଭାବରେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଜୟପୁର ଷ୍ଟାଲିୟନ ଜିମ୍‌ର ମାଲିକ ବଡି ବିଲଡର ତଥା ଅବିଭକ୍ତ କୋରାପୁଟ ଜିଲ୍ଲାର ଚାମ୍ପିଅନ୍ ରତ୍ନାକର ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।





## ଜିଲ୍ଲାର ପ୍ରଥମ ସ୍ତନ୍ୟପାନ କେନ୍ଦ୍ର ଉଦ୍‌ଘାଟିତ

ମାଥିଲି, ୧୭ ।୧୧(ସମିସ): ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅନ୍ତର୍ଗତ କିଆଙ୍ଗ ପଞ୍ଚାୟତରେ ପ୍ରସୂତି ମହିଳାମାନଙ୍କ ସୁବିଧାର କଥା ଭାବି ଏକ ଉଦ୍ୟମୀ ପଦକ୍ଷେପ ଗ୍ରହଣ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାମକାଜରେ ଦୈନିକ ଆସିବାକୁ ଥିବା ପ୍ରସୂତି ମହିଳାମାନେ ଛୋଟ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଉପଲବ୍‌ଧ କରି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣାଙ୍କ ପ୍ରୟାସରେ ଏକ ନୂତନ ସ୍ତନ୍ୟପାନ କେନ୍ଦ୍ର ସ୍ଥାପିତ କରାଯାଇଛି। ଶନିବାର ଦିନ ଏହି କେନ୍ଦ୍ରର ଉଦଘାଟନ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରାଙ୍କ ହସ୍ତେ ସଂପନ୍ନ ହେଲା। ମହିଳା ଓ ଶିଶୁ ସୁରକ୍ଷା ସହିତ ସମ୍ମାନଜନକ ପରିବେଶ ପ୍ରଦାନ କରିବା ମୂଳ ଉଦ୍ଦେଶ୍ୟ ଥିବା ଏହି କେନ୍ଦ୍ର ପ୍ରସୂତି ମହିଳାମାନଙ୍କ ପାଇଁ ବଡ଼ ଭରସାର ସ୍ଥାନ ହୋଇଉଠିବ ବୋଲି ଅନୁମାନ କରାଯାଉଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏଭଳି ସ୍ତନ୍ୟପାନ କେନ୍ଦ୍ର ସ୍ଥାପନ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥିବା ଜଣାପଡ଼ିଛି। ସ୍ତନ୍ୟପାନ କେନ୍ଦ୍ର ନିର୍ମାଣ ଦ୍ୱାରା ମହିଳାମାନଙ୍କ ସୁବିଧା, ଗୋପନୀୟତା ଓ ସମ୍ମାନକୁ ନୂଆ ମାତ୍ରା ମିଳିଛି ବୋଲି ସ୍ଥାନୀୟବାସୀ ମଧ ଖୁସି ପ୍ରକାଶ କରିଛନ୍ତି

# ସମସ୍ୟାଘେରରେ ତୁନଖାଲ ସରକାରୀ ବିଦ୍ୟାଳୟ

ପୋଡ଼ାଗଡ଼,୧୭।୧୧(ସମିସ):


ନାହିଁ ନାହିଁରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ। ନାଁ ରହିଛି ଆବଶ୍ୟକ ଶ୍ରେଣୀଗୃହ, ନାଁ ରହିଛି ଆବଶ୍ୟକ ଶିକ୍ଷକ, ନାଁ ରହିଛି ପାଚେରୀ ନାଁ ଆଦର୍ଶ ରୋଷେଇ ଗୃହ। ଏହିପରି ସ୍ଥଳେ ନାନା ସମସ୍ୟାରେ ଗତି କରୁଥିବା ଏକ ବିଦ୍ୟାଳୟଟି ହେଉଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ଅଧିନରେ ଥିବା ତୁନଖାଲ ଗ୍ରାମର ୧୯୬୭ ମସିହାର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟଟି ଅତି ପୁରୁଣା। ଶିଶୁ ବାଟିକାରେ ମୋଟ ୭ ଜଣ ଶିଶୁ ଅଧ୍ୟୟନ କରୁଥିବା ବେଳେ ୧ମରେ ୧୩ ଜଣ, ୨ୟରେ ୧୫ ଜଣ, ୩ୟରେ ୮ ଜଣ, ୪ର୍ଥରେ ୧୧ ଜଣ, ୫ମରେ ୧୦ ଜଣ, ୬ଷ୍ଠ ଶ୍ରେଣୀରେ ୧୨ ଜଣ, ୭ମରେ ୧୦ ଜଣ ଏବଂ ୮ମ ଶ୍ରେଣୀରେ ମୋଟ ୪ ଜଣ ହୋଇଥିବା ବେଳେ ପାଖାପାଖି ଏହି ବିଦ୍ୟାଳୟରେ ୧ମ ରୁ ୮ମ ଯାଏ ସର୍ବମୋଟ ୯୦ ଜଣ ଛାତ୍ରୀ/ଛାତ୍ର ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ୯୦ ଜଣ ବିଦ୍ୟାର୍ଥୀ ଙ୍କୁ ଶିକ୍ଷା ଦାନ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଜଣେ ଶିକ୍ଷୟିତ୍ରୀ ଏବଂ ୨ ଜଣ ଶିକ୍ଷକ ଙ୍କୁ ନିୟୋଜିତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ବହୁ ସମସ୍ୟା ରହୁଥିବା ବେଳେ ନାଁ ବିଦ୍ୟାଳୟରେ ରହିଛି ଆଦର୍ଶ ରୋଷେଇ ଗୃହ, ନାଁ ରହିଛି ଶ୍ରେଣୀ କକ୍ଷ ନାଁ ପାଚେରୀ, ନାଁ ରହିଛି ପିଲାଙ୍କ ପାଇଁ ଖେଳ ପଡିଆ। ୧ମ ରୁ ୮ମ ଶ୍ରେଣୀର ଏହି ବିଦ୍ୟାଳୟରେ ମୋଟ ୫ ଗୋଟି ଶ୍ରେଣୀ କକ୍ଷ ରହିବା ପରିବର୍ତ୍ତେ ରହିଛି କେବଳ ୨ ଗୋଟି ଶ୍ରେଣୀ ଏବଂ ୫ ଜଣ ଶିକ୍ଷକଙ୍କ ପରିବର୍ତ୍ତେ ଅଛନ୍ତି ମାତ୍ର ୩ ଜଣ ଶିକ୍ଷକ। ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ନିଜସ୍ୱ ସମସ୍ୟା ଯୋଗୁଁ ବିଭାଗଙ୍କ ଛୁଟି ମଞ୍ଜୁରୀ ମାଗି ଆଜକୁ ଦୀର୍ଘ ମାସ ହେବ ଛୁଟିରେ ରହିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପଣ୍ଡା ଏବଂ ଅନ୍ୟ ଜଣେ ସହକାରୀ ଶିକ୍ଷକ କିପରି ୯୦ ପିଲାଙ୍କ ଭବିଷ୍ୟତ ଗଢିବେ ସେ ନେଇ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗୋଟିଏ



କଠୋରୀରେ ବାଟିକା ଶିଶୁଙ୍କ ସହ ୧ମ ରୁ ୪ର୍ଥ ଶ୍ରେଣୀ ପିଲାଙ୍କୁ ବାଧ ହୋଇ ଅଧ୍ୟୟନ କରାଯାଉଥିବା ବେଳେ ଅନ୍ୟ ଏକ କଠୋରୀ ରେ ୫ମ ରୁ ୮ମ ଶ୍ରେଣୀ ଯାଏଁ ପିଲାଙ୍କୁ ୩ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ଦାନ କରିବା ଏବଂ ପିଲାମାନେ ଶିକ୍ଷା ଗ୍ରହଣ କରିବାରେ ନାହିଁ ନ ଥିବା ସମସ୍ୟା ଉପୁଜୁଛି। ୪ର୍ଥ ଶ୍ରେଣୀ ପିଲାମାନେ ବାଧ ହୋଇ ବାରଣ୍ଡାରେ ଶିକ୍ଷା ଗ୍ରହଣ କରୁଥିବା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ସ୍ୱୀକାର କରିଛନ୍ତି। ଏପରିକି ଆଦର୍ଶ ରୋଷେଇ ଘର ଟିଏ ନ ଥିବାରୁ ବାଧ ହୋଇ ୫୮ ବର୍ଷର ଜରାଜୀର୍ଣ୍ଣ ଗୃହରେ ରୋଷେଇ କରିବାକୁ ପଡୁଛି। କାଳେ ଯେ କୌଣସି ଅଘଟଣ ମଧ ଘଟିଯିବ ସନ୍ଦେହ ମଧ ଲାଗୁଛି ବୋଲି ପ୍ରଧାନ ଶିକ୍ଷକ ଏବଂ ଅବିଭାବକ ମାନେ ପ୍ରକାଶ କରିଥିବା ଜଣାପଡିଛି। ଖେଳ ପଡିଆ ନ ଥିବାରୁ ପିଲାମାନେ କ୍ରୀଡାରୁ ବଞ୍ଚିତ ହେବା ସହ ସୁରକ୍ଷା ପାଚେରୀ ନ ଥିବାରୁ କୁନିକୁନି ପିଲାମାନେ ବାହାରେ ଦୌଡ଼ି ଚାଲି ଯାଉଥିବା ବେଳେ କୌଣସି ଦୁର୍ଘଟଣା ଘଟିଲେ ଦାୟୀ କିଏ ବୋଲି ଅବିଭାବକ ମାନେ ଅଭିଯୋଗ କରିଥିବା ନଜରକୁ ଆସିଛି। ଖୁବ ଶୀଘ୍ର ଆବଶ୍ୟକ ଶ୍ରେଣୀ କକ୍ଷ, ଶିକ୍ଷକ, ସୁରକ୍ଷା ପାଚେରୀ, ଖେଳ ପଡିଆ ଏବଂ ଆଦର୍ଶ ରୋଷେଇ ଘର ଯୋଗାଇ ନ ଦେଲେ ଆଗାମୀ ଦିନରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଅବିଭାବକ ଏବଂ ଗ୍ରାମବାସୀ ଚେତାବନୀ ଦେଇଥିବା ଜଣାପଡିଛି।



# ସମ୍ପାଦକୀୟ



ପ୍ରକୃତି-ମଣିଷ ମଧ୍ୟରେ ନୈସର୍ଗିକ ସମ୍ପର୍କର ପୁନଃପ୍ରତିଷ୍ଠା ଦ୍ୱାରା ବିଶ୍ୱର ପ୍ରମୁଖ ସମସ୍ୟାର ସମାଧାନ ସମ୍ଭବ।
-ସୁନ୍ଦରଲାଲ୍ ବହୁଗୁଣା

ସକାଳ
THE SAKALA

## ସମବାୟକୁ ସୁଯୋଗ

ଇଣ୍ଟରନେଟ୍‌ରେ କାରବାର ବା ବ୍ୟବସାୟ ଉପରେ ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଉଛି। ପାରମ୍ପରିକ ବଜାର ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀର ପ୍ରାଧାନ୍ୟ କବଳରୁ ଆମଦେଶର ଆଭ୍ୟନ୍ତରୀଣ ବଜାରକୁ ସୁରକ୍ଷା ଦେବା ସକାଶେ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଓଏନଡିସି ନାମରେ ଡିଜିଟାଲ ମାର୍କେଟିଂ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ତାହା ଆଶାନୁରୂପ ଅଗ୍ରଗତି ଲାଭ କରିପାରିନାହିଁ। ତେଣୁ ସମବାୟ ଭିତ୍ତିରେ ପ୍ରସ୍ତୁତ ସାମଗ୍ରୀର ବିପଣନ ଓ ବଜାର ସୃଷ୍ଟି କରିବାରେ ଓଏନଡିସି ସହାୟତାର ହାତ ବଢ଼ାଇବ। ସମବାୟ ମନ୍ତ୍ରାଳୟ ସହ ଏନେଇ ଆରମ୍ଭ ହୋଇଥିବା କଥାବାର୍ତ୍ତା ବେଶ ଅଗ୍ରଗତି ଲାଭ କରିଥିବାରୁ ଗ୍ରାମୀଣ ସ୍ତରରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ଓ ହସ୍ତଶିଳ୍ପୀ ଏକ ବୃହତ୍ତର ବଜାର ମାଧ୍ୟମରେ ସ୍ୱାଭାବିକ ଭାବେ ଲାଭବାନ ହେବେ ବୋଲି ଆମେ ଆଶା କରିବା। ବିଭିନ୍ନ ସମବାୟ ଗୋଷ୍ଠୀର ବିକ୍ରି ଖରିଦ ବ୍ୟବସ୍ଥା ଓଏନଡିସିର ତାଲିକାଭୁକ୍ତ ହେବାକୁ ପଡ଼ିବ। ଆର୍ଥିକ ଦୃଷ୍ଟିରୁ ଦୁରବସ୍ଥାରେ ଥିବା ଦୁଇ ସଂଗଠନ ଏବେ ହାତ ମିଳାଇ ସମୃଦ୍ଧି ଓ ସମ୍ଭାବନାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ମିଳିତ ପ୍ରୟାସ ଆମାଜନ ଓ ଫ୍ଲିପକାର୍ଟ ସଂସ୍ଥାର କେତେଦୂର ସମକକ୍ଷ ହୋଇପାରିବେ ତାହା ବଡ଼ ପ୍ରଶ୍ନ।

ସରକାରଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଓଏନଡିସି ଉପଭୋକ୍ତା ବା ଖରିଦାରଙ୍କ ବିଶ୍ୱାସଭାଜନ ହୋଇପାରି ନଥିଲା। ଏବେ ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ ପାଇଁ ବଜାରର ଆସ୍ଥାଭାଜନ ହେବା ଓଏନଡିସି ପାଇଁ ଏକ ସୁଯୋଗ। କାରଣ ଆମାଜନ ଓ ଫ୍ଲିପକାର୍ଟ ଭଳି ସଂସ୍ଥା ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଉତ୍ପାଦନ କ୍ଷେତ୍ର ପ୍ରତି ଯଥୋଚିତ ଗୁରୁତ୍ୱ ଦେଇପାରିନାହାନ୍ତି। ଉପଭୋକ୍ତା ବଜାରରେ ସେସବୁର ଚାହିଦା ଏବେ ମଧ୍ୟ ରହିଛି। ଅନ୍ୟ ଏକ ଦିଗ ହେଉଛି ରିଜର୍ଭବ୍ୟାଙ୍କ ସମବାୟ ବ୍ୟାଙ୍କର ଅଂଶଧନ ପୁଞ୍ଜିବଜାରରେ ବିନିଯୋଗ ବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବାର ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ଚିଠା ନୀତି ଓ ନିୟମ ପ୍ରସ୍ତୁତ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷର ଶେଷଭାଗରେ ଚୂଡ଼ାନ୍ତ ରୂପ ନେବ। ଏଥିମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଶୀର୍ଷ ସଂଗଠନ ଏନୟୁସିଏଫଡିସ ପକ୍ଷରୁ ରିଜର୍ଭବ୍ୟାଙ୍କର ଏହି ପ୍ରସ୍ତାବ ସଂପର୍କରେ ଅନୁକୂଳ ମତାମତ ମିଳିଛି। ଏହା ବ୍ୟାଙ୍କର ପୁଞ୍ଜି ଅଭିବୃଦ୍ଧି ଏବଂ ଅନାଦେୟ ପୁଞ୍ଜି ସମସ୍ୟା ସମାଧାନରେ ସହାୟକ ହେବ। ଏମିତିରେ ଦେଖିବାକୁ ଗଲେ ସମବାୟ ବ୍ୟାଙ୍କଗୁଡ଼ିକୁ ସଦସ୍ୟଙ୍କ ଅନୁଦାନ ଓ ଜମାରାଶି ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥଳ ବିଶେଷରେ ଏବିଏଫସି କିମ୍ବା ଅନ୍ୟବ୍ୟାଙ୍କରୁ ଋଣ କରିବାର ବାଧ୍ୟବାଧକତା ରହିଛି। ତେବେ କମ୍ପାନୀ ଆଇନ କିମ୍ବା ସେବିର ପରିସରଭୁକ୍ତ ହୋଇନଥିବାରୁ ଏକ୍ଷେତ୍ରରେ ଥିବା ପ୍ରତିବନ୍ଧକ କିପରି ଦୂର ହୋଇପାରିବ ସେନେଇ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ଏନୟୁସିଏଫ୍‌ଡିସି ନିଜସ୍ୱ ନିୟାମକ ସଂଗଠନ ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ତଥାକଥିତ ପ୍ରତିବନ୍ଧକ ଦୂର ହେବ ବୋଲି ଆଶାକରୁ। ସମବାୟ ସଂସ୍ଥାର ଦୁର୍ନୀତି ଓ ଦୁର୍ନାମ ସର୍ବଜନବିଦିତ। ତେବେ ସଂସ୍ଥାକୁ ଆଗାମୀ ଦିନରେ ସକ୍ଷମ ଓ ସମୃଦ୍ଧ କରିବା ପାଇଁ ହେଉଥିବା ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ। ●

## ବାଲିଯାତ୍ରା ବ୍ୟବଚ୍ଛେଦ

ଐତିହ୍ୟ ପରମ୍ପରା ଓ ପ୍ରସିଦ୍ଧି ଦୃଷ୍ଟିରୁ କଟକ ବାଲିଯାତ୍ରା ଅନନ୍ୟ। ଏହି ଉତ୍ସବର ଆୟୋଜନ, ପ୍ରାୟୋଜନ ଓ ପରିଚାଳନା ମୁଖ୍ୟତଃ ସିଏମସି ତୁଲାଇ ଆସିଛି। ପ୍ରଥମଥର ସକାଶେ ସିଏମସିକୁ ବାଦ ଦେଇ ଜିଲ୍ଲା ପ୍ରଶାସନ ହିଁ ସର୍ବେସର୍ବା ହୋଇଛି। ଏଠାରେ ଆମେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଚାହୁଁ। ଆରମ୍ଭରୁ ବାଲିଯାତ୍ରା ଉପରପଡ଼ିଆରେ ସୀମିତ ଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ହିଁ ଯାତ୍ରା ସକାଶେ ଉତ୍ସବ ମୁଖର ହୋଇପଡ଼େ। ସମୟକ୍ରମେ ମହାନଦୀ ସଂକୁଚିତ ହେବା ସହ କୂଳ ଦୂରକୁ ଘୁଞ୍ଚିଯିବାରୁ ସୃଷ୍ଟି ହୋଇଥିବା ନୂଆ ବାଲୁକା ପଠାକୁ ସଂପ୍ରସାରିତ ହୋଇଥିଲା ବାଲିଯାତ୍ରା। କିନ୍ତୁ ଏହା ଅର୍ଥ ନୁହେଁ ଉପର ପଡ଼ିଆ ଗୁରୁତ୍ୱ ହରାଇଛି। ଜିଲ୍ଲା ପ୍ରଶାସନ ଓ ସିଏମସି ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ଉପର ପଡ଼ିଆକୁ ନେଇ। ସମସ୍ତଙ୍କ ଦାବିକୁ ଏଡ଼ାଇ ଯାଇ ଜିଲ୍ଲାପ୍ରଶାସନ ଉପର ପଡ଼ିଆକୁ ବାଲିଯାତ୍ରାକୁ ଏକପ୍ରକାର ବାଦ ଦେଲେ। ଏହି ପ୍ରତିବାଦ ଓ ପ୍ରତିରୋଧ ଜିଲ୍ଲା ପ୍ରଶାସନ ପାଇଁ ଅସହଣୀୟ ହୋଇଗଲା ଏବଂ ଉଦ୍ଦେଶ୍ୟମୂଳକ ଭାବେ କେବଳ ସିଏମସିକୁ ନୁହେଁ ସହରର ପ୍ରଥମ ନାଗରିକ ମେୟରଙ୍କୁ ଅଣଦେଖା ଓ ଅସମ୍ମାନ କରାଗଲା। ଏପରିକି ଉଦ୍‌ଯାପନ ଉତ୍ସବ ନିମନ୍ତ୍ରଣପତ୍ରରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଲା ନାହିଁ। ଲୋକପ୍ରତିନିଧି ଯେଉଁ ଦଳର ହୁଅନ୍ତୁ ନା କାହିଁକି ତାଙ୍କୁ ପ୍ରଶାସନ ଅମର୍ଯ୍ୟାଦା ବା ଅସମ୍ମାନ କରିପାରିବ ନାହିଁ।

ବାଲିଯାତ୍ରାର ବ୍ୟବଚ୍ଛେଦ କଲାବେଳେ ମେୟର ଓ ପୁଲିସି ଡିଜିଙ୍କ ପ୍ରତିକ୍ରିୟା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ। ୨୦୨୪ ମସିହାରୁ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ବିରୋଧ କରି ଆସିଥିବା ଜିଲ୍ଲାପାଳ ଏଥର ସମସ୍ତ ଦାୟିତ୍ୱ ହାତକୁ ନେଇ ତାଙ୍କ ଉଦ୍ଦେଶ୍ୟକୁ ସାକାର କରିଛନ୍ତି। ସହରର ଛୋଟମୋଟ ବେପାରୀଙ୍କ ପେଟକୁ ନାତ ମାରିଛନ୍ତି। କଟକରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ପୁଲିସ ଡିଜି ୱାଇ. ଭି.ଖୁରାନିଆ କହିଛନ୍ତି ଯେ ପର୍ବପର୍ବାଣି ଓ ଯାତ୍ରା ସମୟରେ ମେଗାଷ୍ଟାରମାନଙ୍କୁ ଡାକିବା କଥା କି ନୁହେଁ ସେ ସଂପର୍କରେ ଆୟୋଜକମାନେ ବହୁ ଭାବିଛନ୍ତି ବିଚାର କରିବାର ଅଛି। ବାଲିଯାତ୍ରା ଉତ୍ସବର ପରିବର୍ଦ୍ଧିତ ଦିବସରେ ଦେଶର ସବୁଠାରୁ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଅନିୟନ୍ତ୍ରିତ ଓ ଅସମ୍ଭାଳ ଭିଡ଼କୁ ସମ୍ଭାଳିବା ସକାଶେ ପୁଲିସ ନାକେଦମ ହୋଇଯାଇଥିଲା। ଶୃଙ୍ଖଳାରକ୍ଷା ସକାଶେ ପୁଲିସକୁ ମଧ୍ୟ କିଛି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବହୁ ଯାତ୍ରୀ ଆହତ ଓ ଚେତାଶୂନ୍ୟ ହୋଇପଡ଼ିଥିଲେ। ଜିଲ୍ଲା ପ୍ରଶାସନର ମନମାନି ଯୋଗୁଁ ନିୟନ୍ତ୍ରଣ ପାଇଥିବା ବହୁ ସମ୍ମାନିତ ବ୍ୟକ୍ତି ଆସନ ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଓ ଘୋଷିତ ନାଟକ ପ୍ରଦର୍ଶନକୁ ମଧ୍ୟ ସୁଯୋଗ ମିଳିନଥିଲା। ସଫେଇ ପାଇଁ ୩୫ ଲକ୍ଷ ଟଙ୍କାରେ ଟେଣ୍ଡର ପାଇଥିବା ସଂସ୍ଥାର ଖାମଖିଆଲି ଯୋଗୁଁ ପଡ଼ିଆର ସବୁସ୍ଥାନରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା। ଏସବୁ ଅବ୍ୟବସ୍ଥା ପାଇଁ ଆମେ କାହାକୁ ଦାୟୀ କରିବା! ଆମକୁ ପୁଣି ଥରେ କହିବାକୁ ପଡୁଛି ସରକାର ବା କ୍ଷମତା ବଦଳିପାରେ। କିନ୍ତୁ ବ୍ୟବସ୍ଥା ଅତୁଟ ରହିବା ଉଚିତ। ●

## କୃଷିକ୍ଷେତ୍ରରେ ଜୀବନାଶକ: ଏକ ଅନାହୂତ ଆବଶ୍ୟକତା

ବିଦ୍ୟାଧର ମହାରଣା

କୃଷି ପରିସଂସ୍ଥାରେ ଫସଲ ସହିତ ଅନିଷ୍ଟକ ଜୀବ ଓ ଉପକାରୀ ଜୀବ ସନ୍ତୁଳିତ ଅବସ୍ଥାରେ ରହନ୍ତି। ଆମେ ଯେତେବେଳେ ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର ବ୍ୟବହାର କରୁ ସେତେବେଳେ କୃଷି ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଇ ଫସଲରେ ଅଧିକ ଅନିଷ୍ଟକାରୀ ଜୀବ (ଘାସ, କୀଟ, କବକ, ବ୍ୟାକ୍ଟେରିଆ, ଭୂତାଣୁ) ଦେଖାଯାଆନ୍ତି। ସେମାନଙ୍କୁ ଦମନ କରିବାକୁ ଚାଷୀ ଅଧିକ ରାସାୟନିକ ବିଷ ପ୍ରୟୋଗ କରିବା ଫଳରେ ଅଧିକ ଖର୍ଚ୍ଚାନ୍ତ ହୁଏ ଏବଂ ପରିବେଶ ପ୍ରଦୂଷିତ ହୋଇ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରେ।

ସବୁଜବିପ୍ଳବ ପରେ ଏପରି ରାସାୟନିକ ବିଷଗୁଡ଼ିକର ବ୍ୟବହାର ଏକ ଅନାହୂତ ଆବଶ୍ୟକତା ହୋଇପଡ଼ିଛି। ଭାରତରେ 'କୀଟନାଶକ ଆଇନ୍ ୧୯୬୮' ଏବଂ 'କୀଟନାଶକ ନିୟମ ୧୯୭୩' ଏବେ ବି ପ୍ରଚଳିତ। ଏହାର ଉଦ୍ଦେଶ୍ୟ ଥିଲା ଫସଲରେ ଅନିଷ୍ଟକାରୀ ଜୀବ ନିୟନ୍ତ୍ରଣ ପାଇଁ ନିରାପଦ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରୟ ମାଧ୍ୟମରେ ଉପଯୁକ୍ତ ମାନର କୀଟନାଶକ ଓ ରୋଗନାଶକ ଉଚିତ ମୂଲ୍ୟରେ ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ଚାଷୀଙ୍କୁ ଯୋଗାଇଦେବା। ଯୁଗ୍ମସଂସଦୀୟ କମିଟି ୪୬ ରିପୋର୍ଟ-୨୦୨୩ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୫୦, ୦୦୦ କୋଟି ଟଙ୍କାର ଅନିଷ୍ଟକାରୀ ଜୀବନାଶକ କାରବାର ହୁଏ, ଯାହାମଧ୍ୟରୁ ତୃଣନାଶକ ୪୪%, କବକ ନାଶକ ୨୭%, କୀଟନାଶକ ୨୨% ଓ ଅନ୍ୟାନ୍ୟ ୭%। ସାରାବିଶ୍ୱରେ ବର୍ଷକୁ ପ୍ରାୟ ୪, ୫୦, ୦୦୦ କୋଟି ଟଙ୍କାର ଏପରି ରାସାୟନିକ ବିଷ କାରବାର ହୁଏ। ବିଶ୍ୱରେ ବର୍ଷରେ ୪୧, ୨୨, ୦୦୦ ଟନ୍ ମଧ୍ୟରୁ ଚୀନ ସବୁଠାରୁ ଅଧିକ ୧୭, ୬୩, ୦୦୦ ଟନ୍ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରେ, ଯାହାକି ବିଶ୍ୱର ୪୩%। ଆମେରିକା ୧୦% ଓ ବ୍ରାଜିଲ ୯% ବ୍ୟବହାର କଲା ବେଳେ ଭାରତ ମାତ୍ର ୧% ବ୍ୟବହାର କରୁଛି। ଏହା ହେକ୍ଟର ପ୍ରତି ମାତ୍ର ୦.୫ କିଲୋଗ୍ରାମ। ଅନ୍ୟ କେତେକ ଦେଶ ହେକ୍ଟର ପ୍ରତି ୧୭ କିଲୋଗ୍ରାମ ପର୍ଯ୍ୟନ୍ତ କୀଟନାଶକ ବ୍ୟବହାର କରୁଛନ୍ତି। ସୁତରାଂ ଭାରତରେ ଅତିରିକ୍ତ କୀଟନାଶକ ବ୍ୟବହାର ହେଉଥିବା ଅଭିଯୋଗ ତଥ୍ୟ ଉପରେ ଅଧାରିତ ନୁହେଁ। ବରଂ ଯୁଗ୍ମ ସଂସଦୀୟ କମିଟି ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ଜୀବନାଶକ ବ୍ୟବହାର ବୃଦ୍ଧି କରିବା ସହିତ ଅଧିକ ବିଷାକ୍ତ କୀଟନାଶକ ଧୀରେ ଧୀରେ ହ୍ରାସ କରି ଅଧିକ ଜୈବ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଏବେ କିନ୍ତୁ ଭାରତରେ ଜୈବ କୀଟନାଶକ ବିକ୍ରି ମୋଟ ଜୀବନାଶକ ବିକ୍ରିର ମାତ୍ର ୪.୨%। ଭାରତରେ ଜୀବନାଶକ କମ୍ପାନୀ ମଧ୍ୟରେ ୟୁ.ପି.ଏଲ୍ ଲିମିଟେଡ, କରମଣ୍ଡଳ, ପି.ଆଇ.ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବାୟାର କ୍ରପ ସାଇନ୍ସ ଲିମିଟେଡ୍, ଧାନୁକା ଆଗ୍ରିଟେକ୍ ଓ ଏଫ.ଏମ. ସି କର୍ପୋରେସନ ଇତ୍ୟାଦି ପ୍ରଧାନ। ବିଦେଶୀ କମ୍ପାନୀ ହିସାବରେ ବାୟାର କ୍ରପ୍ ସାଇନ୍ସ, ବି.ଏ.ଏସ.ଏଫ, ସିନଜେଣ୍ଟା, କୋରଟେଭ ଆଗ୍ରି ସାଇନ୍ସ, ସୁମିଟୋମୋ କେମିକାଲସ ଇତ୍ୟାଦି ଭାରତରେ ଅଧିକ ସକ୍ରିୟ। କେବଳ ଦିଲ୍ଲୀରେ ୭୯ କୀଟନାଶକ ପ୍ରସ୍ତୁତକାରୀ ଅଛନ୍ତି। କିନ୍ତୁ କେତେକ କମ୍ପାନୀ ନକଲି କୀଟନାଶକ ବିକ୍ରୟ କରିବା ଯୋଗୁଁ ଫସଲରେ ରୋଗପୋକ ନିୟନ୍ତ୍ରିତ ହୋଇପାରୁନାହିଁ ଏବଂ ଏଥିଯୋଗୁଁ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ଋଣ ଶୁଝି ନପାରି କେତେକ କୃଷକ ଆତ୍ମହତ୍ୟା କରିବାର ଖବର ପ୍ରକାଶ ପାଉଛି। ମୋଟ ଜୀବନାଶକର ପ୍ରାୟ ୨୦-୩୦% ନକଲି ହେବାର ଜଣାଯାଉଛି, ଯାହାର ବଜାର ମୂଲ୍ୟ ୩୦୦୦-୩୫୦୦ କୋଟି ଟଙ୍କା ହୋଇପାରେ।

ନକଲି ଜୀବନାଶକ ବିକ୍ରି ହେବାର କାରଣଗୁଡ଼ିକ ହେଲା ଚାଷୀଙ୍କ ସଚେତନତା ଅଭାବ, ଯୋଗାଣ ଶୃଙ୍ଖଳା ଅବ୍ୟବସ୍ଥା, ନିୟମିତ ନମୁନା ପରୀକ୍ଷା ଅଭାବ, ପ୍ରସ୍ତୁତକାରୀ ଓ ଖୁଚୁରା ବ୍ୟବସାୟ ସ୍ଥାନରେ ଅପମିଶ୍ରଣ। ଏହାଯୋଗୁଁ ବର୍ଷକୁ ଦେଶରେ ୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ହାନି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ପ୍ରଭାବ ଦେଖାଯାଏ। ନକଲି ଜୀବନାଶକ ନମୁନା ଯେତିକି ପରୀକ୍ଷା କରାଯାଉଛି, ତାହା କ୍ଷୁଦ୍ର ପ୍ରସ୍ତୁତକାରୀଙ୍କ ଠାରୁ ୨୪% ଓ ବଡ଼ କମ୍ପାନୀମାନଙ୍କରୁ ୧%। ଅପମିଶ୍ରିତ ଜୀବନାଶକ ଯୋଗୁଁ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଛି। ଆଇନ୍ ଅନୁସାରେ ନିମ୍ନମାନର କୀଟନାଶକ ବିକ୍ରୟ କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଅଧିକ ବିପଦପୂର୍ଣ୍ଣ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ପାଞ୍ଚ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇପାରେ। ଏହି କାରଣରୁ ନକଲି କୀଟନାଶକ କିପରି ଜାଣିବେ ସେ ବିଷୟରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।

ଆମ ଦେଶରେ ୨୯୩ ଜୀବନାଶକ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଛି। ଏଥିରୁ ବିପଦପୂର୍ଣ୍ଣ ଭାବେ ପରିଗଣିତ ୧୩୦ ଜୀବନାଶକ ବିଭିନ୍ନ ଦେଶରେ ଅସିଦ୍ଧ ଘୋଷିତ ହେଲାଣି। ଭାରତ ସରକାର ମଧ୍ୟ ୨୮ ଗୋଟିର ପ୍ରସ୍ତୁତି ଓ ବିକ୍ରୟ ପାଇଁ, ୪ଟିର ଆମଦାନୀ ଓ ପ୍ରସ୍ତୁତ ପାଇଁ ଏବଂ ଦୁଇଟିକୁ ରପ୍ତାନୀ କରିବା ପାଇଁ ଅସିଦ୍ଧ କରିଛନ୍ତି। ମନୋକ୍ରଟୋଫସ, କାର୍ବୋଫୁରାନ, ମେଥୋମିଲ, ଟ୍ରାଇଜାଫସ, ଡାଇକ୍ଲୋରୋଭସ, ଏଣ୍ଡୋସଲଫାନ, ଡି.ଡି.ଟି ଓ କ୍ଲୋରୋପାଇରିଫସ୍ କୀଟନାଶକ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷିତ ହୋଇଛି।

ଦିଲ୍ଲୀର ଟକସିକ୍ ଲିଙ୍କ ନାମକ ସଂସ୍ଥା ୨୦୨୩ ମସିହାରେ ମନୋକ୍ରଟୋଫସ, କାର୍ବୋଫୁରାନ, ପାରାକଟ୍, ଗ୍ଲାଇଫୋସେଟ୍, ମାଙ୍କୋଜେବ ଓ କାର୍ବେଣ୍ଡାଜିମ୍ ଜୀବନାଶକ ଉପରେ କରିଥିବା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ୫୦ରୁ ୮୬% ଚାଷୀ କୀଟନାଶକ ବିକ୍ରେତାଙ୍କ ପରାମର୍ଶ ଅନୁସାରେ ଫସଲରେ ଜୀବନାଶକ ପ୍ରୟୋଗ କରନ୍ତି ବୋଲି ଜଣାପଡ଼ିଛି। ପଞ୍ଜାବର ୧୭% ଚାଷୀ ଅତି ବିଷାକ୍ତ କୀଟନାଶକ ସପକ୍ଷରେ ଅଛନ୍ତି। ଅଧିକାଂଶ ଚାଷୀ କୀଟନାଶକ ପ୍ରୟୋଗ ସମୟରେ କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଏପରିକି ୫୯% ଚାଷୀ ଅନୁମୋଦିତ ମାତ୍ରାଠାରୁ ଅଧିକ କୀଟନାଶକ ପ୍ରୟୋଗ କରୁଛନ୍ତି। ବଜାରରେ ବିକ୍ରି ହେଉଥିବା କୀଟନାଶକଗୁଡ଼ିକ ଚାରିରଙ୍ଗର ଠିକିରି ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ। ସବୁଜ ରଙ୍ଗ ସାମାନ୍ୟ ବିଷ, ନୀଳ ରଙ୍ଗ ମଧ୍ୟମ, ହଳଦିଆ ରଙ୍ଗ ଅଧିକ ବିଷ ଓ ନାଲି ରଙ୍ଗ ତୀବ୍ର ବିଷ ଭାବେ ସୂଚୀତ କରେ। ଫସଲରେ ଏହି ବିଷ ପ୍ରୟୋଗ ପରେ ଅମଳ କରିବା ପୂର୍ବରୁ ସର୍ବନିମ୍ନ ନିରାପଦ ସମୟ ଅପେକ୍ଷା କରିବା ଆବଶ୍ୟକ। ଅତିକମରେ ସବୁଜ ପାଇଁ ୭ ଦିନ, ନୀଳ ପାଇଁ ଦୁଇ ସପ୍ତାହ, ହଳଦିଆ ପାଇଁ ୩ ସପ୍ତାହ ଓ ନାଲି ପାଇଁ ୪ ସପ୍ତାହ ହେବା ବିଧେୟ।

ନୋବେଲ ବିଜୟିନୀ ରାକେଲ କାର୍ସନ 'ନିରବ ବସନ୍ତ' ପୁସ୍ତକରେ କୀଟନାଶକକୁ ପ୍ରାଣୀନାଶକ କହିଛନ୍ତି ଏବଂ ସେ ଏହାର ସୁଦୂରପ୍ରସାରୀ ପ୍ରଭାବ ବର୍ଣ୍ଣନା କରିବା ଫଳରେ ଡି. ଡି. ଟି କୀଟନାଶକ ନିଷିଦ୍ଧ ହୋଇଥିଲା। ସେ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ୧୯୬୨ ରେ ନୋବେଲ ପୁରସ୍କାର ପାଇଥିଲେ। ଏହାର କିଛିବର୍ଷ ପରେ ଏଚ୍. ଏଫ୍.ଭାନ ଏମଡେନ ଓ ଡେଭିଡ ବି. ପିକଲ 'ନିରବ ବସନ୍ତ ପରେ' ପୁସ୍ତକ ରଚନା କରି ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ବାହାର କଲେ। ଉଦ୍ଭିଦ ସୁସ୍ଥସବଳ ହେଲେ ରୋଗପୋକ ବିରୁଦ୍ଧରେ ଲଢ଼ିପାରିବେ। ଜଳ ଓ ଖାଦ୍ୟସାର ନିୟନ୍ତ୍ରଣ କଲେ ଫସଲ କ୍ଷେତ୍ରରେ ଉପକାରୀ କୀଟପତଙ୍ଗ ସହଜରେ ବଂଶବୃଦ୍ଧି କରି ପ୍ରାକୃତିକ ଉପାୟରେ ଅପକାରୀ କୀଟ ଓ ରୋଗକୁ ନିୟନ୍ତ୍ରଣ କରନ୍ତି। ଏହାଛଡ଼ା କର୍ଷଣ ନିୟନ୍ତ୍ରଣ ଓ ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଦ୍ୱାରା ରୋଗପୋକ ଆକ୍ରମଣ କମିଥାଏ। ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୌଶଳଗୁଡ଼ିକ ହେଲା ସହନଶୀଳ କିସମ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଯାନ୍ତ୍ରିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ସହିତ ଶେଷରେ ନିରାପଦ କୀଟନାଶକ ବ୍ୟବହାର।

ବିଶ୍ୱରେ ବର୍ଷକୁ ପ୍ରାୟ ୧୧୦୦୦ ଲୋକ ବିଷାକ୍ତ କୀଟନାଶକ ପ୍ରଭାବରେ ମୃତ୍ୟୁବରଣ କରନ୍ତି। ଭାରତରେ ଏହି ହାର ୬୦%। ଟକସିକ ଲିଙ୍କ ସର୍ବେକ୍ଷଣ ଅନୁସାରେ ଆମକୁ କେତେକ ସୁଚିନ୍ତିତ ରଣନୀତି ଗ୍ରହଣ କରିବାକୁ ହେବ। କୃଷି କ୍ଷେତ୍ରକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରି ଉପକାରୀ ଓ ଅପକାରୀ କୀଟ ସଂଖ୍ୟା ଅନୁସାରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ, କୀଟନାଶକ ବିଷ ପରିବର୍ତ୍ତେ ଜୈବ କୀଟନାଶକ ବ୍ୟବହାର, ଆବଶ୍ୟକ ସ୍ଥଳେ ଦୁଇଟି ନିରାପଦ କୀଟନାଶକ ମିଶ୍ରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଜୈବିକ କୃଷି ପାଇଁ ସରକାର ଅଧିକ ଆର୍ଥିକ ଅନୁଦାନ, ପ୍ରଶିକ୍ଷଣ, ପ୍ରାମାଣିକରଣ ସହିତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। ଜୈବିକ କୃଷିର ଅନୁପସ୍ଥିତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କୀଟନାଶକ ବିକ୍ରେତାମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହିତ କୀଟନାଶକ କେବଳ କୃଷିକର୍ମୀଙ୍କ ପରାମର୍ଶକ୍ରମେ ବିକ୍ରୟ ବ୍ୟବସ୍ଥା ବାଧ୍ୟତାମୂଳକ କରିବା ଜରୁରୀ। ରାଜ୍ୟର ଅଧିକୃତ ଅଧିକାରୀମାନେ ନିୟମିତ କୀଟନାଶକ ଦୋକାନ ପରିଦର୍ଶନ କରି ନମୁନା ସଂଗ୍ରହ କରିବା ଆବଶ୍ୟକ। ଏତଦବ୍ୟତୀତ ରାଜ୍ୟରେ ଅଧିକ ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ସ୍ଥାପନା କରି ଏଥିରୁ ପ୍ରସ୍ତୁତ ଟ୍ରାଇକୋଗ୍ରାମା, ବାସିଲସ, ଏନ.ପି. ଭି, ଟ୍ରାଇକୋଡେର୍ମା ଇତ୍ୟାଦି ଜୈବ ନିୟନ୍ତ୍ରକ ଓ ଫେରୋମନ ଯନ୍ତା ଇତ୍ୟାଦି ସୁଲଭ ମୂଲ୍ୟରେ ଚାଷୀକୁ ଯୋଗାଇବା ଦାୟିତ୍ୱ ସରକାରଙ୍କର। ଫସଲରେ ଅନିଷ୍ଟକ ଜୀବନାଶକ ନିୟନ୍ତ୍ରଣ ପାଇଁ ସରକାର, କୃଷକ ଗୋଷ୍ଠୀ ଓ ଜୀବନାଶକ ବିକ୍ରେତାଙ୍କ ମିଳିତ ଦାୟିତ୍ୱ ରହିଛି। କୃଷକ-କ୍ଷେତ୍ରବିଦ୍ୟାଳୟ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା କରି କୃଷି ଅଧିକାରୀ କୃଷକଗୋଷ୍ଠୀଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ଧାରାବାହିକ ପ୍ରଶିକ୍ଷଣ ଦେବା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ମାଇକ୍ରୋ ଓ ନାନୋ ପ୍ଲାଷ୍ଟିକର ବିଷ

ଡ. ବିଜୟ କେତନ ପଟ୍ଟନାୟକ

ଗାଁଗହଳିରେ କୁହାଯାଉଥିବା ରୁଢ଼ି 'ଛୋଟ ସାପର ବେଶୀ ବିଷ' ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରଯୁଜ୍ୟ। ମାଇକ୍ରୋପ୍ଲାଷ୍ଟିକ ବା କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଏବଂ ନାନୋ ପ୍ଲାଷ୍ଟିକ ବା ଅତିଶୟ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସାଧାରଣ ପ୍ଲାଷ୍ଟିକ ତୁଳନାରେ ଯଥେଷ୍ଟ ମାରାତ୍ମକ। ସାଧାରଣ ପ୍ଲାଷ୍ଟିକ ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ କ୍ଷତି ପହଞ୍ଚାଏ ନାହିଁ। ଅନ୍ୟପକ୍ଷରେ ମାଇକ୍ରୋପ୍ଲାଷ୍ଟିକ ବା ନାନୋ ପ୍ଲାଷ୍ଟିକ ମନୁଷ୍ୟ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ। ଏବେ ମାଇକ୍ରୋପ୍ଲାଷ୍ଟିକ ହିମାଳୟର ଏଭରେଷ୍ଟ ଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ରର ଗଭୀର ଜଳରାଶିରେ, ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ସବୁଠି ବିଦ୍ୟମାନ। ସମୁଦ୍ର ପାଦଦେଶର ପ୍ରବାଳ ପ୍ରାଚୀରଠାରୁ ଆରମ୍ଭକରି ଆଣ୍ଟାର୍କଟିକାର ହିମଖଣ୍ଡ ବା ବରଫାବୃତ୍ତ ପରିବେଶରେ ମଧ୍ୟ ଏହା ଅନୁପ୍ରବେଶ କରିସାରିଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ମୁତାବକ, ସଂପ୍ରତି ବିଶ୍ୱରେ ବର୍ଷକୁ ୪୩୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହାର ଦୁଇ-ତୃତୀୟାଂଶ କେବଳ ସ୍ୱଳ୍ପ ସମୟ ନିମନ୍ତେ ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ସିଂହଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ କେବଳ ମାତ୍ର ଥରେ ବ୍ୟବହାର କରି ଫିଙ୍ଗି ଦିଆଯାଏ। ଜୈବିକ ସ୍ତରରେ ପ୍ଲାଷ୍ଟିକର ବିଘଟନ ପାଇଁ ୫୦ ରୁ ୧୦୦୦ ବର୍ଷ ଲାଗିଯାଇପାରେ। ପତଳା ପ୍ଲାଷ୍ଟିକ ବ୍ୟାଗର ବିଘଟନ ପାଇଁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗୁଥିଲା ବେଳେ ପ୍ଲାଷ୍ଟିକ ପାଣି ବୋତଲ ଏବଂ ନାଇଲନ ମାଛଧରା ଜାଲ ପାଇଁ ୫୦୦ ବର୍ଷ ଲାଗିଯାଇପାରେ। ତେବେ ପ୍ଲାଷ୍ଟିକର ପୂର୍ଣ୍ଣ ବିଲୁପ୍ତି ବା ବିଲୟ ହୋଇନଥାଏ। ବରଂ ଏହା ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ। ଏକ ଆକଳନରୁ ଜଣାପଡ଼ିଛି ବର୍ଷକୁ ପ୍ରାୟ ୧୦ ରୁ ୪୦ ନିୟୁତ ମାଇକ୍ରୋପ୍ଲାଷ୍ଟିକ ପରିବେଶରେ ସଂକ୍ରମିତ ହୋଇଥାଏ। ଏହି ଧାରା ଅବ୍ୟାହତ ରହିଲେ ୨୦୪୦ ମସିହା ବେଳକୁ ଏହାର ପରିମାଣ ଦ୍ୱିଗୁଣିତ ହୋଇଯାଇପାରେ।

୨୦୨୨ ମସିହାରେ ପ୍ରଥମ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା, ମିଳିତ ଜାତିସଂଘ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କେନିୟାରେ ଆରମ୍ଭ ହୋଇଥିଲା। ଆଇନଗତ ପ୍ରାବଧାନ ଜରିଆରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ନିମନ୍ତେ ସାରା ବିଶ୍ୱରେ ପ୍ରୟାସ ଆରମ୍ଭ ହେଲା। ସେତେବେଳେ ଏହି ଉଦ୍ୟମ ସାମୁଦ୍ରିକ ଓ ଜଳୀୟ ପରିସଂସ୍ଥାରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରତି ଅଭିପ୍ରେତ ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହାରେ କାନାଡ଼ାଠାରେ ଅନୁଷ୍ଠିତ ଅଧିବେଶନର ଲକ୍ଷ୍ୟ ଉଭୟ ଇଚ୍ଛାକୃତ ଭାବରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକର ଦୀର୍ଘକାଳୀନ ବିଘଟନ ଜୀବନଚକ୍ରରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ହ୍ରାସ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ଚଳିତ ବର୍ଷ ଅଗଷ୍ଟ ମାସରେ ସୁଇଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା ମଧ୍ୟ ଲକ୍ଷ୍ୟ ହାସଲ ଦିଗରେ ବିଫଳ ହୋଇଥିଲା।

ଆମେ ପିଉଥିବା ଜଳ, ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର, ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀ, ଶ୍ୱାସରେ ଗ୍ରହଣ କରିଥିବା ବାୟୁ-ସର୍ବତ୍ର ବିଦ୍ୟମାନ ମାଇକ୍ରୋପ୍ଲାଷ୍ଟିକ। ଚାଷଜମିର ମାଟିରେ ଏବଂ ସେହି ମାଟିରୁ ଉତ୍ପାଦିତ ଫସଲ ଜରିଆରେ ଏବଂ ମାଇକ୍ରୋପ୍ଲାଷ୍ଟିକକୁ ଗିଳିଦେଇଥିବା ସାମୁଦ୍ରିକ ମାଛ ଭକ୍ଷଣ କରିବା ଦ୍ୱାରା, ଖାଦ୍ୟ ଶୃଙ୍ଖଳ ଦେଇ ପ୍ରବେଶ କରୁଛି ଆମ ଶରୀରରେ। ଆମେ ପିଉଥିବା ପାଇପ୍ ପାଣିରେ ମଧ୍ୟ ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କଣିକା ମହଜୁଦ୍ ଅଛି। ଶିଳ୍ପାୟନ, ନିର୍ମାଣ ସଂସ୍ଥା, ପରିବହନ ଧୂଳିକଣା, ଟାୟାର ଘର୍ଷଣ ଏବଂ ସିନ୍ଥେଟିକ ବସ୍ତ୍ର କାରଖାନାରୁ ଉତ୍ପନ୍ନ ମାଇପ୍ରୋପ୍ଲାଷ୍ଟିକ ବାୟୁମଣ୍ଡଳରେ ରହିଥାଏ। ଶ୍ୱାସକ୍ରିୟା ସମୟରେ ଆମେ ବାୟୁ ସହିତ ଏହି ମାଇକ୍ରୋପ୍ଲାଷ୍ଟିକକୁ ମଧ୍ୟ ଆହରଣ କରିଥାଉ। ଆମେ ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ମଧ୍ୟ ରହିଛି ମାଇକ୍ରୋ ପ୍ଲାଷ୍ଟିକ। ଆମେ ଜାଣୁ ବା ନଜାଣୁ ଇଚ୍ଛା କରୁ ନା ନ କରୁ ପ୍ରତି ମୁହୂର୍ତ୍ତରେ କିଛି କିଛି ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କର କୋଷରେ ଓ ପୁନରୁତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗରେ ଆସ୍ଥାନ ଜମାଉଛି। କେବଳ ମସ୍ତିଷ୍କ ନୁହେଁ, ଫୁସଫୁସ, ବୃକ୍କ, ଜରାୟୁ ଓ ରକ୍ତରେ ମଧ୍ୟ ଏହି କଣିକାର ଛିଟା ଦେଖିବାକୁ ମଳୁଛି, ଯାହା ଫଳରେ ମନୁଷ୍ୟ ହୃଦ୍‌ରୋଗ ସହିତ ସ୍ନାୟୁରୋଗ ଓ ଶ୍ୱାସ ଜନିତ ନୂଆ ନୂଆ ରୋଗର ଶିକାର ହେଉଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ପ୍ରକାଶ କରିଥିବା ୨୦୧୪ ଇୟର ବୁକ୍ ରେ ସାରା ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଥିଲେ। ମାଇକ୍ରୋପ୍ଲାଷ୍ଟିକ ଏକ ମୁଣ୍ଡ ଟେକୁଥିବା ପ୍ରଦୂଷକ, ଯାହା ମାନବ ଜାତିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ୨୦୨୨ ମସିହାରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଜଣାଇଥିଲେ ମାଇକ୍ରୋପ୍ଲାଷ୍ଟିକର ମନୁଷ୍ୟର ସ୍ୱାସ୍ଥ୍ୟପ୍ରତି ଥିବା ସଂକଟ ବିଷୟରେ ଆଶାନୁରୂପ ପ୍ରମାଣ ମିଳିନାହିଁ। ୨୦୨୪ ମସିହାରେ ପ୍ରଥମଥର ପାଇଁ ଆମେରିକାସ୍ଥିତ ନ୍ୟୁମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରମାଣିତ କଲେ, ମନୁଷ୍ୟର ମସ୍ତିଷ୍କରେ ଯଥେଷ୍ଟ ପରିମାଣରେ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ ଜମା ହୋଇସାରିଲାଣି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୁହନ୍ତି, ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟ ଶରୀରର ଉତ୍ପାଦକ ଅଂଗ, ପାକସ୍ଥଳୀ ଓ ଶ୍ୱାସନଳୀକୁ ପ୍ରଭାବିତ କରିପାରେ ଏବଂ ସମୟକ୍ରମେ ମନୁଷ୍ୟ ଶରୀରର ବିଭିନ୍ନ କୋଷରେ ଅନୁପ୍ରବେଶ କରୁଥିବାରୁ କୋଲୋନ୍ ଓ ଫୁସ୍‌ଫୁସ୍ କ୍ୟାନସର ସହିତ ଏହା ସଂପୃକ୍ତି ଥାଇପାରେ। ●

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ପୁରୁଷତ୍ୱ ଉପରେ ପୋଷାକର ପ୍ରଭାବ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ଣ୍ଣାଲ ଅଫ୍ ରିପ୍ରଡକ୍ସନ' ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ୨୦୦୧ ମସିହା ବେଳକୁ ୩୪ ଶତାଂଶ ପୁରୁଷମାନଙ୍କ ଠାରେ ସେମାନଙ୍କୁ ପୌରୁଷ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା। ଯାହାକି ୨୦୨୨ ମସିହା ବେଳକୁ ପହଞ୍ଚିଥିଲା ୬୫ ଶତାଂଶରେ। ଏବର ସମୟ ମଧ୍ୟରେ ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ପ୍ରାୟ ୨୦ ଶତାଂଶ ହ୍ରାସ ପାଇଥିଲା। ଅତଏବ ପୁରୁଷର ପ୍ରଜନନ କ୍ଷମତା ବା ପୌରୁଷର ଏହି ମାପକାଠିଟି ସୂଚାଇ ଦେଉଛି ଯେ ସେ କ୍ରମଶଃ ସନ୍ତାନ ସୃଷ୍ଟି କରିବାର କ୍ଷମତା ହରାଇ ଚାଲିଛି।

ଏହାର କାରଣ ଆଜି ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ କରାଯାଇ ପାରିନଥିଲେ ହେଁ ତାହା ବହୁମୁଖୀ ବୋଲି ମନେକରନ୍ତି ବୈଜ୍ଞାନିକମାନେ, ଯାହାକି ବିବର୍ତ୍ତନୀୟଠାରୁ ଆରମ୍ଭ କରି ପରିବେଶୀୟ ଏବଂ ପରିବର୍ତ୍ତିତ ଜୀବନଶୈଳୀ ପର୍ଯ୍ୟନ୍ତ ହୋଇପାରେ। ତେବେ, ବିବର୍ତ୍ତନୀୟ ପରିବର୍ତ୍ତନ ସଦାସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ଶେଷୋକ୍ତ ଦୁଇଟିକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚସି ଆଦି କୀଟ।ଣୁନାଶକର ତଥା ଅନ୍ୟାନ୍ୟ ରସାୟନମାନଙ୍କ ମାତ୍ରାବୃଦ୍ଧି ଆମଠାରେ ପୁରୁଷସୁଲଭ ଗୁଣର ଅପଚୟ ଘଟାଉଥିବାର ପ୍ରମାଣିତ ହେଲା ବେଳେ ପଶୁପାଳନ, ମତ୍ସ୍ୟଚାଷ ଓ କୃଷିରେ ବିବିଧ ହର୍ମୋନ୍ ଏବଂ ରାସାୟନିକ ପଦାର୍ଥର ବ୍ୟାପକ ବ୍ୟବହାର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାର ବୋଷ୍ଟନ ସ୍ଥିତ 'ହାର୍ଭାର୍ଡ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲଥ' ଠାରେ ଗବେଷଣାରତ ବୈଜ୍ଞାନିକ ଲିଡିଡିଆ ମଙ୍ଗୁଏଜ୍ ଆଲାରକୋନ୍ ଏବଂ ତାଙ୍କ ସହଯୋଗୀମାନେ।

'ଦ ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡ୍କସନ'ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସଂପନ୍ନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆରମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟମାନଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରାକୀଟଗୁଡ଼ିକ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ହରମୋନ୍‌ର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ପୂର୍ବରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ତେବେ ସେସବୁ ଅଧ୍ୟୟନ ଥିଲା ସୀମିତ ଏବଂ ତହିଁରୁ ଏବର ଫଳାଫଳ ସହିତ ହରମୋନ୍‌ର ସଂପୃକ୍ତି ବିଷୟରେ କୌଣସି ସୂଚନା ମିଳିପାରିନଥିଲା। ଶରୀର ମଧ୍ୟରେ ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲସିୟସ କମ ହୋଇଥିବା ପରିବେଶ ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡହକୋଷକୁ ପ୍ରକୃତି ଶରୀରର ଅର୍ନ୍ତଭାଗରେ ସ୍ଥାପନ ନ କରି ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ, ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଏବଂ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କରିବା କାରଣରୁ।

ଲିଡିଡଆ ଏବଂ ତାଙ୍କର ସହଯୋଗୀମାନଙ୍କ ଅଧ୍ୟୟନକୁ ଏହାର ଏକ କାରଣସିଦ୍ଧ ପ୍ରମାଣ ରୂପେ ଗ୍ରହଣ କରାଯାଇପାରେ। ଅତଏବ ଚିପା ଅନ୍ତର୍ବାସ ପରିଧାନ ପୁରୁଷମାନଙ୍କଠାରେ ଶୁକ୍ରକୀଟ ଉତ୍ପାଦନକୁ ଯେତିକି ମାତ୍ରାରେ ପ୍ରତିହତ କରୁନା କାହିଁକି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦିଅନ୍ତି ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଅନ୍ୟତମ ବେଅଜ୍ଞାନିକ ତଥା ଏଡିନ୍ ବରା ବିଶ୍ୱବିଦ୍ୟାଳୟର 'ଏମ୍ ଆର ସି ସେଣ୍ଟର ଫର ରିପ୍ରଡକଟିଭ ହେଲଥ୍'ର ପ୍ରଫେସର ରିଚାର୍ଡ ଶାର୍ପେ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ହସିନାଙ୍କୁ ଫାଶୀ...

ଆନ୍ଦୋଳନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଏହାସହିତ ଦେଶବାସୀଙ୍କୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିବା ସହିତ ବିରୋଧୀଙ୍କ ବିରୋଧରେ ଚାଲିଥିବା ଅପରାଧ/ହତ୍ୟାକୁ ରୋକିବାରେ ବିଫଳ ହୋଇଥିଲେ । ଏହି ତିନିଟି ଅଭିଯୋଗ ଉପରେ ବିଚାର ପାଇଁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ ଗଠନ କରାଯାଇଥିଲା । ସେହି ଟ୍ରିବୁନାଲ ଆଜି ତାଙ୍କୁ ଫାଶୀଦଣ୍ଡ ଶୁଣାଇଛି । ସେହିପରି ଟ୍ରିବୁନାଲ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମଧ୍ୟ ୧୨ଜଣ ଲୋକଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ମଧ୍ୟ ଫାଶୀଦଣ୍ଡ ଦେଇଛନ୍ତି । ତେବେ ମାମଲାରେ ତୃତୀୟ ଅଭିଯୁକ୍ତ ପୂର୍ବତନ ପୁଲିସ ମୁଖ୍ୟ ଅବଦୁଲ୍ଲା ଅଲ୍-ମମୁନଙ୍କୁ କେବଳ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି । ମମୁନ ସରକାରୀ ସାକ୍ଷୀ ଭାବେ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ତାଙ୍କ ପ୍ରତି କୋହଳ ହୋଇଛନ୍ତି ଟ୍ରିବୁନାଲ । ସୂଚନାଯୋଗ୍ୟ ଯେ ଶେଖ ହସିନାଙ୍କ ସହିତ ତାଙ୍କର ଗୃହ ମନ୍ତ୍ରୀ ଅସଦୁଜ୍ଜମାନ ଗତ ୧୫ ମାସ ହେବ ଭାରତରେ ଅବସ୍ଥାନ କରୁଛନ୍ତି । କୋର୍ଟଙ୍କ ଏହି ରାୟ ପରେ ସାରା ବାଂଲାଦେଶରେ ହିଂସା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି ।

ମୋ ବିରୋଧରେ ଆସିଥିବା ରାୟ ସମ୍ପୂର୍ଣ୍ଣ ଭାବେ ଭୁଲ । ରାଜନୈତିକ ପ୍ରତିଶୋଧ ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି । ଏହି ରାୟ ଏଭଳି ଏକ ଟ୍ରିବୁନାଲ ଦେଇଛି ଯାହାକୁ ଏକ ଅଣ ନିର୍ବାଚିତ ସରକାର ଚଳାଉଛନ୍ତି । ଏହି ସରକାରଙ୍କ ପାଖରେ କୌଣସି ଜନାଦେଶ ନାହିଁ ବୋଲି ହସିନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ହତ୍ୟାର ଶିକାର ଲୋକଙ୍କୁ ଉଚିତ ନ୍ୟାୟ ମିଳିଲା ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆସାଦୁଜ୍ଜମାନ କହିଛନ୍ତି । ହସିନା ପୂର୍ବରୁ ଯେଉଁ କୋର୍ଟର ସ୍ଥାପନ କରିଥିଲେ, ସେହି କୋର୍ଟ ହିଁ ତାଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଛନ୍ତି । ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଯୁଦ୍ଧ ଅପରାଧ ଓ ନରସଂହାର ଭଳି ମାମଲାର ବିଚାର କରିବା ପାଇଁ ଏହି ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲକୁ ପ୍ରତିଷ୍ଠା କରାଯାଇଥିଲା ।

କୋର୍ଟ ରାୟ ପରେ ବାଂଲାଦେଶ ସରକାର ଆଜି ଭାରତ ସରକାରଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି । ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି । ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାକୁ ତୁରନ୍ତ ହସ୍ତାନ୍ତର କରୁ ବୋଲି କୁହାଯାଇଛି । ତେବେ ଭାରତ ସରକାର ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହାନ୍ତି । ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ପଡ଼ୋଶୀ ଦେଶ ହିସାବରେ ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ସଂକଳ୍ପବଦ୍ଧ । ସେଠାରେ ଗଣତନ୍ତ୍ର, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସରକାର ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନା ଜାରି ରଖିବ ।

## ୪୫ ଭାରତୀୟ...

ଛୋଟପିଲା ଅଛନ୍ତି । ଦୁର୍ଘଟଣାଗ୍ରସ୍ତ ବସ୍‌ରେ ୪୬ ଜଣ ଲୋକ ଯାତ୍ରା କରୁଥିଲେ । ମୃତକଙ୍କ ମଧ୍ୟରେ ଅଧିକାଂଶ ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି ।

ହାଇଦରାବାଦ୍ ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୯ରେ ୫୪ ଜଣ ଲୋକ 'ଉମରା' ପାଇଁ ହାଇଦରାବାଦ୍‌ରୁ ସାଉଦି ଆରବ ଯାଉଥିଲେ । ଏମାନେ ନଭେମ୍ବର ୨୩ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିଲା । ଏମାନଙ୍କ ମଧ୍ୟରୁ ୪ ଜଣ ରବିବାର କାର୍‌ରେ ପୃଥକ ଭାବେ ମଦିନା ଯାଇଥିଲେ । ସେହିପରି ଅନ୍ୟ ୪ ଜଣ ଲୋକ ମକ୍କାରେ ରହିଯାଇଥିଲେ ।

ଅନ୍ୟ ୪୬ ଜଣଙ୍କୁ ନେଇ ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ମଦିନାଠାରୁ ୨୫ କିମି ଦୂର ମୁହରାସ୍ ନିକଟରେ ଭାରତୀୟ ସମୟ ରାତି ପ୍ରାୟ ୧.୩୦ରେ ଏହି ଦୁର୍ଘଟଣା ଘଟିଥିଲା ।

ଏହି ଦୁର୍ଘଟଣା ପାଇଁ ତେଲଙ୍ଗାନା ସରକାର ରିୟାଧ ସ୍ଥିତ ଭାରତୀୟ ଦୂତାବାସ ସହିତ ବରାବର ସମ୍ପର୍କରେ ରହିଛନ୍ତି । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ଚିହ୍ନଟ ଓ ପରିଚୟ ପାଇଁ ଦିଲ୍ଲୀରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୂତାବାସର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସବୁ ପ୍ରକାର ସହାୟତା ପ୍ରଦାନ କରିବା ସହ ସବୁ ବ୍ୟବସ୍ଥା ଉପଲବ୍ଧ କରାଇବାକୁ କହିଛନ୍ତି । ଇତିମଧ୍ୟରେ ୧୨ ଜଣ ମୃତକଙ୍କ ନାମ ସାମ୍ନାକୁ ଆସିଛି । ଭାରତୀୟ ଦୂତାବାସ ମଧ୍ୟ ଏ ନେଇ ହେଲ୍ପଲାଇନ୍ ଜାରି କରିଛି । ହାଇଦରାବାଦ ସାଂସଦ ସବୁ ମୃତଦେହକୁ ଭାରତ ଆଣିବା ପାଇଁ ଅପିଲ କରିଛନ୍ତି । ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି । ରିୟାଦସ୍ଥିତ ବାଣିଜ୍ୟ ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଆମ ଅଧିକାରୀମାନେ ସାଉଦିର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଏହି ଘଟଣା ଗଭୀର ଦୁଃଖ ଦେଇଛି ବୋଲି କହିଛନ୍ତି । ଏହି ଦୁର୍ଘଟଣାରେ ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି ।

## ବିହାର ରାଜନୀତିରେ...

ବିଧାନସଭା ଭଙ୍ଗ କରିବାକୁ ରାଜ୍ୟପାଳଙ୍କୁ ଏକ ସୁପାରିସ ପତ୍ର ଦେଇଥିଲେ । କେଉଁ ନିର୍ଦ୍ଦିଷ୍ଟ କାରଣରୁ ନୀତିଶ କୁମାର ଶେଷ ମୁହୂର୍ତ୍ତରେ ତାଙ୍କର ଯୋଜନା ପରିବର୍ତ୍ତନ କଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ ।

ଏନ୍‌ଡ଼ିଏ ପାଇଥିବା ମୋଟ ୨୦୨ ଆସନ ମଧ୍ୟରୁ ବିଜେପିକୁ ୮୯ଟି ଆସନ ମିଳିଥିବାବେଳେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ୧୯, ଜିତେନରାମ ମାଞ୍ଝିଙ୍କ ଦଳକୁ ୫ ଓ ଉପେନ୍ଦ୍ର କୁଶୱାହଙ୍କୁ ୪ଟି ଆସନ ମିଳିଛି । ଅବଶିଷ୍ଟ ୮୫ଟି ଆସନ ନୀତିଶକୁମାରଙ୍କ ଜେଡ଼ିୟୁ ପାଇଛି । ସରକାର ଗଠନ ପାଇଁ ୧୨୨ଟି ଆସନର ଆବଶ୍ୟକତା ଥିବାବେଳେ ନୀତିଶଙ୍କ ବିନା ବିଜେପି ଓ ଅନ୍ୟ ସହଯୋଗୀ ମାତ୍ର ୧୧୭ ଆସନ ମଧ୍ୟରେ ସୀମିତ ରହିବେ । ଅନ୍ୟପକ୍ଷରେ ଜେଡ଼ିୟୁକୁ ସମର୍ଥନ ଦେବାକୁ ମହାଗଠବନ୍ଧନ ଏବେ ବି ଗୋଡ଼ ଟେକି ବସିଛି । ଜେଡ଼ିୟୁର ୮୫ ସହ ଆର୍‌ଜେଡ଼ିର ୨୫, କଂଗ୍ରେସ ୬ଟି, ବାମପନ୍ଥୀ ୩ଟି, ଏଆଇଏମ୍‌ଏମ୍‌ର ୫ ଓ ବିଏସ୍‌ପିର ଗୋଟିଏ ଆସନକୁ ମିଶାଇ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ ହୋଇ ପାରିବ । ଯଦିଓ ନୀତିଶ ମହାଗଠବନ୍ଧନ ସହିତ ମିଶି ସରକାର ଗଠନ କରିବାକୁ ସମର୍ଥ, କିନ୍ତୁ ଏହାଦ୍ୱାରା ଜେଡୟୁରେ ବିଭାଜନ ଆଶଙ୍କା ଥିବା ମଧ୍ୟ କୁହାଯାଉଛି ।

ଅନ୍ୟପକ୍ଷରେ ନୀତିଶଙ୍କ ପରିବର୍ତ୍ତେ ବିଜେପି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି । ଏପରିକି ବିଜେପିର ପ୍ରସ୍ତାବରେ ସହମତ ହେବାକୁ ଦୁଇ ସହଯୋଗୀ ସଞ୍ଜୟ ଝା ଓ ଲଲନ୍ ସିଂହ ପରୋକ୍ଷରେ ନୀତିଶକୁମାରଙ୍କୁ ବୁଝାଇବାରେ ଲାଗିଥିଲେ ହେଁ ଏହାକୁ ସେ ସ୍ୱୀକାର କରିନାହାନ୍ତି । ତେଣୁ ନୀତିଶ ଓ ବିଜେପି ପରସ୍ପର ସହ ରହିବା ଏକ ରାଜନୈତିକ ବାଧ୍ୟବାଧକତା ଓ ପରସ୍ପରକୁ ସହଯୋଗ କରିବାକୁ ବାଧ୍ୟ । ଏହା ସତ୍ତ୍ୱେ ଏବେ ବି ନୀତିଶ ବିହାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ଓ ଏଥିରେ ସାମାନ୍ୟ ପରିବର୍ତ୍ତନ କେବଳ ବିହାର ନୁହେଁ, ଜାତୀୟ ରାଜନୀତିକୁ ବି ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି ।

## ଏଥର କମ୍...

ଏକସଙ୍ଗରେ ମ୍ୟାଚ୍ ଦେଖିପାରୁଥିଲେ । ସିଟ୍ ଗୁଡିକ ଚଉଡା କରାଯିବା ପରେ ଏହି ସଂଖ୍ୟା ୩ରୁ ୪ହଜାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି ।

ବାରବାଟୀ ଟି-୨୦ ପାଇଁ ଡିସେମ୍ବର ୧ ତାରିଖରୁ ଅନଲାଇନ୍ ଟିକଟ ବିକ୍ରି କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ ଅନଲାଇନ୍ ଟିକଟ ଉପଲବ୍ଧ ହେବ । ଅନଲାଇନ୍‌ରେ କେତେ ସଂଖ୍ୟକ ଟିକଟ ବିକ୍ରି ନିମନ୍ତେ ଛଡାଯିବ ତାହା ଘୋଷଣା କରାଯାଇନାହିଁ । ଡିସେମ୍ବର ୫ରୁ କାଉଣ୍ଟର ଟିକଟ ବିକ୍ରି କରାଯିବ । ଏହା ଭିତରେ ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକୁ ଟିକଟ ବିକ୍ରି କରାଯିବ ବୋଲି କୁହାଯାଇଛି ।

## ଅଫେରା ରାଇଜରେ...

ହୋଇଥିବା ବେଳେ ଦାଦା ସଂଗୀତ ସଂଯୋଜକ ଥିଲେ । ପିଲାଦିନରୁ ହ୍ୟୁମାନ୍ ସାଗରଙ୍କ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ଥିଲା । ସେ ଛୋଟବେଳୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଆ ଲୋକସଙ୍ଗୀତରେ ପ୍ରଶିକ୍ଷଣ ନେଇଥିଲେ । ସେ ବିଭିନ୍ନ ସ୍ଥାନୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ୨୦୧୨ ମସିହାରେ ତାଙ୍କର ସଙ୍ଗୀତ କ୍ୟାରିଅର ଆରମ୍ଭ ହୋଇଥିଲା । ତରଙ୍ଗ ଟିଭିରେ ଆୟୋଜିତ ରିଅଲିଟି ସୋ' 'ଭଏସ୍ ଅଫ୍ ଓଡ଼ିଶା-ସିଜନ୍-୨' ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ବିଜୟ ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ପରିଚୟ ଦେଇଥିଲା । ୨୦୧୫ରେ ହ୍ୟୁମାନ୍ ସାଗରଙ୍କର ପ୍ରଥମ ପ୍ଲେ-ବ୍ୟାକ୍ ଡେବ୍ୟୁ ହୋଇଥିଲା ତରଙ୍ଗ ସିନେ ପ୍ରଡକ୍ସନ୍ ପ୍ରଯୋଜିତ ଓଡ଼ିଆ ସିନେମା 'ଇସ୍କ ତୁ ହି ତୁ'ର ଟାଇଟଲ୍ ଟ୍ରାକ୍‌ରୁ । ଅଭିଜିତ୍ ମଜୁମଦାର ଉକ୍ତ ସଂଗୀତର ନିର୍ଦ୍ଦେଶନା ଦେଇଥିଲେ । ଏହାପରଠାରୁ ହ୍ୟୁମାନ୍ ଆଉ ପଛକୁ ଫେରି ଚାହିଁନାହାନ୍ତି । ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇ ନିଜର ନିଆରା ପରିଚୟ ସୃଷ୍ଟି କରିଥିଲେ । ଚଳଚ୍ଚିତ୍ର, ଆଲବମ୍ ସଙ୍ଗୀତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଏପର୍ଯ୍ୟନ୍ତ ସେ ୨୦ରୁ ଊର୍ଦ୍ଧ୍ୱ ସିନେମା ଓ ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍‌କୁ ମିଶାଇ ୧୫ଶହରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି ।

## ମାଟିରେ ମିଶିବ...

ବାନ୍ଧିଛନ୍ତି । ବାମ ସମାନ୍ତରାଳ ରାସ୍ତା ପାଇଁ ଶହେରୁ ଊର୍ଦ୍ଧ୍ୱ ଘରକୁ ପୂର୍ବରୁ ଭଙ୍ଗାଯାଇଛି । ଏମାନଙ୍କୁ ବୁଦ୍ଧବିହାରରେ ଥଇଥାନ କରାଯାଇଥିଲା । ହେଲେ ଅନ୍ୟଯେଉଁମାନେ ରହିଯାଇଥିଲେ ସେମାନଙ୍କୁ ଆସନ୍ତାକାଲି ଉଚ୍ଛେଦ କରାଯିବ । ଘର ଭାଙ୍ଗିବାକୁ ଥିବା ବସ୍ତି ବାସିନ୍ଦା ଘର ନୁହେଁ ରାଜଧାନୀରେ ଜମିଦାବି କରୁଛନ୍ତି । ଏଥିପାଇଁ ସେମାନେ ଏହି ଘର ଛାଡିବାକୁ ନାରାଜ । ତେବେ ପ୍ରଶାସନ ଏମାନଙ୍କୁ ଜମି ଦେବା ସପକ୍ଷରେ ନାହିଁ । ଯାହା ଉତ୍ତେଜନା ପ୍ରମୁଖ କାରଣ ପାଲଟିବ । ଏହାକୁ ବିରୋଧ କରିବାକୁ ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହେବେ ବୋଲି ବସ୍ତିନେତାମାନେ କହିଛନ୍ତି । ସକାଳ ୭ଟାରୁ ସାଲିଆସାହି ଆରମ୍ଭ ହେବ ବସ୍ତି ଉଚ୍ଛେଦ କାର୍ଯ୍ୟକ୍ରମ । ଏଥିପାଇଁ ବ୍ୟାପକ ପରିମାଣରେ ଟ୍ରକ୍ ଏବଂ ଜେସିବି ମୁତୟନ କରାଯିବ । ବିଏମ୍‌ସି ପକ୍ଷରୁ ୬୦ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍ । ଶହେ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ କରାଯିବ । ପ୍ରତ୍ୟେକ ଜୋନ୍‌ର ଜୋନାଲ ଅଫିସର ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବାକୁ ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଦମକଳ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ । ଏହାସହ ଉଚ୍ଛେଦ ହେଉଥିବା ପରିବାର ଲୋକଙ୍କୁ ବୁଦ୍ଧବିହାର ସ୍ଥିତି ଅସ୍ଥାୟୀ ଟ୍ରାଞ୍ଜିଟ୍ ହାଉସ୍‌ରେ ଥଇଥାନ କରାଯିବ । ପରବର୍ତ୍ତୀ ସମୟରେ ଘର ଯୋଗାଇ ଦିଆଯିବ । ସେହିପରି ବିଡିଏ ପକ୍ଷରୁ ୬ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ମୁତୟନ ରହିବେ ବୋଲି ସୂଚନା ମିଳିଛି ।

### ମହଙ୍ଗା ପଡ଼ିଲା ବିଜେପିର ଜମି ଦେବା ନିର୍ବାଚନ ପ୍ରତିଶ୍ରୁତି

ସାଲିଆସାହିରେ ବସ୍ତି ଭାଙ୍ଗିଲେ ଘର ଦେଇ ଥଇଥାନ କରାଯିବ । ଏଥିପାଇଁ ବୁଦ୍ଧବିହାରରେ ଆବାସ ଘର ନିର୍ମାଣ କରି ଥିଲେ ପୂର୍ବତନ ବିଜେଡି ସରକାର । ହେଲେ ବସ୍ତିବାସିନ୍ଦାଙ୍କ ଭୋଟ୍ ହାତେଇବାକୁ ନିର୍ବାଚନ ବେଳେ ବିଜେପି ଏହାକୁ ସ୍ଥାନୀୟ ଅଞ୍ଚଳରେ ନିର୍ବାଚନର ଏକ ମୁଦ୍ଦା ବନାଇଲା । ଘର ନୁହେଁ ଆମେ ସରକାରକୁ ଆସିଲେ ପ୍ରତ୍ୟେକ ପରିବାରକୁ ଜମି ଦେବୁ । ତାହାପୁଣି ରାଜଧାନୀରେ ୬ ଶହ ବର୍ଗଫୁଟ୍‌ର ଜମି । ଏଥିପାଇଁ ପ୍ରଚାରପତ୍ର ଲୋଖାଯାଇ ଘରେ ଘରେ ବଣ୍ଟାଗଲା । ଲୋକଙ୍କୁ ଜମି ପାଇଁ ଉସୁକାଇଲା । ଭୁବନେଶ୍ୱର ଏମ୍‌ପି ଜାତୀୟସ୍ତରର ଜଣେ ତାରକା ଏମ୍‌ପିଙ୍କୁ ଧରି ସାଲିଆସାହିରେ ଏଭଳି ପ୍ରତିଶ୍ରୁତି ଦେଲେ । ହେଲେ ସରକାରକୁ ଆସିଲା ପରେ ମୁଣ୍ଡରେ ବୁଦ୍ଧି ପସିଲା । ପୂର୍ବ ସରକାର ଯାହା କରୁଥିଲେ ତାହା ଠିକ୍ ବୋଲି କହିଲା । ଜମି ଦେଇ ନୁହେଁ ଘର ଦିଆଯାଇ ଥଇଥାନ କରାଯିବ ବୋଲି ପ୍ରଶାସନ ଦ୍ୱାରା କୁହାଇଲା । କିନ୍ତୁ ବସ୍ତି ବାସିନ୍ଦା ଛାଡିବାକୁ ନାରାଜ । ପ୍ରତିଶ୍ରୁତି ଦେଇଛ ମାନେ ଜମି ଦେବ । ନ ହେଲେ ବିଜେପି ନେତାଙ୍କ ଘର ଘେରିବୁ ବୋଲି ବସ୍ତିବାସିନ୍ଦା ଅଡ଼ିବସିଛନ୍ତି ।

### ରାସ୍ତାର ନକ୍ସା ବଦଳାଯାଉ

ଆମେ ବାମ ପାଶ୍ୱର୍ ସମାନ୍ତରାଳ ରାସ୍ତାର ବିରୋଧ କରୁ ନାହୁଁ । ବସ୍ତି ବାସିନ୍ଦା ସହରର ଜୀବନ ରେଖା, ତେଣୁ ସେମାନଙ୍କୁ କର୍ମସ୍ଥଳୀ ନିକଟରେ ବାସସ୍ଥାନ ଯୋଗାଇ ଦେବା ସରକାରଙ୍କର ଦାୟିତ୍ୱ । ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଉ । ଜଙ୍ଗଲ ଜମିରେ ଅନ୍ୟ କିଛି ହୋଇପାରିବ ନାହିଁ କିନ୍ତୁ ରାସ୍ତା କେମିତି ହୋଇପାରିବ । ପ୍ରଥମେ ଏହି ବସ୍ତିରେ ଦୀର୍ଘ ଦିନ ଧରି ଶ୍ରମଜୀବୀ ଲୋକ ରହୁଛନ୍ତି । ତା ପରେ ରାସ୍ତା ନିର୍ମାଣ ହେଉଛି । ତେଣୁ ରାସ୍ତାର ନକ୍ସା ବଦଳାଯାଉ । ବଳପୂର୍ବକ ବସ୍ତି ଉଚ୍ଛେଦ ନ କରାଯାଉ ବୋଲି ବସ୍ତି ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦିକା ପ୍ରମିଳା କହିଛନ୍ତି ।

### ସବୁ ଆଲୋଚନା ବିଫଳ

ବିଏମ୍‌ସି ବସ୍ତି ନେତାଙ୍କୁ ନେଇ ଆଲୋଚନା କରିବାକୁ ଚାହୁଁଥିଲା । ହେଲେ ଆଲୋଚନା ବିଫଳ ହେଲା । ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ସୋମବାର ପୁଲିସ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିବାକୁ ଡାକିଥିଲା । କୁହାଯାଇଥିଲା ଡିସିପି ଆଲୋଚନା କରିବେ । ହେଲେ ନାଆ ଥାନା ଅଧିକାରୀ । ନାଆ ଡିସିପି କେହି ଆସିଲେନି । ବହୁତ ଲୋକ କ'ଣ ପାଇଁ ଆସିଛ ବୋଲି କହି ନୂଆପଲ୍ଲୀ ଥାନା ସେମାନଙ୍କୁ ଫେରାଇ ଦେଲା ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER MURAN DAM DIVISION, KHATIGUDA UPPER INDRAVATI DAM CIRCLE**
**AT/PO-KHATIGUDA, DIST- NABARANGPUR, PIN-764085**
A-869
Email id- eemurandamdivision@gmail.com
**TENDER CALL NOTICE NO. EEMDD- 03/2025-26, DATED: 06.11.2025**

Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Muran Dam Division, Khatiguda.

| | | |
|---|---|---|
| 1 | Name Of the Work | : "Deployment of one light Commercial Vehicle (Bolero/TUV-300/SUMO Gold/Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year / 12 calendar months". |
| 2 | Number of works | One |
| 3 | Estimate cost | Rs. 4,46,400/- (Excluding GST) |
| 4 | Eligibility of the bidders | : Registered Travel Agency / Tour Operators / Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5 | Period of contract | : 12 (Twelve) Calendar Months |
| 6 | Date & Time of Availability of bid document at the office | From 14.11.2025 (11:00 AM) to 21.11.2025 up to (01:00 PM) |
| 7 | Last Date and Time for receipt of bid at the office | 21.11.2025 (05:00 PM) |
| 8 | Date of opening of the bids online | 24.11.2025 (12:30 PM) |
| 9 | Name & address of the Office of the Office Inviting Bid | Office of The Executive Engineer, Muran Dam Division, At/Po: Khatiguda, Dist.: Nabarangpur, PIN-764085 |

Further details can be seen at the Office of The Executive Engineer, Muran Dam Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.
Sd/- Executive Engineer, Muran Dam Division, Khatiguda
OIPR

**AFFIDAVIT**
By virtue of an affidavit sworn before Executive Magistrate Bhubaneswar on dated, 17.11.2025, I Rita Kumari Naik resident At-Hariom Colony, Mission Chowk, Word No. 10, Po/Ps- Sundargarh Town, Dist- Sundargarh, Odisha, PIN- 770001, declare that I have changed my name from Rita Patel to Rita Kumari Naik. Henceforth, He shall be known as **RITA KUMARI NAIK** for all purposes.

**LOST**
I, Sri Sana Pangi, S/o- Late Amaya Pangi resident of Vill.- Raipada, Po.- Godihanjar, Ps.- Machkund, Dist.- Koraput state that, I am having a landed property of Mouza- Godihanjar under khata no.-48, Area- AC-7.89 Centin the name of Ghasi Pangi, Raji Pangi and Sana Pangi joint record. Original ROR has been misplaced when I traveled from Raipada to Jeypore. Inspite of my best effort I am unable to trace it out and it is beyond recovery. If in future any person has found the Original ROR while in contact with Sana pangi. Mob No.- 9337954554.

**OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA**
e-mail Address: eenidnimapara@gmail.com
**1st Corrigendum to e-Procurement Notice No.04 of 2025-26/ Dated 28.10.2025**
**NID FOR CANCELLATION**
No.A-898: The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
Sd./- Superintending Engineer
Nimapara Irrigation Division, Nimapara
OIPR-

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY, SAMBALPUR**
Established by an Act of Government of Odisha.
No. 2710 /OSOU/2025 Dt. 17.11.2025
**SHORT TENDER NOTICE**
Odisha State Open University, Sambalpur invites Short Tender Notice for Event Management Services for PRAYAS: National Conference-2025 to be held from 13th to 15th December, 2025 in the University Campus for successful completion of the Event.
The interested agencies having experiences in the said services may visit our website www.osou.ac.in for more details. Last date of submission of tender proposal - 02.12.2025 (5.00 PM) by Speed Post /Regd. Post.
For more details visit our website: www.osou.ac.in
Sd-
Registrar

**OFFICE OF THE NOTIFIED AREA COUNCIL, KODALA**
Government of Odisha
Odisha, PIN -761032, e-Mail: - nackodala@gmail.com
Lt. No.3140/Dev/2025 Dated.12.11.2025
**e- NOTICE**
**BID IDENTIFICATION No.KOD-NAC-12/2025-26**
C-: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- Civil Work
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 13/11/2025 to 5.00PM of Dt. 26/11/2025
6. Last date and time for receipt of Bid in the Portal :- 5.00PM of Dt. 26/11/2025
7. The bid received online shall be opened on :- 11.00 AM of dtd. 27/11/2025
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal: www.tendersorissa.gov.in.
OIPR- Sd./- Executive Officer, Kodala NAC

C-1450
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
E-mail : eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
Bid Identification No.52/03/SPH(C)/2025-26 dt.07.11.2025

1. Name of the work — 5 (Five) nos. of works
2. Estimate cost — 7.39 lakh to 40.64 lakhs
3. Date & time of availability of bid document in the portal — From 11.00 AM of 15.11.2025 to 5.30 PM of 01.12.2025
4. Last Date / Time of receipt of bid in the portal — 5.30 PM of 01.12.2025
5. Date and time of opening of bids — 1.00 P.M. on dated.03.12.2025
6. Name and address of the Officer inviting the bid — Superintending Engineer, P.H. Division, Bhanjanagar at Chatrapur

Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer
P.H. Division, Bhanjanagar at Chatrapur
OIPR-

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar Address dated 3.11.2025, I, Baidhar Shau, Vill- Narasinghpur, P.O.:- Bhandaridiha, Dist-Kendujhar, Pin-758025, Odisha declare that, the name of my daughter has changed from Dipika Priyadarshini Shau to Dipika Priyadarshini Sahu. Henceforth, she will be known as Dipika Priyadarshini Sahu for all purposes.

**AFFIDAVIT**
By virtue of an affidavit no.2888, dtd.16.10.2025 before Notary Public, Jatni, I, Chakradhar Maharana, residing at Ananda Vihar, Godadharmasagar, Jatni, PO/PS–Jatni, Dist-Khurda, Pin–752050 have changed my name from Chakrapani Moharana to Chakradhar Maharana. Henceforth, I shall be known as Chakradhar Maharana for all purposes.
Sd/-Chakradhar Maharana

**AFFIDAVIT**
By virtue of an affidavit sworn before the Executive Magistrate, Badasahi, Mayurbhanj, dated 10.10.2025, I Apurba Naik, Address At-Narankhunta, Po- Narankhunta, Ps-Badasahi, Dist-Mayurbhanj, State-Odisha, Pin-757075 declare that I have changed my name from Arghuba Naik to Apurba Naik. Henceforth , I shall be known as Apurba Naik for all purposes.
Sd/- Apurba Naik

**AFFIDAVIT**
By virtue of an affidavit (CF No. 16, date- 17/11/2025) before the Executive Magistrate, Bhubaneswar. I, **Rubina Sahoo,** (Mobile Number: 7894244302), W/o Panchanan Sahoo, resident of At- Plot No. LIG-231, Baramunda Housing Board Colony, Near Radhakrishna Temple, Baramunda, Bhubaneswar, Dist- Khurda, Odisha, PIN- 751003, Odisha declare that, I have correction my name from **Rubina Rani Sahoo to Rubina Sahoo** in my son's school record (Name: **Biswaroop Sahoo,** School: KV-2, Bhubaneswar).
**Rubina Sahoo**

**AFFIDAVIT**
I, Rasmi Ranjan Barik, aged about 48 years, S/o Late Rabindra Kumar Barik, resident of At- Baulakuda, Dadhibamanpur, Bentkar, Dist- Cuttack, PIN- 754112, Odisha declare by this affidavit No. 9829, date- 19/09/2025, that now onwards I shall be known as **RASHMI RANJAN BARIK** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated- 17/11/2025. I, **Jangyasini Nag** (new name) formerly called as Jagyanseni Nag (old name), D/o Bhima Nag, Permanent resident of At- Belpadar, P.O. Sirol, P.S. Titilagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from **Jagyanseni Nag** (old name) to **Jangyasini Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jangyasini Nag** (new name).
**Jangyasini Nag**

**AFFIDAVIT**
By virtue of an affidavit no.2889, dtd.16.10.2025 before Notary Public, Jatni, I, Laxmipriya Maharana, At- Loco Settlement, PO/PS-Jatni, Dist-Khordha, present residing at Ananda Vihar, Godadharmasagar, Jatni, PO/PS- Jatni, Dist-Khordha -752050 have changed my name from Bisnupriya Moharana to Laxmipriya Maharana. Henceforth, I shall be known as Laxmipriya Maharana for all purposes.
Sd/-Laxmipriya Maharana

**AFFIDAVIT**
I, **Beautirani Parichha,** D/o.: Mrutyunjaya Parichha, Permanent resident of At/ PO.: Narayanpur, P.S.: Rayagad, Dist.: Gajapati, Odisha-761212 declare by this Affidavit No.: 6017, sworn before Executive Magistrate, Angul on Dt.17.11.2025 that from now onwards my name Beauti Parichha will be known as **Beautirani Parichha** for all future legal purposes.

**AFFIDAVIT**
By Virtue of an affidavit dtd. 16.11.2025 before the Notary Public, M.Rampur, Dist Kalahandi,I, Binod Kumar Sahu, Have changed my minor daughter name and DOB from Pragya parimiti Sahu, DOB- 28.05.2012 to Pragya Parimita Sahu, DOB- 23.04.2012. Hence forth she will be Known as pragya Parimita Sahu and her DOB is 23.04.2012 for all purposes.
Sd/- Binod Kumar Sahu

**AFFIDAVIT**
I JAMI RASHMITA, W/o JAMI ANIL KUMAR, resident of At- Gulipatna, Po./Ps.- Umarkote, ,Dist.- Nabarangpur- 764 073 Odisha declare by this Affidavit No.1893, Dated- 11/11/2025,that now onwards I shall be known as **JAMI RASMITA PATRA** for all future purpose.

**AFFIDAVIT**
I, Gohil Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Odisha, Pin- 751006, declare by this affidavit No.311/2025, dated- 11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**
Punam Agarwalla, D/O- Sarat Chandra Tulsian, Residence of ward no-2 Babusahi, po-Baripada, ps- Baripada Town, Dist- Mayurbhanj-757001 Odisha, declared by this affidavit no-243,Dated- 17/11/2025 that now onwards I shall be known as **PUNAM AGARWAL** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Baramba Dt. 27.10.2025 I Santosh Kumar Sahoo of Vill/Po-Jhajia, Ps- Baramba, Dist-Cuttack declare that I have changed the name of my minor daughter name from Nishigandha Sahoof to Nishigandha Sahoo in Aadhar card. Henceforth, she shall be known as **Nishigandha Sahoo** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, SL.No- 3 on dated 17-11-2025 I, **MADHUSREE KUANR,** W/o Bikash Chandra Rout permanent resident of Plot No- B/27/A, Phase-2, Krishna Garden, Jagamara, VTC- Khandagiri, Po- Khandagiri, Ps- Khandagiri, Dist- Khordha, Pin- 751030, declare that I have changed my name from **MADHUSHRI ROUT** (Old name) to **MADHUSREE KUANR** (New name), Henceforth, I shall be known as **MADHUSREE KUANR** for all future purposes.
Sd-( MADHUSREE KUANR)

**AFFIDAVIT**
By virtue of an affidavit before the Notary Public, Titilagarh, on dated- 17/11/2025. I, **Subash Murlli** (applicant name), S/o- Narasingha Murlli, permanent resident of AT- Sargiguda W.N. 1, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Bubul Murali** (old name) to **Bulbul Murlli** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bulbul Murlli** (new name) for all future purposes.
**Subash Murlli**

## ନାଗେଶ୍ୱରୀ ପାହାଡ଼ ପାଖରେ ଫାଟକ ସ୍ଥାପନ ଅବୈଧ

# ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ତହସିଲଦାର



ନନ୍ଦପୁର,୧୭।୧୧ (ସମିସ): ଦୀର୍ଘ ମାସର ବ୍ୟବଧାନ ପରେ ନାଗେଶରୀ ପାହାଡ଼ ପାଦ ଦେଶରେ ଶୁଳ୍କ ଆଦାୟ ଫାଟକ ସ୍ଥାପନ ହୋଇଛି। ପାହାଡ଼ ପାଦ ଦେଶରେ ଫାଟକ ସ୍ଥାପନ ସଂପୂର୍ଣ୍ଣ ଅବୈଧ ବୋଲି କହିଛନ୍ତି ନନ୍ଦପୁର ତହସିଲଦାର ତଥା ସ୍ଥାନୀୟ କାର୍ଯ୍ୟକାରିଣୀ ମାଜିଷ୍ଟ୍ରେଟ ଦେବବ୍ରତ ମହାରଣା । ସୂଚିତ ଯେ ବନ ସୁରକ୍ଷା ସମିତି ପକ୍ଷରୁ ଗତ ଏକ ବର୍ଷ ପାଖାପାଖି ହେବ ପାହାଡ଼ ଉପରକୁ ଯିବା ପାଇଁ ପର୍ଯ୍ୟଟକଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ ବନ୍ଦ ରହିଥିବା ବେଳେ ଗତ ଶନିବାର ମହାପୁରୁଷ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ପାହାଡ଼ ପାରିପାର୍ଶ୍ୱିକ ଅଞ୍ଚଳର ଜନ ସାଧାରଣ ପକ୍ଷରୁ ମହାମେଳ କରାଯାଇ ପ୍ରବେଶ ଦ୍ୱାରା ପଥରେ ପ୍ରବେଶ ଫାଟକ ସ୍ଥାପନ କରି ଶୁଳ୍କ ଆଦାୟ ପାଇଁ ନିଷ୍ପତି ନିଆଯାଇଛି। ଏହି ଅବସରରେ ଅଜୟ ମୁଦୁଲି ଭାଷଣ ରଖି ଜଙ୍ଗଲ ଜମିର ସୁରକ୍ଷା, ଗ୍ରାମସଭାର ଅଧିକାର, ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଲମ୍ବା ଭାଷଣ ରଖିଥିଲେ। ଏହି ଅବସରରେ ପାଞ୍ଚଟି ଗ୍ରାମସଭାର ଉପସ୍ଥିତ ଜନ ସାଧାରଣ ଯୋଗଦେଇ ପାହାଡ଼ ଉପରକୁ ଯିବା ପାଇଁ ଦୈନିକ ଆସୁଥିବା ପର୍ଯ୍ୟଟକଙ୍କ ଯାନବାହାନ ଉପରେ ଶୁଳ୍କ ଆଦାୟ ନିମନ୍ତେ ଆଲୋଚନା ହେବା ସହ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି । ତେବେ ପୂର୍ବରୁ ପାହାଡ଼ ପାରିପାର୍ଶ୍ୱିକ ପଞ୍ଚାୟତର ଜନ ସାଧାରଣଙ୍କୁ ନେଇ ବନ ବିଭାଗ ଏକ କମିଟି ଗଠନ କରି ପର୍ଯ୍ୟଟକ ମାନଙ୍କ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ନିମନ୍ତେ ଏକ କମିଟି ଗଠନ କରି ଫାଟକରୁ ଯାନବାହାନ ଯାତାୟାତ ନିମନ୍ତେ ଶୁଳ୍କ ଆଦାୟ ଚାଲିଥିଲା। ଗତ ଏକ ବର୍ଷ ହେବ ବିବାଦୀୟ ସ୍ଥିତି ପରେ ଫାଟକରୁ ଶୁଳ୍କ ଆଦାୟ ବନ୍ଦ ରହିଥିବା ବେଳେ ବନ ସୁରକ୍ଷା କମିଟି କରି ଗତ ଶନିବାର ପାହାଡ଼ ପାଦଦେଶରେ ଫାଟକ ସ୍ଥାପନ ହେବା ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରାଜସ୍ୱ ଜାଗାରେ ହୋଇଥିବା ଏହି କାର୍ଯ୍ୟକୁ ଅବୈଧ ବୋଲି କହିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପାଡୁଆ ଥାନାରେ ଲିଖିତ ଜଣାଇଛନ୍ତି ମାଜିଷ୍ଟ୍ରେଟ। ସେପଟେ ପୂର୍ବ କମିଟି କିଛି ସଦସ୍ୟ ମଧ ତହସିଲଦାରଙ୍କୁ ଭେଟି ଏହି ଫାଟକକୁ ନେଇ ଆଲୋଚନା କରିଛନ୍ତି। ଅନ୍ୟପଟେ ସ୍ଥାପନ ହୋଇ ଥିବା ଶୁଳ୍କ ଆଦାୟ ଫାଟକ ବିଷୟରେ କିଛି ଜାଣିନଥିବା ବନ ବିଭାଗ କହିଥିବା ବେଳେ ବନ ସୁରକ୍ଷା କମିଟିଙ୍କ ଏକଚାଟିଆକୁ ନିଷ୍ପତିକୁ ନେଇ ପ୍ରଶାସନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ତେବେ ବର୍ତ୍ତମାନ ଶୀତ ଋତର ଆଗମନ ହୋଇ ଥିବା ବେଳେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଥିବାରୁ ଶୁଳ୍କ ଆଦାୟ ଫାଟକକୁ ନେଇ ପ୍ରଶାସନ ଓ ନୂତନ ବନସୁରକ୍ଷା କମିଟି ମଧ୍ୟରେ କି ପ୍ରକାର ସମ୍ପର୍କ ରହିବ ଏବଂ ସମାଧାନ ସୂତ୍ର ବାହାରିବ ତାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ଧାନମଣ୍ଡି ଖୋଲିବା ପାଇଁ ସ୍ଥାନ ନିରୂପଣ



ମାଥିଲି,୧୭ ।୧୧(ସମିସ): ଚଳିତ ବର୍ଷ ଖରିଫ ଧାନ କିଣିବା ପାଇଁ ଚଳଚଞ୍ଚଳ ହୋଇ ପଡିଛି ପ୍ରଶାସନ। ଏହି କ୍ରମରେ ଆଜି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ନୂଆ ଧାନ ମଣ୍ଡି ପାଇଁ ଚାଉଳମେନ୍ଦି ସଦରମହାକୁ ସ୍ଥିର କଲା ପ୍ରଶାସନ। ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ଭାବରେ ମାଥିଲି ବ୍ଲକ ଚାଉଳମେନ୍ଦି ଗ୍ରାମ ପଞ୍ଚାୟତ ସଦରମହକୁମା ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ସ୍ଥିର ହୋଇ ଥିବାରୁ ଚାଉଳମେନ୍ଦି ଚାଷୀଙ୍କ ମନରେ ଖୁସି ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ଚାଉଳ ମେନ୍ଦି ଗ୍ରାମ ପଞ୍ଚାୟତର ସରପଞ୍ଚ ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଚାଉଳମେନ୍ଦି ଗ୍ରାମ ପଞ୍ଚାୟତର ସମସ୍ତ ଗାଁର ଚାଷୀ ମାନଙ୍କ ସହିତ ଆଲୋଚନା କରି ଲିଖିତ ଦରଖାସ୍ତ ଭଣ୍ଡାରି ପାଙ୍ଗାମ ଠାରେ ଗତ ସୋମବାର ଦିନ ଜନ ଶୁଣାଣି ପ୍ରକଷ୍ଟରେ ଦେଇଥିଲେ। ଚାଉଳମେନ୍ଦି ଓ ଅମ୍ବଗୁଡା ପଞ୍ଚାୟତକୁ ମିଶାଇ ଖଡିମାଟିରେ ମଣ୍ଡି ହେଉଥିଲା। ଦୁଇଟି ପଞ୍ଚାୟତ ପାଇଁ ଟାର୍ଗେଟ ସପ୍ତାହକୁ ୧୫୦୦ ସହ କ୍ୱିଣ୍ଟାଲ ଧାନ କିଣିବାକୁ ନିର୍ଦ୍ଦେଶ ଥିଲା। ଆମ୍ବଗୁଡ଼ା ଛୋଟ ପଞ୍ଚାୟତ ହେଇଯାଉଥିଲା। କିନ୍ତୁ ଚାଉଳ ମେନ୍ଦି ଗ୍ରାମପଞ୍ଚାୟତ ବଡ଼ ଥିବାରୁ ଚାଷୀ ବହୁତ ଅସୁବିଧାର ସମ୍ମୁଖିନ ହେଉଥିଲେ। ତେଣୁ ସରପଞ୍ଚ ଶ୍ରୀ ନାୟକ ଅଲଗା ମଣ୍ଡି କରିବା ପାଇଁ ନିଷ୍ପତି ନେଇଥିଲେ। ସେହି ଦରଖାସ୍ତକୁ ଜିଲ୍ଲା ପ୍ରଶାସନ ବିଚାରକୁ ନେଇ ଚାଉଳମେନ୍ଦି ଠାରେ ଚଳିତ ବର୍ଷ ନୂତନ ମଣ୍ଡି ଖୋଲିବା ପାଇଁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ଚିଠି କରାଯାଇଛି. ସେଥିପାଇଁ ଆଜି ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଡିଆର୍‌ସିଏସ., ଏସିଓ ବିଶ୍ୱଜିତ୍ ଦାସ, ଏମଆଇ ରାଜେଶ ଶବର, ମାଥିଲି ଏମ୍‌ଡି, ସନ୍ତୋଷିନି ପରିଡ଼ା, ବିଆଇସି ପ୍ରଶାନ୍ତ କୁମାର ନାୟକ, ଚାଉଳମେନ୍ଦି ପଞ୍ଚାୟତ ସଦର ମହକୁମାରେ ପହଞ୍ଚି ଚଳିତ ବର୍ଷ ଧାନ ମଣ୍ଡି ଖୋଲିବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ଏହି ସ୍ଥାନ ନିରୂପଣ ସମୟରେ ଚାଉଳମେନ୍ଦି ଅଞ୍ଚଳର ଲିଙ୍ଗରାଜ ପୂଜାରୀ, ସୋନୁ ଗୌଡ, ଜଗନ୍ନାଥ ବଟେ, ବୁଦ୍ଧ ବୋଇପାରି, ଅର୍ଜୁନ ମାଟାମ୍ ପ୍ରମୁଖଙ୍କ ସହ ବହୁ ଚାଷୀ ଯୋଗଦେଇ ନୂତନ ଧାନ ମଣ୍ଡିର ସ୍ଥାନ ନିରୂପଣରେ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଗୀତ ଆବୃତ୍ତି ପ୍ରତିଯୋଗିତା



କଲ୍ୟାଣସିଂହପୁର,୧୭।୧୧(ସମିସ): ପ୍ରଜ୍ଞାନ ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପାଇଁ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରିନ୍ସପାଲ ସଙ୍ଗୀତ ପାଲକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ହୀରା ସ୍ୱାଇଁ, ମାନସ ସାହୁ, ମନୋଜ କୁମାର ନାୟକ, ଅପୂର୍ଣ୍ଣା ଦେଓ, ତପସ୍ୱିନୀ ଦାସ, ପୁଷ୍ପାଞ୍ଜଳି ପ୍ରଧାନ, ନନ୍ଦକିଶୋର ସାବତ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଗୀତା ଆବୃତ୍ତିରେ କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଶ୍ରୀୟା ବେନିଆ, ଦ୍ୱତୀୟ ଲିଜାରାଣୀ ହିକକା, ତୃତୀୟ ଉମା କୁନାକା ଓ ବରିଷ୍ଠ ବିଭାଗ ରେ ପ୍ରଥମ ସ୍ଥାନ ହୁଇକା ସିରନ୍ତି, ଦ୍ୱିତୀୟ କାଜଲ ପରିଡା, ତୃତୀୟ ରଞ୍ଜିତ କାଡ୍ରାକା ପୁରସ୍କୃତ ହୋଇଥିଲେ। ସ୍ୱତନ୍ତ୍ର ଭାବେ ଭୂମିକା ମିଣିଆକାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ହୀରା ସ୍ୱାଇଁ, ମାନସ ସାହୁ, ପୁଷ୍ପାଞ୍ଜଳି ପ୍ରଧାନ ଓ ମନୋଜ କୁମାର ନାୟକ ବିଚାର କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଏଙ୍କେଟେଶ୍ୱର ପାଢ଼ୀ ପରିଚାଳନା କରିଥିଲେ। ଶେଷରେ ପୁଷ୍ପାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ 'ସୁରଭି'ରେ ଉଲ୍ଲେଖନୀୟ ସଫଳତା



ମାଲକାନଗିରି,୧୭ ।୧୧(ସମିସ): ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ରେ ମାଲକାନଗିରି ଜିଲ୍ଲା ଉଲ୍ଲେଖନୀୟ ସଫଳତା ପ୍ରାପ୍ତ କରିଛି। ଜିଲ୍ଲାରୁ ଚିତ୍ରାଙ୍କନ ଉଚ୍ଚ ମାଧ୍ୟମିକ ବର୍ଗରେ ପ୍ରଥମ ସ୍ଥାନ ଲିପ୍ସିତା ଦଳପତି ହାସଲ କରିଥିଲେ।ଆଦର୍ଶ ଜାତିସଂଘ ପ୍ରତିଯୋଗୀତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଥିଲେ ସୌରଭଜିତ ପ୍ରଧାନ ଏବଂ ପ୍ରବନ୍ଧ ଲିଖନ ଉଚ୍ଚ ମାଧ୍ୟମିକ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିଲେ ଉନିକ୍ରିଷ୍ଟ ନେଲୁରୁ। ସେହିପରି ପ୍ରଧାନମନ୍ତ୍ରୀ ପୋଷଣ ଚିତ୍ରକଳା ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ ସିଦ୍ଧିକାନ୍ତ ପଲାଇ ଏବଂ କନିଷ୍ଠ ବିଭାଗରେ ଆହିଲରାଜ ବେନ୍ୟା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗ ଦିବ୍ୟାଙ୍ଗ ଚିତ୍ରାଙ୍କନ ବର୍ଗରେ ଶୁଭଶ୍ରୀ ମଲ୍ଲିକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ମାଲକାନଗିରି ଜିଲ୍ଲାର ସାଂସ୍କୃତିକ ଦଳର ପ୍ରଦର୍ଶନ ଉଚ୍ଚକୋଟିର ରହିଥିବା ବେଳେ ଜିଲ୍ଲା ସ୍ୱତନ୍ତ୍ର ଜୁରୀ ପୁରସ୍କାର ବର୍ଗରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏହ ଦଳ। ଏହି ସଫଳତାରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗୀରଥି ବେହେରା ରାଜ୍ୟ ସ୍ତରରେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ନିମନ୍ତେ ସମଗ୍ରଶିକ୍ଷା ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଲିକ, ପରାମର୍ଶ ଦାତା ସୀତାରାମ ଗୌଡ଼ଙ୍କ ସହଯୋଗରେ ଷୋହଳ ଜଣ ସହଯୋଗୀ ଶିକ୍ଷକ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେନାପତି ଏବଂ ଦେବରାଜ ସେଠୀ ନେତୃତ୍ୱ ନେଇ ଥିଲେ। ।

## ବାସ୍କେଟବଲ୍ ପାଇଁ ନାହାନ୍ତି ସ୍ଥାୟୀ କୋଚ

### କ୍ରୀଡ଼ାବିତ୍‌ଙ୍କ ଦାବିପତ୍ର ପ୍ରଦାନ

ରାୟଗଡ଼ା,୧୭।୧୧(ସମିସ): ରାୟଗଡା ଜିଲ୍ଲା ବାସ୍କେଟବଲ ଆସୋସିଏସନ ଏବଂ କ୍ରୀଡ଼ାବିତ୍‌ମାନେ ଆଜି ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବାସ୍କେଟବଲ କୋଚ ନିଯୁକ୍ତି ପାଇଁ ଦାବି କରିବା ସହ ସ୍ଥାନୀୟ କ୍ରୀଡାବିତ ମାନଙ୍କୁ ବିଭିନ୍ନ ଚାକିରି ପ୍ରଦାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ରାୟଗଡା ସ୍ଥିତ ବାସ୍କେଟବଲ ଗ୍ରାଉଣ୍ଡରେ ପ୍ରତିଦିନ ଶତାଧିକ କ୍ରୀଡାବିତ୍ ଅଭ୍ୟାସ କରିବା ପାଇଁ ଆସିଥାନ୍ତି। କିନ୍ତୁ ସେମାନଙ୍କ ପାଇଁ ତାଲିମପ୍ରାପ୍ତ କୋଚ ନଥିବାରୁ ବାସ୍କେଟବଲ ଖେଳରେ ରୁଚି ରଖିଥିବା କ୍ରୀଡ଼ାବିତ ମାନେ ଆବଶ୍ୟକ ମୁତାବକ ସଫଳତା ପାଇପାରୁନାହାନ୍ତି। ତାଲିମପ୍ରାପ୍ତ କୋଚ ସହ ବର୍ତମାନ କାର୍ଯ୍ୟକ୍ଷମ ଥିବା ଗ୍ରାଉଣ୍ଡର ସୁରକ୍ଷା ପାଇଁ ପଦକ୍ଷେପ, ଆଲୋକୀକରଣ ବ୍ୟବସ୍ଥା ଏବଂ ଖେଳାଳୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରାୟଗଡ଼ା ଜିଲ୍ଲା ବାସ୍କେଟବଲ ଆସୋସିଏସନର ସଂପାଦକ ପି ପ୍ରବୀଣ କୁମାର, ଜାତୀୟ ସ୍ତରର ଖେଳାଳୀ ବିନାୟକ ସାହୁ,ପ୍ରିୟାଂଶୁ ସିଂ,ଆଶିଷ କୁମାର ଜେନା, ସୁରେଶ ରାଓ,ଭରତ କୁମାର, କବିତା ହୁଇକା ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗିଆରେ ଆକ୍ରମଣ, ଯୁବକ ଗୁରୁତର

କଲ୍ୟାଣସିଂହପୁର,୧୭।୧୧(ସମିସ): ସାମାନ୍ୟ ବଚସାରୁ ଟାଙ୍ଗିଆରେ ଆକ୍ରମଣ। ଯୁବକ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ଏ ଦୃଶ୍ୟ ହେଉଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଷାଲି ପଞ୍ଚାୟତର ସାନଡେଙ୍ଗାନେଲି ଗ୍ରାମରେ । ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଡ୍ରିଞ୍ଜୁ ସିକକା ଏକ ମଟରସାଇକେଲକୁ ଦ୍ରୁତଗତିରେ ଚାଲୁଥିବାରୁ ମାନ୍ଧୁ କାଡ୍ରାକା କାହିଁକି ଏହିପରି ଗାଡି ଚଳାଉଛୁ ବୋଲି କହିବାରୁ ସେଠାରେ ବଚସା ହୋଇଥିଲା। ତେବେ ମାନ୍ଧୁ କହିଥିଲେ ତୋ ଗାଡି ତୁ ଯେମିତି କରୁଛୁ କରେ ଉତ୍ପାତ ବହୁଦିନ ରହିବ ନାହିଁ ବୋଲି କହିବାରୁ ଡ୍ରିଞ୍ଜୁ ଉଗ୍ରରୂପ ନେଇ ଘରେ ରଖିଥିବା ଟାଙ୍ଗିଆ ଆଣି ମାନ୍ଧୁ କୁ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ମାନ୍ଧୁକୁ ଟାଙ୍ଗିଆରେ କାନ୍ଧରେ ହାଣିବାରୁ ମାନ୍ଧୁ ବିକଳରେ ଧାଇଁ ଥିଲେ। ଗ୍ରାମର କିଛି ଲୋକ ଦେଖି ମାନ୍ଧୁ କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଘଟଣା ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଆକ୍ରମଣ କରିଥିବା ଡ୍ରିଞ୍ଜୁ ଫେରାର ହୋଇ ଥିବା ଜଣାପଡିଛି।

## ସତ୍ୟସାଇ ବାବାଙ୍କ ଜୟନ୍ତୀ ଉତ୍ସବ

ଅମ୍ବାଦଳା ,୧୭ ।୧୧(ସମିସ) ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସତ୍ୟ ସାଇବାବାଙ୍କ ମନ୍ଦିରରେ ବାବାଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଉତ୍ସବ ମହା ଆଡମ୍ବର ସହକାରେ ପାଳନ କରାଯାଉଛି। ସତ୍ୟ ସାଇବାବାଙ୍କ ଜୟନ୍ତୀ ଉପଲକ୍ଷେ ଚଳିତ ମାସ ୧୫ ତାରିଖ ଠାରୁ ୨୨ ତାରିଖ ୮ ଦିନ ଧରି ବାବାଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଉଛି। ଏହି ଅବସରରେ ଏଅବସରରେ ୧୫ ତାରିଖ ଦିନ ଗାୟତ୍ରୀ ମହାଯଜ୍ଞ,୧୬ରେ କୌଶଳ ବିକାସ ମହୋତ୍ସବ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ବେଦାନ୍ତ କମ୍ପାନୀ ସହଯୋଗରେ ସତ୍ୟ ସାଇ ମନ୍ଦିର ପରିସରରେ ମେଗା ସ୍ୱାସ୍ଥ୍ୟ ଶିବିର କାର୍ଯକ୍ରମ ଆୟୋଜନ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ଓ ଡାକ୍ତର ମାନେ ଉପସ୍ଥିତ ରହି ରୋଗୀ ଚିକିତ୍ସା କରିଥିବା ବେଳେ ଔଷଧ ବଣ୍ଟନ କରାଯାଇଥିଲା। ଏହି ମେଗା ସ୍ୱାସ୍ଥ୍ୟ ଶିବିର ଦ୍ୱାରା ୫୦୦ରୁ ଉର୍ଦ୍ଧ ରୋଗୀ ସେବା ପାଇବାର ସୁଯୋଗ ପାଇଥିଲେ।ଏଥିରେ ଅମ୍ବାଦଳା ସତ୍ୟ ସାଇ ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଥିବା ବେଳେ ସତ୍ୟ ସାଇ ବାବାଙ୍କ ଭକ୍ତ ମାନେ ବିଭିନ୍ନ ଅଞ୍ଚଳ ରୁ ଆସି ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି ୧୮ ତାରିଖ ଦିନ ମେଗା ରକ୍ତଦାନ ଶିବିର ଆୟୋଜନ ହେବାକୁ ଥିବା ବେଳେ ୧୯ ତାରିଖରେ ଗ୍ଲୋବାଲ ଶକ୍ତି ସ୍ୱରୁପନୀ ଦିବସ, ୨୦ରେ ଶ୍ରୀ ସତ୍ୟ ସାଇ ବ୍ରତ କଳ୍ପମ୍ ୨୧ରେ ଗ୍ରାମ ଦର୍ଶନ ମହୋତ୍ସବ ଓ ୨୨ ତାରିଖ ଦିନ ପ୍ରେମ ବନ୍ଧନମ୍ ଉତ୍ସବ୍ ପାଳନ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

# ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ହମ୍‌ସ, ଦୁର୍ଘଟଣା ଆଶଙ୍କା



କୋଷାଗୁମୁଡା,୧୭।୧୧(ସମିସ): ମାସକ ପୂର୍ବରୁ ଟେମ୍ରା ପଞ୍ଚାୟତର ଆଦିବାସୀଗୁଡା ମୁଖ୍ୟ ରାସ୍ତା ଉପରେ ଗାଁର କିଛି ବ୍ୟକ୍ତି ବିଦ୍ୟୁତ୍ ଖୁଣ୍ଟକୁ ମୁଖ୍ୟ ରାସ୍ତା ଉପରେ ହମ୍‌ସ ଭଳି ପକାଇ ରଖିଛନ୍ତି। ଫଳରେ ରାତି କିମ୍ବା ଦିନ ସମୟରେ ବାଇକ୍ ଚାଳକ ଓ ଚାରିଚକିଆ ଯାନ ଯିବା ଆସିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି। ମାସେ ହେଲା ସାଧାରଣ ଲୋକଙ୍କ ଗମନାଗମନ ସମୟରେ ଛୋଟ ଦୁର୍ଘଟଣା ଘଟୁଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ଖୁଣ୍ଟକୁ ରାସ୍ତାରେ ପଡିଥିବା ଉପରେ ଅଣଦେଖା କରି ରହୁଥିବା ଜଣାପଡିଛି। ବିଦ୍ୟୁତ୍ ଖୁଣ୍ଟକୁ କିପରି ଅପବ୍ୟବହାରରେ ଲାଗିବ, ସେ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଏହି ରାସ୍ତା ଦେଇ ୫ଟି ପଞ୍ଚାୟତକୁ ଲୋକେ ଯିବା ଆସିବା କରୁଥିବା ବେଳେ ଉମରକୋଟ ସହରକୁ ଯିବାର ମୁଖ୍ୟ ରାସ୍ତା ଅଟେ। ଦିନକୁ ବିଦ୍ୟାଳୟ, କଲେଜ, ମେଡିକାଲ, ଥାନା, ବଜାର, ତହସିଲ, ବ୍ଲକ, ଏଟିଏମ, ବ୍ୟାଙ୍କ ଭଳି ଜରୁରୀ କାମ ପାଇଁ ହଜାର ସଂଖ୍ୟାରେ ମୋଟର ସାଇକେଲ, ସାଇକେଲ, ଟେମ୍ପ, କାର, ଲକ୍ଷ୍ମୀ ବସ, ଏମ୍ବୁଲାନ୍ସ ରେ ରୋଗୀ, ଛାତ୍ର ଛାତ୍ରୀ, ବେପାରୀ, ଶିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ ଯିବା ଆସିବା କରିବା ବେଳେ ମୁଖ୍ୟ ରାସ୍ତାରେ ଏଭଳି ବିପଦ ସଂକୁଳ ଭାବରେ ବିଦ୍ୟୁତ ଖୁଣ୍ଟକୁ ଆଦିବାସୀ ଗୁଡା ର କିଛି ବ୍ୟକ୍ତି ରାସ୍ତା ଉପରେ ପକାଇ ରଖିଛନ୍ତି। ଏହାକୁ ନେଇ ଯିବା ଆସିବା ଯାତ୍ରୀ, ଏମ୍ବୁଲାନ୍ସ, ବାଇକ ଚାଳକ ସହ ନିକଟରେ ଥିବା ଗ୍ରାମର ଲୋକେ ତୁରନ୍ତ ରାସ୍ତା ଉପରୁ ଏହି ବିଦ୍ୟୁତ ଖୁଣ୍ଟକୁ କାଢିବା ପାଇଁ ଦାବି କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଲାଇନମ୍ୟାନ୍‌କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ଫୋନ ସୁଇଚ ଅଫ ଥିବା ଯୋଗୁଁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଆଗକୁ ବିଭାଗ ପକ୍ଷରୁ କେବେ ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରୁ ଉଠିବ ସାଧାରଣରେ ଦେଖିବାରେ ରହିଲା।

## ରୋମା ପଡ଼ାଲ ଫାଉଣ୍ଡେସନର ବିଭିନ୍ନ ସାମଗ୍ରୀ ବଣ୍ଟନ






କୋରାପୁଟ,୧୭।୧୧(ସମିସ): ସେମିଳିଗୁଡା ସ୍ଥିତ ରୋମା ପଡ଼ାଲ ଫାଉଣ୍ଡେସନ ପକ୍ଷରୁ ଅସହାୟ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଗରିବ ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲ ବ୍ୟାଗ, କଲମ ଓ ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ରୋମା ପଡ଼ାଲ ଫାଉଣ୍ଡେସନ ଅଧ୍ୟକ୍ଷା ଡ.ରଜନୀ ପଡ଼ାଲଙ୍କ ଅଧ୍ୟକ୍ଷତାରେ ପଟ୍ଟାଙ୍ଗି ବ୍ଲକ ପୁକାଲି ରେଲି ସାହିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଶିଶୁ ଦିବସ ଉପଲକ୍ଷେ ସେମିଳିଗୁଡା ବ୍ଲକର ପୁଟସିଲ ବିଦ୍ୟାଳୟରେ ଡ. ରଜନୀ ପଡ଼ାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟମ୍ବଦା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ର ଛାତ୍ରୀ ଭଲ ପାଠ ପଢି ବଡ଼ ଲୋକ ହେବାକୁ ଉପଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରୋମା ପଡ଼ାଲ ଫାଉଣ୍ଡେସନ ସମ୍ପାଦକ ଡ, ପ୍ରଦୀପ କୁମାର ବେହେରା, ସଦା ମୁଦୁଲି, ପ୍ରସାଦ ଚୌଧୁରୀ, ମହେଶ୍ୱର ଜାନି, ଘନ ଶ୍ୟାମ ଜାନି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଟିଆପାର, ଚକଡିପଦର, ହଳଦୀବାଡ ଗ୍ରାମର ପିଲା ମାନଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ରୋମା ପଡ଼ାଲ ଫାଉଣ୍ଡେସନ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି/ ଖଇରପୁଟ, ୧୭ ।୧୧ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ସ୍ଥିତ ମାଡକାପଦର୍ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ। ଏହି ଶିବିରରେ ମୋଟ ୬୯ ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୧୬ ଗୋଟି ବ୍ୟକ୍ତିଗତ ଓ ୫୩ ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ପ୍ରଧାନମନ୍ତ୍ରୀ ଆବାସ ଗୃହ, ପେନସନ, ନଳକୂପ, ବିଜୁଳି ସଂଯୋଗୀକରଣ, ରାସ୍ତା, ସେତୁ ଓ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା।

# ଜିଲ୍ଲାସ୍ତରୀୟ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ରାୟଗଡା/କୋଲନରା,୧୭।୧୧(ସମିସ): ଚଳିତ ବର୍ଷ ୬୮ତମ ସଫ୍ଟବଲ୍, ବେସବଲ୍ ଓ ଦୌଡ଼କୁଦ ପ୍ରତିଯୋଗିତା ବାଲେଶ୍ୱର ଠାରେ ଆୟୋଜିତ ହୋଇଥିଲା। ଏଥିରେ ରାୟଗଡ଼ା ଜିଲ୍ଲା ତରଫରୁ ପିଏମ୍ ଶ୍ରୀ ଜଗଦମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କୋଲନରା ଏବଂ ପୂଜାରିଗୁଡା ଉଚ୍ଚ ବିଦ୍ୟାଳୟ ତରଫରୁ କରିଶ୍ମା ହିମରିକା, ତ୍ରିଶା ପେରିଶିକା, ଶ୍ରୁତି ପେରିସିକା, ବନିତା ମାଣ୍ଡଙ୍ଗି, କୁଲନ୍ତି ୱାଣ୍ଡଲକ, ସୋହନ କାଦ୍ରକ, ହୁସେନ ହିମିରିକା, ଆଦିତ୍ୟ ବେହେରା, ମନୀଷା ୱାଡକ, ରଜେଶ୍ୱରି କୋଣ୍ଡାଗାରୀ ରାୟଗଡ଼ା ଜିଲ୍ଲା ତରଫରୁ ରାଜ୍ୟ ସ୍ତରରେ ଅଂଶଗ୍ରହଣ କରି ଜିଲ୍ଲାକୁ ଉପ ବିଜେତା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେଠାରୁ ଫେରିବା ପରେ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ କ୍ରୀଡ଼ା ଶିକ୍ଷା ଅଧିକାରୀ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ପରେ କୋଲନରା ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ଜେନା ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଫଳତା ପଛରେ ପୂଜାରିଗୁଡ଼ା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟତ୍ରୀ ଏବଂ ପିଏମଶ୍ରୀ ଜଗଦମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅରବିନ୍ଦ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀ 1 ମଞ୍ଜୁଲତା ଜେନା ଉଭୟଙ୍କୁ ମଧ ଶୁଭେଚ୍ଛା ଜଣାଇଥିଲେ।

# ପାଠ ଛାଡ଼ିଥିବା ଦିବ୍ୟାଙ୍ଗ ଛାତ୍ର ସ୍କୁଲ୍‌କୁ ଫେରିଲେ




ମାଥିଲି ୧୭ ।୧୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉପାନ୍ତ ମହୁପଦର ଗ୍ରାମର ଜଣେ ଦିବ୍ୟାଙ୍ଗ ଅଷ୍ଟମ ଶ୍ରେଣୀରୁ ପାଠ ପଢ଼ିବା ଛାଡିଥିଲେ। ଏ ଖବର ଭାରପ୍ରାପ୍ତ ବିଆରପି ତଥା ବରିଷ୍ଠ ଶିକ୍ଷକ ରତ୍ନାକର ପାଳ ଜାଣିଲା ପରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଙ୍କୁ ଜଣାଇଥିଲେ। ବିଇଓ ଶ୍ରୀ ବିଶ୍ୱାସଙ୍କ ଆଦେଶ କ୍ରମେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଜୟରାମ ମାଡ଼ିକୁ ବିଦ୍ୟାଳୟ କୁ ଆଣିବାକୁ ପ୍ରଚେଷ୍ଟା ଚାଲିଲା। ମହୂପଦର ଆଶ୍ରମ ବିଦ୍ୟାଳୟ ଶିକ୍ଷୟିତ୍ରୀ ସଂଗୀତା ବିଶ୍ୱାସ ଙ୍କୁ ଶ୍ରୀ ପାଳ ଯୋଗାଯୋଗ କରିଥିଲେ। ସେ ଜୟରାମକୁ ବାରମ୍ବାର ବୁଝାବୁଝି କରେଇ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ର ନମଲେଖାଇ ଦେଇଥିଲେ। ହେଲେ ଜୟରାମ ପିତା ସେ ପାଠ ନ ପଢ଼ାଇବାକୁ ଜିଦ୍ ଧରିଥିଲେ। ଏ ଖବର ମିଳିବା ମାତ୍ରେ ପୁନଃ ତାର ପିତମାତା ଓ ପଡୋଶୀଙ୍କ ଜରିଆରେ ବୁଝାଇ ପ୍ରତ୍ୟହ ବିଦ୍ୟାଳୟ ଯିବାକୁ କୁହାଯାଇଥିଲା। ଏବେ ପ୍ରତ୍ୟହ ବିଦ୍ୟାଳୟ ଆସୁଥିବା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିଏଚ ଧର୍ମରାଜ ପ୍ରକାଶ କରିଛନ୍ତି। ଜୟରାମ ଯେତେବେଳେ ଛୋଟ ଥିଲା ତାର ଗୋଡ଼ ନିଆଁ ରେ ପୋଡ଼ି ଯାଇଥିଲା।ପରେ ଶିକ୍ଷା ବିଭାଗ ସହଯୋଗରେ ଆରବିଏସକେ ଜରିଆରେ ଅପରେସନ ପରେ ଅଚଳ ଥିବା ଗୋଡ଼ ସଚଳ ହୋଇଛି।କିନ୍ତୁ ଗୋଡ଼ ଗୋଇଠୀ ବଙ୍କା ହୋଇଯାଇଛି। ସେ ଏକ ବାଉଁଶକୁ ଭରା ଦେଇ ଯାତାୟାତ କରୁଥିଲା। ଆଜି ବିଇଓ ଶ୍ରୀ ବିଶ୍ୱାସ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଭାରପ୍ରାପ୍ତ ଗୋଷ୍ଠୀ ସମ୍ବଳ ଅଧିକାରୀ ଶ୍ରୀ ପାଳ ଓ ସିଆରସି ଧନୁ ଓଡ଼ି ଙ୍କ ଉପସ୍ଥିତିରେ ଏକ ଟ୍ରାଇ ସାଇକେଲ ଜୟରାମ ଙ୍କୁ ପ୍ରଦାନ କରାଯାଇଥିଲା। ଇତି ମଧ୍ୟରେ ସମ୍ପୃକ୍ତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଙ୍କୁ ଟ୍ରାନ୍ସପୋର୍ଟ ଭତ୍ତା ବାବଦକୁ ୨୦୦୦ ଟଙ୍କା ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦାନ କରିଥିବା ଜଣାଯାଇଛି। ଜୟରାମ ଖୁସିରେ ଏହି ସାଇକେଲରେ ବିଦ୍ୟାଳୟ ଯିବା ଆସିବା କରିବା ସହ ଅଧିକ ପାଠ ପଢ଼ିବବୋଲି ପ୍ରକାଶ କରିଛି।

■ ପାଣି ପାଇଁ ଲୋକଙ୍କ ଭରସା ଚୁଆ

## ରଣ୍ଡାସାହି ବାସିନ୍ଦାଙ୍କ ଦାବି ପୂରଣ କେବେ ?



ପାପଡାହାଣ୍ଡି,୧୭।୧୧(ସମିସ): ପାପଡାହାଣ୍ଡି ବ୍ଲକ୍ ଡେଙ୍ଗାଗୁଡ଼ା ପଞ୍ଚାୟତ ଅଧିନସ୍ଥ ବିରୀଗୁଡା ଗ୍ରାମର ରଣ୍ଡା ସାହି ବାସିନ୍ଦାଙ୍କ ପାଇଁ ସାହା ଭରସା ବହୁ ପୁରୁଣା ଜୀବନଧାରା ଚୁଆ। ଏହି ଚୁଆରେ ନିର୍ଭର କରନ୍ତି ରଣ୍ଡା ସାହିର ୭୦ ପରିବାର। ଚୁଆରେ ପିଇବା ପାଣିଠୁ ଆରମ୍ଭ କରି ଶୌଚ ପାଇଁ ନିର୍ଭର କରୁଛନ୍ତି ସାହି ବାସିନ୍ଦା। ବହୁ ଦିନ ତଳେ ଉକ୍ତ ସାହିରେ ଏକ ନଳକୂପ ଖନନ କରାଯାଇଥିଲା। କିଛି ଦିନ ଚାଲିବା ପରେ ତାହା ଖରାପ ହୋଇ ତିନିବର୍ଷ କାଳ ବନ୍ଦ ରହିଥିଲା। ଏନେଇ ଅନେକ ଥର ସାହି ବାସିନ୍ଦା ସରପଞ୍ଚ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ଜଣାଇ ଥିଲେ। କିନ୍ତୁ ସମସ୍ୟାର ସମାଧାନ ହୋଇପାରିନଥିଲା। ଏହା ଜାଣି ସେହି ଗ୍ରାମର ସହୃଦୟ ବ୍ୟକ୍ତି ପଦମ ଭତରା ଦୁଇଟି ପାଇପ ଦେଇ ସେହି ନଳକୂପକୁ ମରାମତି କରାଇଥିଲେ। କିନ୍ତୁ ମରାମତି ସତ୍ୱେ ନଳକୂପରୁ ସଫା ପାଣି ବଦଳରେ ଗୋଳିଆ ଏବଂ ଲୌହ ଯୁକ୍ତ ପାଣି ବାହାରୁଛି। ସେହି ପାଣି ପିଇବା କିମ୍ବା ରାନ୍ଧିବା କିମ୍ବା ଗାଧୋଇବା ଯୋଗ୍ୟ ନୁହେଁ। ଯଦ୍ଵାରା ସାହି ବାସିନ୍ଦା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହି ବାସିନ୍ଦା ଶୀତ ଦିନେ ମଧ୍ୟ ଜଳକଷ୍ଟ ଭୋଗୁଛନ୍ତି। ଆଗାମୀ ଦିନରେ ଏହା ଅଧିକ କଷ୍ଟ ଦାୟକ ହେବ ବୋଲି ସାହି ବାସିନ୍ଦା କହିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି ସାହି ବାସିନ୍ଦା। ସାହିରେ ତୁରନ୍ତ ନୂତନ ଏକ ନଳକୂପ ଖନନ କରିବାକୁ ବେଳ ଦିଶାରୀ, ଭଗବତୀ ଦିଶାରୀ, ବୈଶାଖୀ ଦିଶାରୀ, ଅରାବତୀ, ଡମନି ଦିଶାରୀ, ଜେମା ଭତରା, ଗଙ୍ଗାଇ ଦିଶାରୀ, ତିଲୋତ୍ତମା ଭତରା, କବିତା ଭତରା, ହୀରାମଣି ଭତରା, ଅସମତି ଭତରା, ତୁଳା ଭତରା, ସୁନା ଭତରା, ମଙ୍ଗଳଦେଇ ଭତରା ଓ କଳାବତୀ ଭତରା ନିବେଦନ କରିଛନ୍ତି।

# ଓଲଟିଲା ଲୁହା ବୋଝେଇ ଟ୍ରକ୍, ଚାଳକ ମୃତ

## ଶୂନ ମୃତାହତ ପକ୍ଷ ଆରମ୍ଭରୁ ଦୁର୍ଘଟଣା

ବିଷମ କଟକ,୧୭।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ବୁଡୁଣି ଗ୍ରାମ ନିକଟରେ ଏକ ଲୁହା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡିଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭରର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଛି। ମିଳିଥିବା ସୂଚନା ପ୍ରକାରେ, ଗତକାଲି ବିଳମ୍ବିତ ରାତିରେ ଏକ ଲୁହା ବୋଝେଇ ଟ୍ରକ ବିଶାଖପାଟଣାରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଗୁଣପୁର - ବିଷମକଟକ ରାଜ୍ୟ ରାଜପଥର ବୁଡୁଣି ଗ୍ରାମ ନିକଟରେ ଭୋର ସକାଳୁ ଟ୍ରକ ଟି ଭାରସାମ୍ୟ ହରାଇ ଏକ ବିଲ ମଧ୍ୟକୁ ଚାଲି ଯାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଚାପି ହୋଇ ମୃତ୍ୟୁବରଣ କରିଛି। ଆଜି ସକାଳେ ସ୍ଥାନୀୟ ଲୋକେ ଟ୍ରକ ଟି ଓଲଟିଥିବା ଦେଖି ଟ୍ରକ ନିକଟକୁ ଯାଇଥିବା ବେଳ ଟ୍ରକ ଭିତରେ ଡ୍ରାଇଭର ମୃତ୍ୟୁ ହୋଇଥିବା ଦେଖି ବିଷମ କଟକ ପୋଲିସ୍ କୁ ଖବର ଦେଇଥିଲେ । ଖବର ପାଇ ବିଷମ କଟକ ପୋଲିସ୍ ମୁନିଗୁଡା ଏବଂ ବିଷମ କଟକ ଅଗ୍ନିଶମ ବାହନୀ ଘଟଣା ସ୍ଥଳରେ ପହଞ୍ଚି ଦୁଇଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଗ୍ୟାସ୍ କଟର ସାହାର୍ଯ୍ୟରେ ଟ୍ରକର କିଛି ଅଂଶକୁ



କାଟି ଡ୍ରାଇଭରର ମୃତଦେହକୁ ଉଦ୍ଧାର କରିଛନ୍ତି। ବିଷମ କଟକ ପୁଲିସ୍ ମୃତ ଦେହକୁ ଜବତ କରି ଶବ ସଂଗ୍ରକ୍ଷଣ ଗୃହରେ ରଖିଛନ୍ତି। ମୃତକଙ୍କ ପରିବାର ଲୋକେ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ବର୍ତମାନ ସୁଦ୍ଧା ଡ୍ରାଇଭରର ପରିଚୟ ମିଳିପାରିନାହିଁ । ତେବେ ରାଜ୍ୟ ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ କମେଇବା ପାଇଁ ଶୂନ ମୃତାହତ ପକ୍ଷ ଗତକାଲି ନଭେମ୍ବର ୧୭ତାରିଖ ଠାରୁ ଆସନ୍ତା ନଭେମ୍ବର ୩୦ ତାରିଖ ଯାଏଁ ରାଜ୍ୟରେ ଆରମ୍ଭ କରାଯାଇଥିବା ବେଳେ ବାହାର ରାଜ୍ୟରୁ ଆସୁଥିବା ଡ୍ରାଇଭର ମାନେ ସଚେତନତା ପକ୍ଷ ବିଷୟରେ ଅବଗତ ନ ଥିବା ତଥା ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣାର ଶିକାର ହେଉଛନ୍ତି। ରାୟଗଡା ଜିଲ୍ଲାରେ ପକ୍ଷ ପାଳନ ଆରମ୍ଭରୁ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଆରମ୍ଭ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବେଆଇନ କ୍ଲିନିକ୍ ସିଲ୍ କଲା ପ୍ରଶାସନ

ଗୁଡାରୀ,୧୭।୧୧ (ସମିସ): ଗୁଡ଼ାରୀରେ ସୋମବାର ଦିନ ଗୁଣପୁର ଉପ ଜିଲ୍ଲାପାଳ ହଠାତ୍ ତୁଳ ମେଡିକାଲ ଷ୍ଟୋର ଏବଂ କ୍ଲିନିକ୍ ଉପରେ ଚଢ଼ଉ କରିଥିଲେ। ପ୍ରଥମେ ଉପ ଜିଲ୍ଲାପାଳ ଦୁଦ୍ଧାଲ ଅଭିଶେଷ ଦିଲିପ ସମସ୍ତ ନଥିପତ୍ର ତନଖି କରିବା ପରେ ପାଥୋଲୋଜିର ମାଲିକ ସନ୍ତୋଷ ତୁଳଙ୍କୁ ତଥ୍ୟ ମାଗିଥିଲେ। ପରେ ଶ୍ରୀ ତୁଳ ସେ ଜଣେ ଫାର୍ମାସିଷ୍ଟ ବୋଲି କହିବା ସହ ସରକାର ନିୟମ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ପରେ ପାଥୋଲଜି ଦୁଇ ମାସ ହେଲା ବନ୍ଦ କରାଯାଇଛି ବୋଲି ଉପ ଜିଲ୍ଲାପାଳଙ୍କୁ କହିଛନ୍ତି। ପରେ ଉପଜିଲ୍ଲାପାଳ ସେଠାରୁ ଗୁଡାରୀ ତହସିଲଦାର କାର୍ଯ୍ୟାଳୟରେ ସାଲତମାମି ପାଇଁ ଯାଇଥିଲେ। ଅପରାହ୍ନ ୨ଟା ସମୟରେ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁଡାରୀ ତହସିଲଦାର ଏ.ସ୍ନେହଲତା. ଏବଂ ଡ୍ରଗ ଇନ୍ସପେକ୍ଟର ତୁଳ ମେଡିକାଲ ତଦନ୍ତ କରିଥିଲେ। ମେଡିକାଲର ଏଷ୍ଟାବ୍ଲିସମେଣ୍ଟ ସାର୍ଟିଫିକେଟ ନ ଥିବା ଏବଂ ଅନ୍ୟାନ୍ୟ ତଥ୍ୟାବଳୀ ମିଳି ନ ଥିବାରୁ କ୍ଲିନିକ୍ ସିଲ କରାଯିବା ଜଣାପଡିଛି। ଏହା ପରେ ଦୁଇଟି ମେଡିକାଲ ଷ୍ଟୋର ଡ୍ରଗ୍ ଇନ୍ସପେକ୍ଟର ନିରୀକ୍ଷଣ କରିଥିଲେ। ଅନ୍ୟପଟେ ଉପଜିଲ୍ଲାପାଳ ଘରୋଇ କ୍ଲିନିକ୍ ଉପରେ ଚଢ଼ଉ କରିବା ଶୁଣି ଗୁଡାରୀର ଅନ୍ୟ ମେଡିକାଲ ଷ୍ଟୋର ଓ କ୍ଲିନିକ ବନ୍ଦ କରିଥିବା ଦେଖିବାକୁମିଳିଛି। ବିନା କାଗଜ ପତ୍ରରେ ଚାଲିଥିବା କ୍ଲିନିକ ଉପରେ ଉପଜିଲ୍ଲାପାଳଙ୍କ ଚଢ଼ଉକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ବିକାଶ ମେଳା

ଖଇରପୁଟ,୧୭ ।୧୧(ସମିସ) : ମାଲକାନଗିର ଜିଲ୍ଲା ଖଇରପୁଟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀ ବିକାଶ ମେଳା ୨୦୨୫ ଖଇରପୁଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଖଇରପୁଟ ବ୍ଲକର ୧୧ଟି ଗ୍ରାମପଞ୍ଚାୟତରୁ ୨୦ ଜଣ ଲେଖାଏଁ ମତ୍ସ୍ୟ ଓ ପ୍ରାଣୀ ପାଳକ ଭାବରେ ମୋଟ ୨୨୦ ଜଣ ଚାଷୀ ଯୋଗଦେଇଥିଲେ। ମେଳାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଜିଲ୍ଲା ମୁଖ୍ୟ ଡା.ବିଜୟ କେତନ ପଟନାୟକ, ଡା. ଚକ୍ରଧର ଦାସ ଡା. ବିଜୟ କୁମାର ସେଠୀ ଓ ଡା. ଶିଖାରାଣୀ ସାହୁ ଅତିରିକ୍ତ ପ୍ରାଣୀ ଅଧିକାରୀ, ମତ୍ସ୍ୟ ବିଭାଗ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକ, ସହକାରୀ ମତ୍ସ୍ୟ ଅଧିକାରୀ ମିହିର କଣ୍ଟା ସିଂ ନିଜ ବିଭାଗ ର ବିଭିନ୍ନ ଯୋଜନା ବିଷୟରେ ବୁଝାଇ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମା ଶଙ୍କର କୋୟା, ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ସମ୍ମାନୀତ ଅତିଥି ଏବଂ ମୁଖ୍ୟ ଅତିଥି ରୂପେ ବିଧାୟକ ପ୍ରତିନିଧି ନିରଞ୍ଜନ ରାଜୁ, ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ଖଇରପୁଟ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ମଛ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ର ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଙ୍କ ଏକ ଭି?ଓ ବାର୍ତ୍ତା ୪ଜଣ ଗୋପାଳକ ୪ ଜଣ ପଶୁ ପାଳକଙ୍କୁ ସମ୍ମାନିତ କରାଯାଇଥିଲା।




## ସପ୍ତାହରେ ୩ ଦିନ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍

ମୁନିଗୁଡ଼ା/ରାୟଗଡ଼ା,୧୭।୧୧(ସମିସ): ଭାରତୀୟ ରେଳବାଇ ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସର ଚଳାଚଳ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଉକ୍ତ ଟ୍ରେନ୍‌ଟି ସପ୍ତାହକୁ ଗୋଟିଏ ଦିନ ପରିବର୍ତ୍ତେ ତିନି ଦିନ ଚଳାଚଳ କରିବ। ଏହି ପଦକ୍ଷେପ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ସହିତ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ରେଳମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି। ଟ୍ରେନ୍ ନମ୍ବର ୧୯୦୨୧ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ରବିବାର ଚାଲୁଥିଲା, ଏବେ ୧୯ ନଭେମ୍ବର ୨୦୨୫ ଠାରୁ ସପ୍ତାହରେ ତିନି ଦିନ ଅର୍ଥାତ୍ ରବିବାର, ବୁଧବାର ଏବଂ ଶୁକ୍ରବାର ଚାଲିବ। ସେହିପରି, ଟ୍ରେନ୍ ନମ୍ବର ୧୯୦୨୨ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ସୋମବାରରେ ଚଳାଚଳ କରୁଥିଲା, ଏବେ ୨୦ ନଭେମ୍ବର ୨୦୨୫ ଠାରୁ ସପ୍ତାହରେ ତିନି ଦିନ ଅର୍ଥାତ୍ ସୋମବାର, ଗୁରୁବାର ଏବଂ ଶନିବାର ଚଳାଚଳ କରିବ। ବର୍ତ୍ତମାନର ଅମୃତ ଭାରତ ଏକ୍ସପ୍ରେସର ସମୟ, ରହଣି ସ୍ଥାନ କିମ୍ବା କୋଚ୍ ଗଠନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ସମ୍ପର୍କରେ ଜାରି କରାଯାଇଥିବା ସମସ୍ତ ପୂର୍ବ ନିର୍ଦ୍ଦେଶ ଅପରିବର୍ତ୍ତିତ ରହିଛି। ଏହି ସୂଚନା ରେଳ ବିଭାଗ ତରଫରୁ ଦିଆଯାଇଛି।

## ଲକ୍ଷ୍ମଣ ନାୟକ ସାହିତ୍ୟ ସଂସ୍କୃତି ପରିଷଦର ସାରସ୍ୱତ ସଭା



ମାଲକାନଗିରି, ୧୭ ।୧୧(ସମିସ): ମାଲକାନଗିରି ଜିଲ୍ଲା ଲକ୍ଷ୍ମଣ ନାୟକ ସାହିତ୍ୟ ସଂସ୍କୃତି ପରିଷଦ ମାଲକାନଗିରି ତରଫରୁ କବିତାପାଠ, ସାରସ୍ୱତ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନ ଏମଭି - ୮୨ କାଲିମେଲା ଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇ ଥିଲା କବିତା ପାଠ, ଜିଲ୍ଲାର ଦର ଦୂରାନ୍ତୁ ଆସିଥିବା କବି କବୟିତ୍ରୀ ମାନଙ୍କ ଦ୍ୱାରା କବିତା ପାଠ ଏହି ସାହିତ୍ୟ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲା।। ଏହି କବିତା ଆସରରେ କବି ଗୌରହରି ସାହୁ ସଭାପତିତ୍ୱ କରିଥିଲା ବେଳେ, କବିତା ସଂଯୋଜନା କରିଥିଲ କବି ପ୍ରଶାନ୍ତ ପରିଡ଼ା ଓ କବି ନିରୋଦ ଜେନା । ଦ୍ୱିତୀୟ ଅଧିବେଶନରେ"ସାରସ୍ୱତ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ କବି ତଥା ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦର ସଭାପତି କରୁଣାକର ମଲ୍ଲିକ, ମୁଖ୍ୟ ଅତିଥି ଡେପୁଟି ଡାଇରେକ୍ଟର ପ୍ଲାନିଂ ଏଣ୍ଡ ମନିଟରିଂ ୟୁନିଟ ଗୋଲକ ଚନ୍ଦ୍ର ଦଳେଇ, ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଭାଗୀରଥି ବେହେରା, ସମ୍ମାନିତ ଅତିଥି ଅଧ୍ୟାପକ ଡ଼.ରଂଜନ କୁମାର ସ୍ୱାଇଁ, ବିଶିଷ୍ଟ ସଂଗଠକ ତଥା ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ, ସମ୍ମାନିତ ଅତିଥି ଭାବରେ ନବ କିଶୋର ମଲ୍ଲିକ, ପରିମଳ ମଣ୍ଡଳ ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକ ତଥା ପଡ଼ିଆ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଡ. ପରମାନନ୍ଦ ମହାପାତ୍ର। ଏହି ସଭାକୁ ସଂପାଦକ ଦୀନବନ୍ଧୁ ବେଜ ସଂଚାଳନ କରିଥଇଲେ। "ଆମ ଅଙ୍ଗୀକାର - ୨୦୨୫" ଓ ମୁଖ୍ୟ ଅତିଥିଙ୍କ ହିନ୍ଦି ଅନୁବାଦ ପୁସ୍ତକ 'ଓହି ସ୍ୱାୱଲି ଲେଡ଼କି'ର ଶୁଭ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ତରଫରୁ ଅଞ୍ଚଳରେ ଶିକ୍ଷାର ବିଶେଷ ଉନ୍ନତି ପାଇଁ ଶିକ୍ଷାବିତ୍ ନବ କିଶୋର ମଲ୍ଲିକ, ଉମାଚରଣ ପଟ୍ଟନାୟକ, ପ୍ରଶାନ୍ତ ସର୍ଦ୍ଦାରଙ୍କୁ ଶିକ୍ଷା ଜ୍ୟୋତି ସମ୍ମାନ-୨୦୨୫ପ୍ରଦାନ କରାଯାଇଥିଲା। ସେହିପରି ଗୌରହରି ସାହୁ, ଧନୁର୍ଜୟ ହନ୍ତାଳ, ଅହଲ୍ୟା ସେନାପତି, ଶାରଦା ପ୍ରସାଦ ସିଂ, ପ୍ରଦୀପ ସରକାର, ଚିତ୍ତରଂଜନ ବେଜ, ଶରତ କୁମାର ପଣ୍ଡା, ମମତା ପଣ୍ଡା, ବିଶ୍ୱନାଥ ଭୁଏଙ୍କୁ ଲକ୍ଷ୍ମଣ ନାୟକ ସାରସ୍ୱତ ସମ୍ମାନ-୨୦୨୫ପ୍ରଦାନ କରାଯାଇଥିଲା। ଶେଷରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନ ଏମଭି - ୮୨ କାଲିମେଳାର ପ୍ରଧାନ ଶିକ୍ଷକ ଗୋଦାବରୀଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି କରୁଣାକର ମଲ୍ଲିକ ସଭା ସାଙ୍ଗ କରିଥିଲେ।

● ଉମରକୋଟ ପ୍ରିମିୟର ଲିଗ୍

## ସୁନ୍ଦରଗଡ଼କୁ ହରାଇ ଝାରସୁଗୁଡ଼ା ଦଳ ଚାମ୍ପିଅନ୍




ଉମରକୋଟ,୧୭।୧୧(ସମିସ): ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଚାଲିଥିବା ଉମରକୋଟ ପ୍ରିମିୟର ଲିଗ୍ (ୟୁପିଏଲ) ଫାଇନାଲ ମ୍ୟାଚ ଶେଷ ହୋଇଛି। ସୁନ୍ଦରଗଡ଼କୁ ହରାଇ ଝାରସୁଗୁଡ଼ା ଦଳ ଚାମ୍ପିଅନ୍ ହୋଇଛି । ଝାରସୁଗୁଡ଼ା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୭୮ ରନ୍ କରି କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବରୁଣ କୁମାର ସର୍ବାଧିକ ୪୮ ରନ୍ କରିଥିବା ବେଳେ ସୁନ୍ଦରଗଡ଼ର ସୌଭାଗ୍ୟ ରାଉତ ୩ଟି ଉଇକେଟ ନେଇଥିଲେ। ସୁନ୍ଦରଗଡ଼ ବ୍ୟାଟିଂ କରି ୧୬.୨ ଓଭରରେ ୧୧୫ ଅଲ୍‌ଆଉଟ୍ ହୋଇ ଯାଇଥିଲେ। ଦଳର ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୫୧ ରନ୍ କରିଥିଲେ। ଝାରସୁଗୁଡ଼ାର ମୁନା ମାନସ ଓ ଜେଡି ୩ଟି ଲେଖାଏ ଉଇକେଟ ନେଇଥିଲେ। ଜେଡି ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଝାରସୁଗୁଡ଼ାର ରାଜା କୁସୁମଙ୍କୁ ମ୍ୟାନ ଅଫ ଦି ସିରିଜ୍ ମିଳିଛି। ଅଭିଜିତ ବଳ ଓ ବବଲୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ।। ସମ୍ମାନିତ ଅତିଥିଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ଝରିଗାଁ ବିଧାୟକ , ରାଜ୍ୟ ଭାଜପା ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ୟୁପିଏଲ୍ ଅଧକ୍ଷ ସୁଧାଂଶୁ ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦଙ୍କ ପ୍ରତିନିଧି , ଶରତ ଚନ୍ଦ୍ର ପାଣିଗ୍ରାହୀ, ସଲିମ୍ ରାଠୋର, ଦୁର୍ଗା ପ୍ରସାଦ ମଲିକ, ପ୍ରଶାନ୍ତ ସାହୁ, ଉମରକୋଟ ଆଇଆଇସି ରମାକାନ୍ତ ସାଏ, ଶିବଜି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାବୁଲ ସାନ୍ତା, ତେଜ ରାଜ ଠାକୁର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ବେଷ୍ଟ ସିକ୍ସଏସ୍ ପୁରସ୍କାର ପୂର୍ଣ୍ଣ ଚନ୍ଦ୍ର ମାଝୀ, ବେଷ୍ଟ ଫିଲ୍ଡର ଶିବ ହରିଜନ ଓ ବେଷ୍ଟ କିପରଭାବେ ଦିପାନ୍ତ ମଜୁଦାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୟୁପିଏଲ୍ ପକ୍ଷରୁ ପୋଲିସ, ମିଡ଼ିଆ, ଝାଡୁଦାର, ସ୍ୱେଚ୍ଛାସେବୀ ଓ ଅମ୍ପାୟାରମାନଙ୍କୁ ସମ୍ମାନିତ କରାଯାଇଥିଲା।

## କାମଧନ୍ଦା ନ ପାଇ ଦାଦନମୁହାଁ ଡଙ୍ଗରିଆ କନ୍ଧ

# ଓପିଲିପି ପୁନଃ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର ପ୍ରଦାନ



ବିଷମ କଟକ,୧୭।୧୧(ସମିସ) ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାରୋଟି ଗ୍ରାମପଞ୍ଚାୟତରେ ଆଦିମ ଜନଜାତି ଡଙ୍ଗରିଆ କନ୍ଧ ମାନେ ବସବାସର କରି ଆସୁଥିବା ବେଳେ ଏହି ସଂପ୍ରଦାୟର ଉନ୍ନତି ନିମନ୍ତେ ଚାଟିକୋଣା ଠାରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ଥାପନ କରାଯାଇଛି। ଗତ ପାଞ୍ଚ ବର୍ଷ ହେବ ନିୟମଗିରି ଅଂଚଳରେ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତି କରଣ କାର୍ଯ୍ୟକ୍ରମ (ଓପିଲିପି) କାର୍ଯ୍ୟକରୁଥିବା ସହ ଡଙ୍ଗରିଆ ଜନଜାତି ମାନଙ୍କ ଜୀବନ ଜୀବିକା ସୁଧାର ଆଣିବା ଦିଗରେ କାର୍ଯ୍ୟ କରୁଥିଲା। ହେଲେ ଗତ ୧୫ମାସ ହେବ ଓପିଲିପି କାର୍ଯ୍ୟାକାଳ ସମାପ୍ତ ହୋଇଯାଇଥିବା ବେଳେ ଓପିଲିପି କାର୍ଯ୍ୟକ୍ରମ ପୁନର୍ବାର ଚାଲୁ କରିବାକୁ ନିୟମଗିରି ଡଙ୍ଗରିଆଙ୍କ ଦାବୀ ଜର ଧରିଛି। ବିଷମ କଟକ ବ୍ଲକ ଚାଟିକଣା ଠାରେ ଡଙ୍ଗରିଆ ମାନେ ଏକତ୍ରିତ ହୋଇ ନିୟମଗିରି ହାଇସ୍କୁଲ ଠାରୁ ଏକ ବିରାଟ ଶୋଭାଯାତ୍ରା ରେ ବାହାରି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପହଞ୍ଚି ସ୍ୱତନ୍ତ୍ର ଅଧିକାରୀ ଜଗବନ୍ଧୁ ମେହେରଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆଙ୍କ ଜୀବନ ଜୀବିକାରେ ସୁଧାର ଆଣିବା ପାଇଁ ୨୦୧୭ ମସିହାରୁ ଆରମ୍ଭ ହୋଇଥିଲା ଏହି ଓପିଲିପି କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମ ମାଧ୍ୟମରେ ନିୟମଗିରି ଅଞ୍ଚଳରେ ରାସ୍ତା ଘାଟ, ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଜୀବିକା ଭଳି ଭଳି ଅନେକ ଯୋଜନା ହାତକୁ ନିଆଯାଇଥିଲା। ଯାହା ଫଳରେ ଡଙ୍ଗରିଆଙ୍କ ଚାଲି ଚଳଣି ଉପରେ ବେଶ ପରିବର୍ତ୍ତନ ଆସିଥିଲା। କିନ୍ତୁ ପ୍ରାୟ ଦେଢ଼ ବର୍ଷ ହେବ ଏହି ସଂସ୍ଥା ବନ୍ଦ ହୋଇଯିବା ଫଳରେ ଡଙ୍ଗରିଆଙ୍କ ଜୀବନ ଜୀବିକା ଉପରେ ବେଶ ପ୍ରଭାବ ପଡିଛି। ନିୟମଗିରି ପାହାଡ଼ ଉପରେ ୬୩ ଖଣ୍ଡ ଗ୍ରାମର ପ୍ରାୟ ୭୫୦୦ ଡ଼ଙ୍ଗରିଆ କନ୍ଧ ଆଦିମ ଜନଜାତି ବାସ କରିଆସୁଛନ୍ତି। ବିରଳ ଜନଜାତି ଡଙ୍ଗରିଆ ମାନଙ୍କ ପରମ୍ପରା ଜୀବିକା ହେଉଛି ସପୁରୀ, ଅଦା, ହଳଦୀ, ପଣସ, କମଳା, ଆମ୍ବ,ମାଣ୍ଡିଆ ଚାଷ, ଓ ଛେଳି କୁକୁଡ଼ା। ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ ମଧ୍ୟ ଡଙ୍ଗରିଆ ମାନେ ତାଙ୍କ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବା ବେଳେ ଓପିଲିପି ଆସିବା ପରେ ପୂର୍ବାପେକ୍ଷା ଡଙ୍ଗରିଆ ମାନଙ୍କ ଜୀବନ ଜୀବିକା, ଶିକ୍ଷା, ଗମନାଗମନ ଇତ୍ୟାଦିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଗତ ୨୦୧୭-୧୮ ମସିହାରୁ ଆରମ୍ଭ କରାଯାଇଥିବା ଓପିଲିପି କାର୍ଯ୍ୟକ୍ରମ ମାଧ୍ୟମରେ ଡଙ୍ଗରିଆ ମାନେ ବସବାସ କରୁଥିବା ସମସ୍ତ ଗ୍ରାମକୁ ରାସ୍ତା ସଂଯୋଗୀକରଣ, ପାନୀୟ ଜଳର ସୁବିଧା, ସବୁ ଗ୍ରାମକୁ ବହୁମୁଖି ଗୋଷ୍ଠୀ କେନ୍ଦ୍ର, ଧାନଖଳା ,ଶିଶୁ ଗୃହ , ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ତଥା କୃଷି, ଉଦ୍ୟାନ ଭିତ୍ତିକ କୃଷି ପାଇଁ ବିଭିନ୍ନ ପ୍ରକାର ଚାରା ଓ ବିହନ ଯୋଗାଣ, ପଶୁ ପାଳନ ଆୟ ଉପାର୍ଜନ ପନ୍ଥା ବ୍ୟକ୍ତିଗତ ସହାୟତା, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାପାଇଁ ସହାୟତା, ମାଗଣାରେ ସାତ ହଜାର ଲୋକଙ୍କୁ ଚକ୍ଷୁ ପରୀକ୍ଷା ମାଗଣାରେ ଚିକିତ୍ସା କରାଇଛନ୍ତି। କପଡ଼ାଗନ୍ଦାର ଜିଆଇ ଟ୍ୟାଗ୍ ମାନ୍ୟତା ଦିଗରେ ଓପିଲିପିର ଭୂମିକା ରହିଥିବା ପ୍ରକାଶ କରିଥିଲେ। ସମସ୍ତ ଡଙ୍ଗରିଆ ପରିବାର କୁ ପକ୍କାଘର ଯୋଗାଇବାର ପ୍ରମୁଖ ଭୂମିକା ନେବା ସହ ଉତ୍ପାଦିତ ସାମଗ୍ରି ବଜାରକୁ ଆଣିବା ନିମନ୍ତେ ମାଗଣା ପିକ୍‌ଅପ୍ ଭ୍ୟାନ୍, ଟ୍ରାକ୍ଟର ପ୍ରଦାନ ସହ ଶୀତଳଭଣ୍ଡାର ଆଦି ସହାୟତା ପ୍ରଦାନ କରିଛନ୍ତି। ସ୍ୱାଧୀନତାର ଦୀର୍ଘ ୭୦ ବର୍ଷ ମଧ୍ୟରେ ଯେତିକି ଉନ୍ନତି ହୋଇନଥିଲା ଗତ ୭ ବର୍ଷ ମଧ୍ୟରେ ଓପିଲିପି ବହୁତ ଉନ୍ନତିମୂଳକ କାର୍ଯ୍ୟକ୍ରମ ନିୟମଗିରି ଅଞ୍ଚଳରେ କରିଛି।। ଗତ ୭ ବର୍ଷ ମଧ୍ୟରେ ବିରଳ ଜନଜାତି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ସଶକ୍ତିକରଣ ହୋଇପାରିଛନ୍ତି। ଗତ ଏପ୍ରିଲ ୨୦୨୪ ରୁ ଓପିଲିପି କାର୍ଯ୍ୟକ୍ରମ ହୋଇଯିବା ପର ଠାରୁ ଏ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯାହାଫଳରେ ଦେଢ ବର୍ଷ ମଧ୍ୟରେ ଶହ ଶହ ଡଙ୍ଗରିଆ ମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ଦାଦନ ଖଟିବାକୁ ଯାଇ ୧୫ରୁ ଅଧିକ ଡଙ୍ଗରିଆଙ୍କ ମୃତ୍ୟୁ ଘଟିଛି। ତେଣୁ ଓପିଲିପିକୁ ପୁନଃ କାର୍ଯ୍ୟକ୍ଷମ କରି ଡଙ୍ଗରୀଆଙ୍କ ଜୀବନ ଜୀବିକା ବଞ୍ଚାଇବାରେ ସହାୟକ ପାଇଁ ଆଜି ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଡିକେଡିଏର ସ୍ୱତନ୍ତ୍ର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ନିୟମଗିରି ଅଞ୍ଚଳବାସୀ। ଦାବିପତ୍ର ପ୍ରଦାନ ଅବସରରେ କୁର୍ଲୀ ସରପଞ୍ଚ ସୁବର୍ଦ୍ଧନୀ ୱାଡକା, କାଙ୍ଗୁବାଡି ସରପଞ୍ଚ ଦୟା କୁଲସିକା, ସୁରେଶ ୱାଡକା, ନବଘନ ୱାଡକା, ଜୟରାମ ହିକକା, ଗୋବନ୍ଧନ ୱାଡକାଙ୍କ ସମେତ ଶତାଧିକ ଡଙ୍ଗରିଆ ପୁରୁଷ, ମହିଳା ଉପସ୍ଥିତ ଥିଲେ।

● କିଲୋମିଟରର ଭତ୍ତା ୨୫ ପ୍ରତିଶତ ବୃଦ୍ଧି ଦାବି

## ରେଳବାଇ ଗାର୍ଡ, ଡ୍ରାଇଭରଙ୍କ ଧାରଣା




ରାୟଗଡ଼ା,୧୭।୧୧(ସମିସ): କିଲୋମିଟର ଭତା ୨୫ ପ୍ରତିଶତ ବୃଦ୍ଧି ଦାବିରେ ପୂର୍ବତଟ ରେଳବାଇ ଶ୍ରମିକ ୟୁନିୟନ, ୱାଲଟିୟର ଡିଭିଜନ, ରାୟଗଡ଼ା ଶାଖାର ଲୋକୋ ପାଇଲଟ ଓ ଗାର୍ଡମାନଙ୍କ ପକ୍ଷରୁ ସର୍ବ ଭାରତୀୟ ପ୍ରତିବାଦ ଦିବସ ପାଳନ କରାଯାଇଛି। ରାୟଗଡ଼ା ରେଳବାଇ ସଂଯୁକ୍ତ କର୍ମୀ ଦଳ ଏବଂ ଗାର୍ଡ ଲୋବି ପରିସରରେ ଲୋକୋ ପାଇଲଟ ଏବଂ ଗାର୍ଡ ମାନଙ୍କ ପକ୍ଷରୁ ୧୦ ଘଣ୍ଟା ଧାରଣା ଓ ପ୍ରତିବାଦ କରାଯାଇଥିଲା। ଦୀର୍ଘ ଦୁଇ ବର୍ଷ ଧରି ଗାର୍ଡ ଓ ଲୋକେ ପାଇଲଟମାନେ କିଲୋମିଟର ଭତ୍ତା ୨୫ପ୍ରତିଶତ ବୃଦ୍ଧି ପାଇଁ ରେଳବାଇ ଉଚ୍ଚ କର୍ତ୍ତୁପକ୍ଷଙ୍କ ନିକଟରେ ଦାବି ରଖିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ଦାବିକୁ ନେଇ ରେଳବାଇ ବିଭାଗ କୌଣିସ ପଦକ୍ଷେପ ଗ୍ରହଣ କରିନାହିଁ। ଆଜି ୟୁନିୟନ ସମର୍ଥନରେ ସମସ୍ତେ ଧାରଣାରେ ବସି ରେଳବାଇ ପ୍ରଶାସନକୁ ଧାରଣା ମାଧ୍ୟମରେ ଦାବିକୁ ଉପସ୍ଥାପନା କରୁଛୁ ବୋଲି ଲୋକୋ ପାଇଲଟ ଶାନ୍ତନୁ କୁମାର ସ୍ୱାଇଁ ପ୍ରକାଶ କରିଥିଲେ। ଆସନ୍ତା ଦିନରେ ଯଦି ରେଳବାଇ ବିଭାଗ ଦାବି ପୂରଣ ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ରେଳଚକା ସବୁ ବନ୍ଦ କରାଯିବ ବୋଲି ପାଇଲଟ ସନ୍ତୋଷ କୁମାର ବେଠା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି। ଆଜିର ଏହି ଧାରଣାରେ ପୂର୍ବତଟ ରେଳବାଇ ଶ୍ରମିକ ୟୁନିୟନ ,ୱାଲଟିୟର ଡିଭିଜନର ବରିଷ୍ଠ କାର୍ଯ୍ୟକର୍ତା ଅଶୋକ କୁମାର ପାଢୀ ଉପସ୍ଥିତ ଥିଲେ।





ମଦିନା ଦୁର୍ଘଟଣାରେ ୪୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ସାମିଲ ଥିଲେ। ହାଇଦରାବାଦର ବିମାନ ବନ୍ଦରରେ ନଭେମ୍ବର ୯ରେ ମକ୍କା ଯିବା ପୂର୍ବରୁ ଏହି ପରିବାରର ସଦସ୍ୟଙ୍କୁ ନିକଟ ସମ୍ପର୍କୀୟ ବିଦାୟ ଦେଉଛନ୍ତି। ଦୁର୍ଘଟଣାସ୍ଥଳୀର ଦୃଶ୍ୟ (ବାମ)।

## ଡ୍ରଗ୍ସ ବୋଟ୍ ଉପରେ ଆକ୍ରମଣ; ୩ ମୃତ, ୭୫ ଦିନରେ ୮୩

ୱାସିଂଟନ, ୧୭ ।୧୧(ଏଜେନ୍ସି): ଆମେରିକା ଶନିବାର ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି। ଏଥିରେ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏ ନେଇ ରବିବାର ଆମେରିକା ସେନା ତରଫରୁ ସୂଚନା ଦିଆଯାଇଛି। ଗତ ସେପ୍ଟେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଆମେରିକା ସେନା ଡ୍ରଗ୍ସ ନୌକା ଉପରେ ୨୧ତମ ଆକ୍ରମଣ କରିଛି। ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୮୩ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି। ଆମେରିକାରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ଯୋଗାଣକୁ ବନ୍ଦ କରିବା ପାଇଁ ନିହାତି ଜରୁରୀ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି। ଏହାକୁ ମଧ୍ୟ ନ୍ୟାୟ ବିଭାଗ ଉଚିତ୍ ପଦକ୍ଷେପ ବୋଲି ଦର୍ଶାଇଛି। ତେଣୁ ଏହି ଆକ୍ରମଣରେ ସାମିଲଥିବା ଆମେରିକା ସୈନିକଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଆମେରିକା ସେନା ଏହି ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି। ଟ୍ରମ୍ପ କହିଛନ୍ତି ଯେ, ମୋ ନିର୍ଦ୍ଦେଶରେ ଆମେରିକା ସେନା ଡ୍ରଗ୍ସ ଚୋରାଚାଲାଣ କରୁଥିବା ନାର୍କୋ ଟେରରିଷ୍ଟ ଉପରେ ଆକ୍ରମଣ କରିଛି। ଏମାନେ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ନେଇ ଯାଉଥିଲେ। ପୂର୍ବରୁ ଗତ ନଭେମ୍ବର ୧୦ରେ ଆମେରିକା ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ସନ୍ଦିଗ୍ଧ ନୌକା ଉପରେ ସମାନ କାରଣ ପାଇଁ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ।

ନକଲି ପାନ୍‌କାର୍ଡ ମାମଲରେ ରାମପୁର କୋର୍ଟଙ୍କ ରାୟ

## ଆଜମ ଖାନ, ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

ରାମପୁର, ୧୭ ।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ପୁଣିଥରେ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ସୋମବାର ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୁହିଁଙ୍କୁ ନକଲି ପାନ୍‌କାର୍ଡ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡ ଶୁଣାଇଛନ୍ତି। ଉଭୟଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି। କୋର୍ଟ ରାୟ ଦେବା ପରେ ପୁଲିସ ଦୁଇଜଣଙ୍କୁ କୋର୍ଟ ରୁମ୍‌ରୁ ନିଜ ହେପାଜତକୁ ନେବା ସହ



ପୁଣି ଜେଲ୍‌କୁ ପଠାଇଛି। ଦୁଇମାସ ତଳେ ସେପ୍ଟେମ୍ବର ୨୩ରେ ଆଜମ ସୀତାପୁର ଜେଲ୍‌ରୁ ଛାଡ଼ପାଇ ବାହାରକୁ ଆସିଥିଲେ। ଅବଦୁଲ୍ଲା ହରଦୋଇ ଜେଲ୍‌ରୁ ୯ ମାସ ତଳେ ଛାଡ଼ ପାଇଥିଲେ। ଏବେ ଦୁଇଜଣ ଜେଲକୁ ଫେରିଛନ୍ତି। ୨୦୧୯ରେ ଏହି ନକଲି ପାନ୍ କାର୍ଡ ମାମଲା ଦାଏର କରାଯାଇଥିଲା। ବିଜେପି ନେତା ଆକାଶ ସାକସେନା ସିଭିଲ ଲାଇନ୍ସ ଥାନାରେ ଏହି ମାମଲା ରୁଜୁ କରିଥିଲେ। ଆଜମ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ସହ ଦୁଇଟି ପାନ୍ କାର୍ଡ ବେଆଇନ ଭାବେ ଉପଲବ୍ଧ କରାଇବାରେ ସହାୟତା ପ୍ରଦାନ କରିଥିଲେ। ନିର୍ବାଚନ ଲଢ଼ିବା ପାଇଁ ଏହି ବେଆଇନ କାର୍ଯ୍ୟ ହୋଇଥିଲା ବୋଲି ରାମପୁର କୋର୍ଟ ହୃଦୟଙ୍ଗମ କରିବା ପରେ ଏହି ରାୟ ପ୍ରଦାନ କରିଛନ୍ତି।

## କଙ୍ଗୋ ଖଣିରେ ଦୁର୍ଘଟଣା; ୮୦ ମୃତ

କିନ୍‌ଶାସା, ୧୭ ।୧୧(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ଖଣିରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଶନିବାର ଏକ ଖଣି ଧସିବା ଫଳରେ ୮୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଅବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ଲଆଲାବା ପ୍ରଦେଶର ମୁଲୋଣ୍ଡୋର କାଲାଣ୍ଡୋ ଖଣିରେ ଘଟିଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ଏହି ଖଣିକୁ ଯିବା ପାଇଁ ବାରଣ କରାଯାଇଥିଲା। ଏହା ସତ୍ତ୍ୱେ ବେଆଇନ ଖଣି ଖନନ କରୁଥିବା ଲୋକେ ଜବରଦସ୍ତି ସେଠାକୁ ଯାଇଥିଲେ। ଖଣିରେ ମାଇନିଂ କରୁଥିବା ଲୋକେ ସୈନିକଙ୍କ ଫାୟାରିଂରେ ଆତଙ୍କିତ ହୋଇ ଖଣିର ଉପରେ ଥିବା ପୋଲ ଉପରକୁ ଦୌଡ଼ିଥିଲେ। ଫଳରେ ପୋଲ ଭୁଶୁଡି ପଡ଼ିଥିଲା। ଘଟଣାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ଅଚାନକ ଏକ ଖଣିର ଏକ ଅଂଶ ଧସିବା ଫଳରେ ବହୁ ଲୋକ ଦବି ଯାଇଥିଲେ। ବହୁ ଲୋକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପରସ୍ପର ଉପରେ ଚଢ଼ି ଯାଇଥିଲେ। ଫଳରେ ବହୁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା ବୋଲି କୁହାଯାଇଛି।

# ଡ୍ରୋନ୍, ରକେଟ ଆକ୍ରମଣ ପାଇଁ ଯୋଜନା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣ ମାମଲାର ଯାଞ୍ଚ କରୁଥିବା ଏନ୍‌ଆଇଏ ହାତରେ ବିସ୍ଫୋରକ ତଥ୍ୟ ଲାଗିଛି। ଏହି ଘଟଣାରେ ଜଡ଼ିତ ଆତଙ୍କବାଦୀମାନେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭୟଙ୍କର ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ଡ୍ରୋନ୍ ଓ ରକେଟ ପ୍ରସ୍ତୁତ କରୁଥିଲେ। ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହମାସ ଯେପରି ଡ୍ରୋନ ଓ ରକେଟ ଜରିଆରେ ଆକ୍ରମଣ କରିଥିଲା, ଠିକ୍ ସେହି ଢଙ୍ଗରେ ଦିଲ୍ଲୀରେ ଆକ୍ରମଣ ପାଇଁ ବଡ଼ ଧରଣର ଯୋଜନା ଚାଲିଥିଲା। ଡ୍ରୋନରେ ଶକ୍ତିଶାଳୀ ବିସ୍ଫୋରକ ଖଞ୍ଜି ଏହାକୁ ଦିଲ୍ଲୀର ସବୁଠାରୁ ଗହଳି ଥିବା ଅଞ୍ଚଳ ଉପରେ ବିସ୍ଫୋରଣ କରାଯାଇ ଥାଆନ୍ତା। ଶ୍ରୀନଗରରୁ ଗିରଫ ହୋଇଥିବା ଆତ୍ମଘାତୀ ଡ. ଉମରର ସହଯୋଗୀ ଠାରୁ ଏଭଳି ତଥ୍ୟ ମିଳିଛି। ଏହି ଷଡ଼ଯନ୍ତ୍ର ।।ରେ ସେ, ଉମର ଏବଂ ଦାନିଶ ସାମିଲ ଥିବା ସ୍ୱୀକାର କରିଛି।

ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଜୈସ-ଇ-ମହମ୍ମଦ' ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲା। ସେମା।।ନେ ଡିସେମ୍ବର ୬ରେ ବାବରୀ ମସଜିଦ୍ ଧ୍ୱଂସର ପ୍ରତିଶୋଧ ନେବା ପାଇଁ ବ୍ୟାପକ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଏହି ଯୋଜନାକୁ 'ଅପରେସନ ଡି-୬' ନାମ ଦିଆଯାଇଥିଲା। ଆତଙ୍କବାଦୀମାନେ ସହରର ଭିନ୍ ଭିନ୍ନ ସ୍ଥାନରେ ବିସ୍ଫୋରଣ କରାଇବାକୁ ଚାହୁଁଥିଲେ। ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣ ପ୍ଲାନ୍-ବି ଅର୍ଥାତ ଦ୍ୱିତୀୟସ୍ତରର ଯୋଜନା ଥିଲା ବୋଲି କୁହାଯାଇଛି। ଆକ୍ରମଣ ଉଦ୍ୟମକୁ ପଣ୍ଡ କରାଯିବା ଫଳରେ ଲାଲ୍‌କିଲ୍ଲା ବିସ୍ଫୋରଣକୁ କର୍ଯ୍ୟକାରୀ କରାଯାଇଥିଲା। ମହିଳା ଡାକ୍ତର ଶାହିନ ସହିଦ ଓ ଲାଲକିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମର ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଓ ନାୟିକା ଥିଲେ ବୋଲି କୁହାଯାଉଛି। ଶାହିନକୁ ଭାରତରେ ଜୈସର ମହିଳା ଶାଖା ସ୍ଥାପନା ଓ ନେତୃତ୍ୱର ଦାୟିତ୍ୱ ଦିଆଯାଇଥିଲା। ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ସହିତ

- ଆତଙ୍କବାଦୀଙ୍କ ଟାର୍ଗେଟରେ ଥିଲା ଦିଲ୍ଲୀ
- ଶ୍ରୀନଗରରୁ ଆଉ ଜଣେ ସନ୍ଦିଗ୍ଧ ଗିରଫ
- ଦିଲ୍ଲୀ ବିସ୍ଫୋରଣରେ ଆଉ ୨ ମୃତ

ଜଡିତ ଥିବା ମୁଜମ୍ମିଲ ଅହମ୍ମଦ ଗନି ଗିରଫ ହେବା ପରେ ଡାକ୍ତର ଶାହିନଙ୍କୁ ଗିରଫ କାରାଯାଇଥିଲା। ଉମର ବ୍ୟାପକ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଏକାଧିକ ଯୁବକଙ୍କୁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିଲା ଓ ସକ୍ରିୟ ଭାବେ ସେମାନଙ୍କ ବ୍ରେନ୍‌ୱାସ କରୁଥିଲା। ଲାଲ୍‌କିଲ୍ଲା ବିସ୍ଫୋରଣରେ ଜୋତା ବୋମା ବ୍ୟବହାର କରାଯାଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ହୋଇଥିବା କାରରୁ ଏକ ଜୋତା ମିଳିଛି। ଏଥିରେ ଆମୋନିୟମ ନାଇଟ୍ରେଟ୍ ଓ ଟ୍ରାଇଆସେଟୋନ ଟ୍ରାଇପେରକ୍ସାଇଡ୍ (ଟିଏଟିପି)ର ଚିହ୍ନ ମିଳିଛି। ଏା ହେଉଛି ସବୁଠାରୁ ବିପଜ୍ଜନକ ବିସ୍ଫୋରକ।

ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମରର ଆଉ ଜଣେ ସହଯୋଗୀକୁ ଗିରଫ କରାଯାଇଛି। ସୋମବାର ଏନ୍‌ଆଇଏ ଜସିର ବିଲାଲ ବାଣୀ ଉରଫ୍ ଦାନିଶକୁ ଜମ୍ମୁ- କଶ୍ମୀର ଶ୍ରୀନଗରରୁ ଗିରଫ କରିଛି। ଜସିର ଉମରକୁ ବୈଷୟିକ



ସହଯୋଗ ପ୍ରଦାନ କରୁଥିଲା। ଇତିମଧ୍ୟରେ ଦିଲ୍ଲୀ ବିସ୍ଫୋରଣରେ ଆଜି ଆଉ ଦୁଇ ଜଣ ପ୍ରାଣ ହରାଇଥିବାରୁ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଗୁରୁତର ଆହତ ଲୁକମାନ (୫୦) ଓ ବିନୟ ପାଠକ (୫୦) ଆଜି ଆଖି ବୁଜିଛନ୍ତି। ଗତକାଲି ବିଲାଲ ନାମକ ଆଉ ଜଣେ ଗୁରୁତର ବ୍ୟକ୍ତି ଚିକିତ୍ସାଧୀନ ଅବସରରେ ମୃତ୍ୟୁବରଣ କରିଥିଲେ।

# 'ଅପରେସନ ସିନ୍ଦୂର ୮୮ ଘଣ୍ଟାର ଟ୍ରେଲର ଥିଲା'

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ୮୮ ଘଣ୍ଟାର ଏକ ଟ୍ରେଲର ମାତ୍ର ଥିଲା। ଯଦି ପାକିସ୍ତାନ ପୁଣି କୌଣସି ଆତଙ୍କବାଦୀ ଆକ୍ରମଣ କରିବ, ତାହା ହେଲେ ଏହାର କଡ଼ା ଜବାବ ଦିଆଯିବ। ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ପାକିସ୍ତାନକୁ ଏଭଳି ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି ।।ଯେ ଏକ ଦାୟିତ୍ୱ ସମ୍ପନ୍ନ ଦେଶ କିପରି ପଡୋଶୀ ଦେଶ ପ୍ରତି ଆଚରଣ ପ୍ରଦର୍ଶନ କରେ ତାହା ଦେଖାଇବାକୁ ଆମେ ପଛକୁ ହଟିବୁ ନାହିଁ।

ଦିଲ୍ଲୀରେ ଆଜି ଆୟୋଜିତ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ।।ସେ କହିଛନ୍ତି ।।ଯେ ଭାରତ ସବୁବେଳେ ପ୍ରଗତି ଓ ଉନ୍ନତିର କଥା କହିଥାଏ। ଖାସ୍ ଏଥିପାଇଁ ଯେଉଁ ଲୋକ ଆତଙ୍କବାଦ କଥା କହୁଛନ୍ତି ଓ ଏହାର ପ୍ରଚାର ପ୍ରସାର କରୁଛନ୍ତି ସେମାନଙ୍କୁ ରୋକିବା ପାଇଁ କଡ଼ା କର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଭାରତୀୟ ସେନା ଭବିଷ୍ୟତକୁ ମାଟି ସହିତ ସାମିଲ କରି ଦେଖିଥାଏ। ଆମେ ୫ଟି ପିଢ଼ିର ୱାରଫେୟାରରେ ଲଢ଼ିଆସିଛୁ ଓ ସେନା ସେହି ଅନୁସାରେ ନିଜର ପରିବର୍ତ୍ତନ କରିଆସିଛି। ପ୍ରଥମେ ଯୁଦ୍ଧର ନିଷ୍ପତ୍ତି ନେବା ପାଇଁ ବହୁ ଦିନ ଲାଗୁଥିଲା। କିନ୍ତୁ ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଯଦି ଯୁଦ୍ଧ ୪୮ ଘଣ୍ଟା ମଧ୍ୟରେ ଲଢ଼ିବାକୁ ହୁଏ, ତେବେ ଦେଶର ସବୁ ସାମର୍ଥ୍ୟ ଓ ଶକ୍ତି



- ପୁଣି ସୁଯୋଗ ଦେଲେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ
- ଆତଙ୍କ ସୃଷ୍ଟି କରୁଥିବା ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। କୌଣସି ଭୁଲ କଲେ, ଭାରତ ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସେ କହିଲେ ଯେ ଏବେ ଭାରତର ପ୍ରତିରକ୍ଷା କ୍ଷମତା ବହୁତ ମଜବୁତ ହୋଇପାରିଛି। ଫଳରେ ପ୍ରତିପକ୍ଷ ତଥା ଶତ୍ରୁଦେଶ ଏବେ ଆମର ଆଭିମୁଖ୍ୟକୁ ଗମ୍ଭୀରତା ସହ ବିଚାର କରୁଛନ୍ତି। ଭାରତର ନୀତି ସଦାବେଳେ ସ୍ପଷ୍ଟ ରହିଛି। ପାଣି ଓ ରକ୍ତ ଏକା ସଙ୍ଗେ ପ୍ରବାହିତ ହେବ ନାହିଁ। ଆତଙ୍କବାଦ ଓ ଆଲୋଚନା ଏକାସାଥିରେ ହୋଇପାରିବ ନାହିଁ। କୂଟନୀତିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଲେ ଯେ ଭାରତ ଓ ଚୀନ୍ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ହୋଇଛି। ଏବେ ଲୋକେ ଜମ୍ମୁ-କାଶ୍ମୀର ଯିବାକୁ ଚାହୁଁଛନ୍ତି। ସେନା ଏବେ ଦ୍ରୁତ ପରିବର୍ତ୍ତନ ଓ ଉନ୍ନତି ଦିଗରେ କାର୍ଯ୍ୟକରୁଛି। ଆଧୁନିକ ଯୁଦ୍ଧର ରୂପରେଖ ଏବେ ବଦଳୁଛି। ଏବେ ଯୁଦ୍ଧ କେବଳ ଆକାଶ, ମାଟି ଓ ସମୁଦ୍ରରେ ସୀମିତ ହୋଇ ରହିନାହିଁ। ଏହା ଏବେ ସାଇବର, ସ୍ପେସ, ଇନଫର୍ମେସନ ୱାରିୟର, ଇଲେକଟ୍ରୋମାଗ୍ନେଟିକ୍ସ ସ୍ପେକ୍ଟ୍ରମ, କଗ୍‌ନିଟିଭ ୱାରଫେୟାର ସହିତ ଜଡିତ ହେଲାଣି। ତେଣୁ ଏବେ ଦୁଇଟି ସୀମା ଓ ଆଭ୍ୟନ୍ତରଣ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେଉଛି। ପ୍ରତିରକ୍ଷା ବଜେଟରେ ବୃଦ୍ଧି ଜରୁରୀ ହୋଇଥିବା ବେଳେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେନାଧକ୍ଷ ଜେନେରାଲ ଦ୍ୱିବେଦୀ ସ୍ପଷ୍ଟ କରିଛନ୍ତି।

## ଏସ୍‌ଆଇଆର୍ ଚାପ: ରାଜସ୍ଥାନ, କେରଳରେ ୨ ବିଏଲ୍‌ଓଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ରାଜସ୍ଥାନ ଓ କେରଳରେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ସାମିଲ ଥିବା ଦୁଇଜଣ ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି। କାମ କରିବାର ଚାପକୁ ନିୟନ୍ତ୍ରଣ କରିନପାରି ଦୁହେଁ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ସେମାନଙ୍କ ପରିବାର ସଦସ୍ୟ କହିଛନ୍ତି। କେରଳର କନ୍ନୁର ଜିଲ୍ଲାର ଜଣେ ସରକାରୀ ସ୍କୁଲର କର୍ମଚାରୀ ୪୪ ବର୍ଷୀୟ ଅନିଶ ଜର୍ଜ ରବିବାର ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ନିର୍ବାଚନ ପାଇଁ ତାଙ୍କୁ ବିଏଲ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ରାଜସ୍ଥାନର ଜୟପୁରର ୪୮ ବର୍ଷୀୟ ମୁକେଶ କୁମାର ଜାଙ୍ଗିଡ୍ ଏସ୍‌ଆଇଆର ପ୍ରକ୍ରିୟାରେ କାର୍ଯ୍ୟର ଚାପ ପାଇଁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୁକେଶ କଲୱାଡାର ଧରମପୁରାରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ପକେଟରୁ ଏକ ସୁସାଇଡ୍ ନୋଟ୍ ମିଳିଛି। ଉପରସ୍ତରର ଅଧିକାରୀମାନେ ତାଙ୍କୁ ହଇରାଣ ଓ ଅପମାନିତ କରିବା ସହ ସସ୍‌ପେଣ୍ଡ କରିବାକୁ ଧମକ ଦେଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ସେପଟେ କୋଲକାତାରେ ମଧ୍ୟ ଜଣେ





ବିଏଲ୍‌ଓ ଅସୁସ୍ଥତା କରାଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏସ୍‌ଆଇଆର କାର୍ଯ୍ୟ କରିବା ପାଇଁ ତାଙ୍କ ଉପରେ ବହୁତ ଚାପ ଥିଲା ବୋଲି ତାଙ୍କ ପତ୍ନୀ କହିଛନ୍ତି।

## ତେଜସ୍ୱୀ ବିରୋଧୀ ଦଳ ନେତା ନିର୍ବାଚିତ

ପାଟଣା, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସୋମବାର ରାଷ୍ଟ୍ରୀୟ ଜନତା ଦଳର (ଆରଜେଡି)ର ପ୍ରଥମ ସମୀକ୍ଷା ବୈଠକ ବସିଥିଲା। ଏଥିରେ ତେଜସ୍ୱୀ ଯାଦବଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। ଏହି ବୈଠକରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡୀ ଦେବୀ, ଆରଜେଡି ସାଂସଦ ମିସା ଭାରତୀ, ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ସିଂ, ବାହୁବଳୀ ସୁରଜ ଭାନ ସିଂଙ୍କ ସମେତ ଆରଜେଡିର ଏକାଧିକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ମାତ୍ର ୨ଟି ଆସନ ଅନ୍ତର କାରଣରୁ ତେଜସ୍ୱୀଙ୍କ ବିରୋଧୀ ଦଳ ନେତା ପଦ ସୁରକ୍ଷିତ ହୋଇଛି। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ମୁଖ୍ୟ ବରୋଧୀ ଦଳର ମାନ୍ୟତା ପାଇବା ପାଇଁ ଯେକୌଣସି ପାର୍ଟିକୁ ୧୦ ପ୍ରତିଶତ ଅର୍ଥାତ ୨୪ଟି ଆସନରେ ବିଜୟୀ ହେବା ଜରୁରୀ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ରକୁ ଦାୟୀ କଲେ ମେହବୁବା

ଶ୍ରୀନଗର, ୧୭ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ପ୍ରମୁଖ ରାଜନୈତିକ ଦଳ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି। କଶ୍ମୀର ପ୍ରସଙ୍ଗ ଏବେ ଦିଲ୍ଲୀ ଲାଲ୍‌କିଲ୍ଲାରେ ପ୍ରତିଧ୍ୱନିତ ହୋଇଛି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷା ଓ ଜମ୍ମୁ-କଶ୍ମୀର ବ୍ୟାପାରରେ କେନ୍ଦ୍ର ସରକାରଙ୍କ ବିଫଳ ନୀତି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। କଶ୍ମୀରରେ ସବୁକିଛି ଠିକ୍ ଅଛି ବୋଲି କେନ୍ଦ୍ର ସରକାର ସାରା ବିଶ୍ୱକୁ ଅବଗତ କରାଉଛନ୍ତି। କିନ୍ତୁ କଶ୍ମୀର ସମସ୍ୟା ଏବେ ଲାଲ୍‌କିଲ୍ଲାରେ ମଧ୍ୟ ପହଞ୍ଚିଛି। ଜମ୍ମୁ-କଶ୍ମୀର ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଭୁଲ ନୀତି କାରଣରୁ ଦେଶର ରାଜଧାନୀ ଦିଲ୍ଲୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଯଦି ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଦେହରେ ଆରଡିଏକ୍ସ ବାନ୍ଧି ନିଜକୁ ଓ ଅନ୍ୟକୁ ହତ୍ୟା କରୁଛି, ତାହାଲେ ଦେଶ ଆଦୌ ସୁରକ୍ଷିତ ନାହିଁ। କେନ୍ଦ୍ର ସରକାରଙ୍କ କଶ୍ମୀର ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହେବା ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି।

# ବିହାରରେ ମନ୍ତ୍ରିପଦ ପାଇଁ କସରତ

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ଭେଟି ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଛନ୍ତି। ଆଜି ନୀତୀଶଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ ବୈଠକ ହୋଇଥିଲା। ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତାକାଲି ବିଜେପି ଓ ଜେଡିୟୁର ମିଳିତ ବିଧାୟକ ଦଳ ବୈଠକ ଡକାଯାଇଛି। ଏଥିରେ ଏନ୍‌ଡିଏର ବିଧାୟକ ଦଳର ନେତା ନିର୍ବାଚିତ କରାଯିବ। ଏହାପରେ ଯାଇ ନୂଆ ସରକାର ଗଠନ କରିବା ଲାଗି ଦାବି ଉପସ୍ଥାପନ କରାଯିବ। ନଭେମ୍ବର ୨୦ରେ ପାଟନା ଗାନ୍ଧୀ ମଇଦାନରେ ନୀତୀଶ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଇତିମଧ୍ୟରେ ମନ୍ତ୍ରୀ ତାଲିକାକୁ ନେଇ କସରତ ଆରମ୍ଭ ହୋଇଛି। କେଉଁ ଦଳରୁ କେତେ ଜଣ ମନ୍ତ୍ରୀ ହେବେ ତାହାକୁ ନେଇ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ନୂଆ କ୍ୟାବିନେଟ୍‌ରେ ୩୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ ରାମ ମାଞ୍ଜି କହିଛନ୍ତି। ନବଗଠିତ ମନ୍ତ୍ରିମଣ୍ଡଳରେ ବିଜେପିର ୧୬, ଜେଡିୟୁର ୧୫, ଚିରାଗ ପାଶୱାଙ୍କ ଏଲ୍‌ଜେପି (ଆର୍), ଏଚ୍‌ଏଏମ୍ ଓ ଆରଏଲ୍‌ଏସ୍‌ପିର ଜଣେ ଲେଖାଏ ମନ୍ତ୍ରୀ ସାମିଲ ହେବେ। ତେବେ ୧୯ଟି ଆସନ ଜିତିଥିବା ଚିରାଗ ପାଶ୍ୱାନଙ୍କ ଏଲଜେପି ନୂଆ ସରକାରରେ ଆଉ ଗୋଟିଏ ମନ୍ତ୍ରୀ ପଦ ପାଇଁ ଦାବି କରିଛି। ଏପରିକି ଏହି ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ମଧ୍ୟ ପାଶ୍ୱାନ ଦାବି କରିଥିବା ଜଣାପଡ଼ିଛି।

**ବିଜେପିରୁ ୧୬, ଜେଡିୟୁରୁ ୧୫ ଜଣ ହୋଇପାନ୍ତି ମନ୍ତ୍ରୀ**



ଜେଡିୟୁ ଏହାର ମନ୍ତ୍ରୀ ତାଲିକାରେ ଅଦଳବଦଳ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବିଜେପି ଏହାର ପୁରୁଣା ମନ୍ତ୍ରୀଙ୍କୁ ବଜାୟ ରଖିବାର ସମ୍ଭାବନା ରହିଛି। ତଥାପି କିଛି ପରିବର୍ତ୍ତନ ହୋଇପାରେ। ତେଣୁ ନୂଆ ସରକାରରେ ମନ୍ତ୍ରୀ ପଦ ପାଇବା ଲାଗି ଅନେକ ଆଶାୟୀ ଲବି କରିବା ଆରମ୍ଭ କରିଦେଇଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୨୨ରେ ରାଜ୍ୟ ବିଧାନସଭାର କର୍ଯ୍ୟକାଳ ଶେଷ ହେବ। ନିର୍ବାଚନ କମିସନ ଇତିମଧ୍ୟରେ ବିଧାନସଭା ନିର୍ବାଚନ ।।ରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜଭବନକୁ ପ୍ରଦାନ କରିଛନ୍ତି। ନିର୍ବାଚନରେ ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୨୦୨ଟିରେ ବିଜୟୀ ହୋଇଛି। ଏଥିରେ ବିଜେପି ୮୯, ଜେଡିୟୁ ୮୫, ଏଲ୍‌ଜେପି ୧୯, ଏଚ୍‌ଏଏମ୍‌ର ୫, ଆରଏଲ୍‌ଏମ୍‌ର ୪ ଆସନରେ ବିଜୟୀ ହୋଇଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୫୦ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୬୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୮୪,୯୫୦.୦୦
- ନିଫ୍ଟି ୨୬,୦୧୩. ୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଅରୁନ୍ଧତୀ ଜୁଏଲର୍ସର 'ବିବାହ ମହୋତ୍ସବ' ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ



ଭୁବନେଶ୍ୱର,୧୭।୧୧(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ଚଳିତ ବିବାହ ଋତୁ ପାଇଁ ଗ୍ରାହକଙ୍କ ପସନ୍ଦକୁ ଆଖି ଆଗରେ ରଖି ଗତକାଲି ଅରୁନ୍ଧତୀ ଜୁଏଲର୍ସ ପୁରୀ ଶାଖାଠାରେ ବିବାହ ମହୋତ୍ସବର ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ କରିଛି। ବିବାହ ଅବସର ପାଇଁ ବିଶେଷ ଭାବରେ ପ୍ରସ୍ତୁତ, ପାରମ୍ପରିକ ସୁନା ଗହଣାର କମ୍ ଓଜନ ଯୁକ୍ତ ସର୍ବୋତମ ଡିଜାଇନ୍ ଓ କଲେକ୍ସନ ପ୍ରସ୍ତୁତ କରାଯାଇଛି। ଏହି ବିବାହ ଋତୁକୁ ଆଖି ଆଗରେ ରଖି ଅରୁନ୍ଧତୀ ଜୁଏଲର୍ସ ତରଫରୁ ବଜାରର ସର୍ବଶ୍ରେଷ୍ଠ ଅଫର ଘୋଷଣା କରିଛି, ଯେଉଁଥିରେ ୫୦ଗ୍ରାମ ରୁ ଉର୍ଦ୍ଧ୍ୱ ସୁନା ଗହଣା କ୍ରୟ ଉପରେ ଫ୍ଲାଟ ୫୦% ରିଆତି, ୨୫ ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନା ଗହଣା କ୍ରୟ କରିବେ ସେତିକି ପ୍ରତିଶତ ଗଢ଼ାମଜୁରି ରେ ରିହାତି ସହ ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କାର ମହାବଚତ ରିଆତି ପାଇପାରିବେ ଏବଂ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ମଧ୍ୟ ପାଇପାରିବେ। ସୁନା ଗହଣା ପରି ରୁପା ଗହଣା ରେ ମଧ୍ୟ ସମାନ ପ୍ରକାରର ଅଫର ରହିଛି। ଏହି ଅଫର ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ।

# କୋମାକି ଇଲେକ୍ଟ୍ରିକ୍‌ର ଏମ୍‌ଏକ୍ସ-୧୬ ପ୍ରୋ ବଜାରରେ



ନୂଆଦିଲ୍ଲୀ, ୧୭।୧୧(ସମିସ): କୋମାକି ଇଲେକ୍ଟ୍ରିକ୍ ଆଜି ନିଜର ନୂଆ କ୍ରୁଜର୍ ଇଲେକ୍ଟ୍ରିକ୍ ବାଇକ୍ ଏମ୍‌ଏକ୍ସ୧୬ ପ୍ରୋର ବଜାର ପ୍ରବେଶ କରାଇଛି। ଶକ୍ତିଶାଳୀ ମେଟାଲ୍ ବୋଡି, ଆଧୁନିକ ଇଭି ଟେକ୍ନୋଲୋଜି ଓ ପ୍ରିମିୟମ୍ ଡିଜାଇନ୍ ସହିତ ଏହି ବାଇକ୍ ୧,୬୯,୯୯୯ ଟଙ୍କାର ଆରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହା ଡୁଆଲ୍ ଟୋନ୍‌ଅ୍ଁ ଓ ଜେଟ୍ ବ୍ଲାକ୍ ଏହି ଦୁଇଟି ରଙ୍ଗରେ ଉପଲବ୍ଧ, ଯାହା ଏହାର କ୍ରୁଜର୍ ଆକର୍ଷଣକୁ ଆଉ ବଢ଼ାଇଦେଇଛି। ଅଧା ମୂଲ୍ୟରେ ବେଶି ପରଫର୍ମାନ୍ସରେ କୌଣସି ସମଝୋତା କରାଯାଇନି। ଗୋଟିଏ ଥର ଚାର୍ଜରେ ୧୬୦–୨୨୦ କି.ମି.ର ରେଞ୍ଜ ଏବଂ ୨୦୦ କି.ମି. ଚାଲିବାର ଖର୍ଚ୍ଚ ମାତ୍ର ୧୫–୨୦ ଟଙ୍କା। ପେଟ୍ରୋଲ୍ ବାଇକ୍ ତୁଳନାରେ ୫ ଗୁଣା ଶସ୍ତା। ଏହାର ସର୍ବାଧିକ ଗତି: ୮୦ କି.ମି./ଘଣ୍ଟା ସୁରକ୍ଷା ଓ ସୁବିଧାର ସଠିକ୍ ସମନ୍ୱୟ।


## ସଙ୍କଟରେ ଭାରତର ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା

# ପ୍ରତି ୬ ଜଣରେ ଜଣେ ମଧୁମେହରେ ପୀଡ଼ିତ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି)

ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନରେ ଆପଣ କ'ଣ କ୍ଳାନ୍ତ ଅନୁଭବ କରୁଛନ୍ତି? ଚାପ ଆପଣଙ୍କ ଜୀବନର ଏକ ଅଂଶ ପାଲଟିଛି କି ? ଯଦି ହଁ, ତେବେ ଆପଣ ଏକା ନୁହଁନ୍ତି। ସଙ୍କଟରେ ଏବେ ଭାରତର ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା। ଦେଶର ପ୍ରମୁଖ ବୀମା କମ୍ପାନୀ ଆଇସିଆଇସିଆଇ ଲୋମ୍ବାର୍ଡ ସମ୍ପ୍ରତି ଏକ ଆଶ୍ଚର୍ଯ୍ୟଜନକ ପରିସଂଖ୍ୟାନ ସହିତ ଏକ ରିପୋର୍ଟ ପ୍ରକାଶ କରିଛି। ବିଶ୍ୱ ମଧୁମେହ ଦିବସ ଅବସରରେ ପ୍ରକାଶିତ ଏହି ରିପୋର୍ଟ କେବଳ ଭାରତୀୟଙ୍କ ଅବନତିଶୀଳ ସ୍ୱାସ୍ଥ୍ୟ ବିଷୟରେ ଅନ୍ଧକାର ସତ୍ୟ ପ୍ରକାଶ କରେ ନାହିଁ, ବରଂ ଏହା ମଧ୍ୟ ପ୍ରକାଶ କରେ ଯେ ଭାରତରେ ପ୍ରତି ୬ ଜଣରେ ଜଣେ ବର୍ତ୍ତମାନ ମଧୁମେହ ରୋଗରେ ପୀଡ଼ିତ। ଆଇସିଆଇସିଆଇ ଲୋମ୍ବାର୍ଡର ଇଣ୍ଡିଆ ୱେଲନେସ୍ ଇଣ୍ଡେକ୍ସ ୨୦୨୫ ଅନୁଯାୟୀ, ଚାପ, ଗଣ୍ଠି ଯନ୍ତ୍ରଣା ଏବଂ ଉଚ୍ଚ ରକ୍ତଚାପ ପରେ ମଧୁମେହ ଦେଶର ଶ୍ରେଷ୍ଠ ୫ଟି ରୋଗ ମଧ୍ୟରୁ ଗୋଟିଏ ହୋଇଗଲାଣି।

- ଆଇସିଆଇସିଆଇ ଲୋମ୍ବାର୍ଡ ରିପୋର୍ଟ
- କ୍ରମାଗତ ଭାବରେ ଚାପ ଓ ଥକାପଣର ଶିକାର



ଏହି ରିପୋର୍ଟ ଦେଶର ୧୯ଟି ପ୍ରମୁଖ ସହରର ୨୦୦୦ ଲୋକଙ୍କ ଉପରେ କରାଯାଇଥିବା ଏକ ସର୍ଭେ ଉପରେ ଆଧାରିତ। ଏଥିରେ ସବୁଠାରୁ ଚିନ୍ତାଜନକ କଥା ହେଉଛି ଏହି ରୋଗ ଆଉ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ନୁହେଁ। ମିଲେନିୟାଲ୍ସ ଏବଂ କର୍ପୋରେଟ୍ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ଏହାର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ମୁଖ୍ୟ କାରଣ ହେଉଛି ଆମେ ସମସ୍ତେ ସମ୍ମୁଖୀନ ହେଉଥିବା ସମାନ - ଖରାପ ଖାଦ୍ୟ, ଶାରୀରିକ ନିଷ୍କ୍ରିୟତା ଏବଂ ଅତ୍ୟଧିକ ଚାପ। ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ହୃଦରୋଗ କିମ୍ବା ମଧୁମେହ ଥିବା ଲୋକଙ୍କର ସାଧାରଣ ଜନସଂଖ୍ୟା (୭୯) ତୁଳନାରେ ଯଥେଷ୍ଟ କମ୍ ସୁସ୍ଥତା ସ୍କୋର (୭୦) ଥାଏ। ପ୍ରାୟତଃ ଏହା ଅନୁମାନ କରାଯାଏ ଯେ ଯୁବପିଢ଼ିର ଅର୍ଥ ପ୍ରଚୁର ଶକ୍ତି, କିନ୍ତୁ ଏହି ରିପୋର୍ଟ ଏକ ଭିନ୍ନ କାହାଣୀ କୁହେ। ଭାରତର ଯୁବପିଢ଼ି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଏହି ପିଢ଼ି ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରତ୍ୟେକ କ୍ଷେତ୍ରରେ ପଛରେ ପଡ଼ିଛି। ଟାୟାର-୧ ସହରରେ ରହୁଥିବା ଯୁବପିଢ଼ି ବିଶେଷ ଭାବରେ ଦୁର୍ବଳ। ଅନ୍ୟପକ୍ଷରେ, କର୍ପୋରେଟ୍ ଜଗତରେ ପରିସ୍ଥିତି ଆହୁରି ଭୟଙ୍କର। ସର୍ଭେରେ ସାମିଲ ହୋଇଥିବା ପ୍ରତି ତିନି ଜଣଙ୍କ ମଧ୍ୟରୁ ଜଣେ ସ୍ୱୀକାର କରିଛନ୍ତି ଯେ ସେମାନେ ଦୈନନ୍ଦିନ ଚାପ ଅନୁଭବ କରୁଛନ୍ତି, ଯେତେବେଳେ ୪୧% ଲୋକ ନିରନ୍ତର କ୍ଳାନ୍ତ ଅନୁଭବ କରୁଛନ୍ତି। ଅଫିସ୍ କର୍ମଚାରୀଙ୍କ ଶାରୀରିକ ସ୍ୱାସ୍ଥ୍ୟ ସାଧାରଣ ଲୋକଙ୍କ ତୁଳନାରେ ବହୁତ ଖରାପ। କାର୍ଯ୍ୟ-ଜୀବନ ସନ୍ତୁଳନର ଅଭାବ, ଜ୍ୱଳନ ଏବଂ ପରିବାରକୁ ସମୟ ଦେଇ ନ ପାରିବା ପାଇଁ ଦୋଷୀ ପ୍ରାୟ ଦୁଇ-ତୃତୀୟାଂଶ କର୍ମଚାରୀଙ୍କୁ ଗ୍ରାସ କରୁଛି। ତଥାପି, ଭଲ ଖବର ହେଉଛି ଯେ ଜେନେରେସନ୍ ଏକ୍ସ ଏବଂ ମହିଳାମାନେ ସେମାନଙ୍କ ସ୍ୱାସ୍ଥ୍ୟ, ଆର୍ଥିକ ବୁଝାମଣା ଏବଂ କର୍ମକ୍ଷେତ୍ର ସନ୍ତୁଳନରେ ଉନ୍ନତି ଦେଖାଇଛନ୍ତି।

# ବେଦାନ୍ତ ଝାରସୁଗୁଡା- ଏମ୍‌ସିଏଲ୍ ସହଭାଗିତା



ଭୁବନେଶ୍ୱର,୧୭।୧୧(ସମିସ): ବେଦାନ୍ତ ଆଲୁମିନିୟମ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ସହଯୋଗରେ ଲଖନପୁର ରେଳ ସାଇଡିଂରେ ଆୟୋଜିତ ଏକ ଗଣ ସୁରକ୍ଷା ସଚେତନତା ପଦକ୍ଷେପ, ସୁରକ୍ଷା ସମ୍ପର୍କ ମାଧ୍ୟମରେ ସୁରକ୍ଷା ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଅଟଳ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଏହି ଶିଳ୍ପ-ପ୍ରଥମ ଅଭିଯାନ ଲଜିଷ୍ଟିକ୍ସ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ରେଳ ସାଇଡିଂ ଇକୋସିଷ୍ଟମକୁ ବେଦାନ୍ତର ସୁରକ୍ଷା ହସ୍ତକ୍ଷେପର ପରିସରକୁ ବିସ୍ତାର କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଥିଲା। କମ୍ପାନୀର ପୂର୍ବ ସୁରକ୍ଷା ସାରଥି ପ୍ରୟାସର ପରିସରକୁ ବିସ୍ତାର କରି ଯାହା ସମଲେଶ୍ୱରୀ,ଗର୍ଜନବାହାଲ ଏବଂ ଲଖନପୁର ଖଣିରେ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅଭିଜ୍ଞତାମୂଳକ ଶିକ୍ଷା ଏବଂ ମାନବିକ ସମ୍ପର୍କ ମାଧ୍ୟମରେ ରେଳ ସାଇଡିଂ ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା-ସଚେତନ ଅଭ୍ୟାସ ଏବଂ ଆଚରଣଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି।

## ବିଦ୍ୟୁତ୍ ଚୋରି ଯୋଗୁଁ ପ୍ରଭାବିତ ହେଉଛନ୍ତି ସଚ୍ଚୋଟ ଉପଭୋକ୍ତା

# କଠୋର ହେଲା ଏନଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର,୧୭।୧୧(ସମିସ): ଅବୈଧ ହୁକିଂ, ମିଟର୍ ଟ୍ୟାମ୍ପରିଂ ଓ ଅନଧିକୃତ ବିଦ୍ୟୁତ ବ୍ୟବହାର ଆଦି ବିଭିନ୍ନ ଉପାୟରେ ବିଦ୍ୟୁତ୍ ଚୋରି ବହୁ ଅଞ୍ଚଳରେ ବଣ୍ଟନ କ୍ଷେତ୍ରରେ କ୍ଷତିର ଏକ ପ୍ରମୁଖ କାରଣ। ଏହି କ୍ଷତି ବିଦ୍ୟୁତ୍ କ୍ଷେତ୍ର ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ସହିତ ପରୋକ୍ଷ ଭାବରେ ସଚ୍ଚୋଟ ଭାବେ ବିଲ୍ ଦେଉଥିବା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରେ। ଏଥିପାଇଁ ସେମାନଙ୍କୁ ଅଧିକ ସିଷ୍ଟମ୍ ଖର୍ଚ୍ଚ ଦେବାକୁ ପଡୁଥିବାବେଳେ ଉନ୍ନତ ସେବା ପାଇବାରେ ବିଳମ୍ବ ମଧ୍ୟ ହୋଇଥାଏ। ଯେତେବେଳେ କେହି ଅବୈଧ ଭାବେ ବିଦ୍ୟୁତ ବ୍ୟବହାର କରନ୍ତି, ଏଭଳି କ୍ଷେତ୍ରରେ ଠିକ ସମୟରେ ବିଲ୍ ପେମେଣ୍ଟ କରୁଥିବା ପରିବାର ଓ ବ୍ୟବସାୟିକ ସଂସ୍ଥାକୁ ସେମାନଙ୍କର ଅନଧିକୃତ ବ୍ୟବହାରର ଭାର ବୋହିବାକୁ ପଡିଥାଏ । ଅବୈଧ ଓ ଅସୁରକ୍ଷିତ ଭାବରେ ବିଦ୍ୟୁତ ନେବା ଦ୍ୱାରା ଫିଡର୍ ଏବଂ ବଣ୍ଟନ ଟ୍ରାନ୍ସଫର୍ମର ଭାରାକ୍ରାନ୍ତ ହୋଇଥାଏ ଯାହାଦ୍ୱାରା ଭୋଲଟେଜରେ ପରିବର୍ତ୍ତନ,ବାରମ୍ବାର ଟ୍ରିପ୍ ଓ ଦୀର୍ଘ ସମୟ ଧରି ବିଦ୍ୟୁତ ବିଭ୍ରାଟ ଦେଖାଯାଇଥାଏ ଓ ଏହା ଯୋଗୁଁ ଅନେକ ଉପଭୋକ୍ତା ହଇରାଣ ହୋଇଥାନ୍ତି।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E.Mail-rw_rourkela@yahoo.co.in

No.1471-O

TENDER CALL NOTICE

BID IDENTIFICATION NO. ONLINE-EERKL-19 of 2025-26

1. Name of the Work :- Road Works.
2. Total No. of works :- 05 (Five) Nos.
3. Estimated cost :- Rs.5.59 Lakhs to 9.32 Lakhs.
4. Class of contractor :- "D" & "C" Class
5. Period of completion :- 01 (One) Calendar months.
6. Type of Tender :- Single Cover
7. Other details :-

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-19 of 2025-26 | 18.11.2025 from 10.00 A.M. | 26.11.2025 upto 5.00 P.M. |

Further details can be seen from the website www.tendersodisha.gov.in.

Sd/- Executive Engineer
RW Division-II, Sundargarh

OIPR



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

E-514

CONTRACTUAL APPOINTMENT (WALK-IN-INTERVIEW)

Advt. No : 6156 /DPMU Dt: 14.11.2025

Interested candidates may attend the **Walk-in-interview** for the post of Medical Officers at different SNCU, UHWCs & UPHCs, Puri on contractual basis as per the NHM norms.

| Sl No | Name of the Post | Vacancy | Mode of Interview |
|---|---|---|---|
| 01 | MO, MBBS | 08 | 29 .11.2025, 11.00AM (Walk In) |

The application format and details are available in the website https://puri.odisha.gov.in. The application should reach by Walk-In-interview to the undersigned.

-sd-

OIPR Chief District Medical & Public Health Officer, Puri



GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Barpali Irrigation Division, Barpali
E-mail Id - ee.barpali.canal@gmail.com

No.875-A

'e' Procurement Notice No-07/2025-26

BID IDENTIFICATION NO-BID 07(01 to 04) / 2025-26 (ON-LINE) DATED 10.11.2025

1. Type of the work : Improvement to canal structures & Approach Road.
2. No of works : 04 (Four) Nos.
3. Class of contractor : "D" & "C"
4. Bid identification No. : BID 07 (01 to 04)/2025-26
5. Estimate cost : 8.97 Lakhs to 16.91 Lakhs
6. Period of completion : As per DTCN.
7. Date and time of availability of bid documents in the portal Dt.13.11.2025 at 11.00 A.M. to Dt.20.11.2025 upto 5.00 P.M.
8. Last date/ time for receipt of bids in the portal Dt.20.11.2025 upto 5.00 P.M.
9. Date of opening of Bid Dt.21.11.2025 at 11.00 A.M.
10. Date of Lottery Dt.27.11.2025 at 11.00 A.M.

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website-http://tenderodisha.gov.in.

Sd/- Superintending Engineer
Barpali Irrigation Division, Barpali

OIPR



ଓଡ଼ିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. RDM-LAB-GM-0015-2025- 20959 / R&DM, Dated. 11 JUN 2025

XII-13: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା–ଛଣମେରି, ଥାନା– ପାଟପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
୬. ଜମିର ବିବରଣୀ

ଜମିର ବିଶଦ ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ–ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

ଛଣମେରି ଗ୍ରାମର ଜମିର ବିବରଣୀ

ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati)


## ଟ୍ରମ୍ପ୍‌ଙ୍କ ଚାପରେ ଭାରତ

# ୧୦% ଗ୍ୟାସ୍ ଆମେରିକାଠାରୁ କିଣିବ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଶୁଳ୍କ ବିବାଦ ମଧ୍ୟରେ, ଭାରତ ଏବଂ ଆମେରିକା ସେମାନଙ୍କର ପ୍ରଥମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ଭାରତ ଆମେରିକାରୁ ପ୍ରାୟ ୨.୨ ନିୟୁତ ଟନ୍ ଏଲ୍‌ପିଜି କ୍ରୟ କରିବ। ଏହା ଭାରତର ବାର୍ଷିକ ଆବଶ୍ୟକତାର ୧୦%। ଏହି ଚୁକ୍ତି କେବଳ ଗୋଟିଏ ବର୍ଷ ପାଇଁ, ଅର୍ଥାତ୍ ୨୦୨୬ ପାଇଁ। ଏହି ଚୁକ୍ତି ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଇଣ୍ଡିଆନ ଅଏଲ୍ କର୍ପୋରେସନ), ଭାରତ ପେଟ୍ରୋଲିୟମ୍ କର୍ପୋରେସନ, ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ,- ଆମେରିକାର ଶକ୍ତି ଯୋଗାଣକାରୀ ଚେଭ୍‌ରନ୍, ଫିଲିପ୍ସ ୬୬ ଏବଂ ଏନର୍ଜିକ୍ ଟ୍ରେଡିଂ ସହିତ ସ୍ୱାକ୍ଷରିତ ହୋଇଛି।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଏଲ୍‌ପିଜି ଗ୍ରାହକ। ବର୍ତ୍ତମାନ, ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ୫୦% ରୁ ଅଧିକ ଆମଦାନୀ କରେ, ଏଥିରୁ ଅଧିକାଂଶ ଯୋଗାଣ ପଶ୍ଚିମ ଏସୀୟ ବଜାରରୁ ଆସୁଛି। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ଚୁକ୍ତିକୁ ଐତିହାସିକ ବୋଲି କହିଛନ୍ତି। ସେ କହିଛନ୍ତି, ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ଏଲପିଜି ବଜାର ମଧ୍ୟରୁ ଗୋଟିଏ ଏବେ ଆମେରିକା ଯୋଗାଣ ପାଇଁ ଖୋଲା। ଭାରତର ଲୋକଙ୍କୁ ନିରାପଦ ଏବଂ ସୁଲଭ ଏଲପିଜି ଯୋଗାଇବା ପାଇଁ ଆମର ପ୍ରୟାସରେ, ଆମେ ଆମର ସୋର୍ସିଂକୁ ବିବିଧ କରୁଛୁ। ଏହି ଚୁକ୍ତି ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ – ୨୦୨୫' ଉଦ୍‌ଘାଟିତ




ନୂଆଦିଲ୍ଲୀ,୧୭।୧୧: ବର୍ତ୍ତମାନର ସମୟ ଏକବିଂଶ ଶତାବ୍ଦୀର ସମୟ । ଏହି ସମୟରେ ଆମ ଦେଶ ଭାରତ ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଆମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବାକୁ ହେବ ବୋଲି ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ୍-୨୦୨୫'କୁ ଉଦ୍‌ଘାଟନ କରିବା ସହ ଏକାଧିକ ଏଆଇ ପଦକ୍ଷେପର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଇନଟେଲ ଦ୍ୱାରା ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ସେ କହିଥିଲେ ଏହି ପଦକ୍ଷେପ ଗୁଡ଼ିକ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ଆମ ଛାତ୍ରଛାତ୍ରୀଙ୍କ କଳ୍ପନା ଓ ନବସୃଜନକୁ ଆହୁରି ଅଧିକ ଗତି ଦେବ। ଭାରତବର୍ଷ ଏଆଇ ପ୍ରଦାନ କରୁଥିବା ସୁଯୋଗଗୁଡ଼ିକୁ ହାତଛଡ଼ା ନକରି ତାହାକୁ ଆପଣେଇ ନେଉଛି। ଭାରତର ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତାର ମିଳିତ ଶକ୍ତି ଏକ ବିକଶିତ ଭାରତ ଗଠନ କରିବ।

# ରାଷ୍ଟ୍ରପତିଙ୍କୁ ଷୋଡ଼ଶ ଅର୍ଥ ଆୟୋଗଙ୍କ ରିପୋର୍ଟ ପ୍ରଦାନ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଭାରତୀୟ ସମ୍ବିଧାନର ଧାରା ୨୮୦ ର ଧାରା (୧) ଅନୁଯାୟୀ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ଡକ୍ଟର ଅରବିନ୍ଦ ପାନଗାରିଆଙ୍କ ଅଧ୍ୟକ୍ଷତାରେ କମିଶନ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ଆୟୋଗଙ୍କ ଏହି ରିପୋର୍ଟ ୨୦୨୬-୩୧ ଆର୍ଥିକବର୍ଷ ନିମନ୍ତେ ଉଦ୍ଦିଷ୍ଟ। ଏହି ଅବସରରେ ଆୟୋଗର ସଦସ୍ୟ ଆନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଟି. ରବି ଶଙ୍କର ଏବଂ ଡକ୍ଟର ସୌମ୍ୟକାନ୍ତି ଘୋଷ ଏବଂ ଆୟୋଗଙ୍କ ସଚିବ ଋତ୍ୱିକ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆୟୋଗ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ରିପୋର୍ଟର ଏକ ନକଲ ପ୍ରଦାନ କରିଛନ୍ତି। ସନ୍ଦର୍ଭର ସର୍ତ୍ତାବଳୀ (ଟିଓଆର୍) ଅନୁଯାୟୀ, ଆୟୋଗ ୨୦୨୬ ଏପ୍ରିଲ୍ ପହିଲାରୁ ଆରମ୍ଭ କରି ୫ ବର୍ଷ ପାଇଁ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସର ନିଟ୍ ଆୟ ବଣ୍ଟନ, ରାଜ୍ୟମାନଙ୍କ ମଧ୍ୟରେ ଏପରି ପ୍ରାପ୍ତିର ସମ୍ପୃକ୍ତ ଅଂଶର ଆବଣ୍ଟନ ପାଇଁ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା ଉପରେ ସୁପାରିଶ କରାଯାଇଥିଲା।

# ଗୌହାଟୀ ଯିବେ ନାହିଁ ଗିଲ୍

**କୋଲକାତା, ୧୭।୧୧(ଏଜେନ୍ସି):** ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ଅନୁଭୂତ ହୋଇଥିଲା। ଭାରତର ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିବା ପରେ ଗିଲ୍ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବେକ ପଛପଟେ ଯନ୍ତ୍ରଣା ହେବାରୁ ସେ ଏହି ଟେଷ୍ଟରେ ଆଉ ଖେଳି ପାରି ନ ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆଜି ତାଙ୍କୁ ମେଡିକାଲରୁ ଛାଡି ଦିଆଯାଇଛି। କିନ୍ତୁ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ଆଶଙ୍କା ରହିଛି। ଆସନ୍ତାକାଲି ବା ମଙ୍ଗଳବାର ଭାରତୀୟ ଦଳ ଇଡେନ୍‌ରେ ଅଭ୍ୟାସ କରିବ। ବୁଧବାର ସକାଳେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଗୌହାଟୀ ଯାତ୍ରା କରିବ। କିନ୍ତୁ ବେକରେ ଆଘାତ ଲାଗିଥିବା ବ୍ୟକ୍ତିଙ୍କୁ ବିମାନରେ ଯାତ୍ରା କରିବାର ନିୟମ ନାହିଁ। ଏବେ ସେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି। ଯାହା ଫଳରେ ବୁଧବାର ଦଳ ସେ ଗୌହାଟୀ ଯାଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଯଦି ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସମର୍ଥ ନ ହୁଅନ୍ତି, ତେବେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ବି. ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲଙ୍କ ମଧ୍ୟରୁ ଜଣେ ଖେଳିବାର ସୁଯୋଗ ପାଇପାରନ୍ତି। ଅନ୍ୟ ପକ୍ଷରେ ଗିଲ ଦ୍ୱିତୀୟ ଟେଷ୍ଟରେ ନ ଖେଳିଲେ, ତାଙ୍କ ସ୍ଥାନରେ ଆଉ ନୂଆ ଖେଳାଳିଙ୍କ ନିଆଯିବ କିମ୍ବା ଦଳରେ ଥିବା ବ୍ୟାଟରଙ୍କୁ ସାମିଲ କରାଯିବ ତାହା ଏବେଠାରୁ କହିବା କଷ୍ଟକର। ଦଳରେ ଥିବା ୨ ବ୍ୟାଟର ହେଲେ ବି. ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲ। ସୁଦର୍ଶନ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟ ଖେଳି ୮୭ ଓ ୩୯ ରନ୍ କରିଥିଲେ। କିନ୍ତୁ ସେ ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷ ୨ଟି ଟେଷ୍ଟର ୪ଟି ଇନିଂସରେ ୩୨ ରନ୍‌ର ସର୍ବାଧିକ ରନ୍ କରିଥିଲେ। ଘରୋଇ ମାଟିରେ ଇଂଲଣ୍ଡ ସହ ଖେଳିଥିବା ପାଡିକଲ ଅଷ୍ଟ୍ରେଲିଆରେ ଗୋଟିଏ ଟେଷ୍ଟ ଖେଳିଥିଲେ। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ସେ ୩ଟି ଇନିଂସରେ ଏକ ଅଙ୍କ ବିଶିଷ୍ଟ ଓ ଅନ୍ୟ ଗୋଟିକରେ ୨୪ ରନ୍ କରିଥିଲେ।



# ଇଡେନ୍ ପିଚ୍‌କୁ ନେଇ ବିତର୍କ ଜୋର୍‌ଦାର୍

**କୋଲକାତା,୧୭।୧୧(ଏଜେନ୍ସି):** ସ୍ଥାନୀୟ ଇଡେନ ଗାର୍ଡେନଠାରେ ଦକ୍ଷିଣ ଆଫ୍ରିକା ଠାରୁ ଭାରତ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ପିଚ୍‌କୁ ନେଇ ଆଲୋଚନା, ସମାଲୋଚନା ଓ ବିତର୍କ ଜୋର ହୋଇଛି। ଦଳର ପରାଜୟ ପରେ ମଧ୍ୟ ଏହି ପିଚ୍‌କୁ ଭାରତୀୟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ସୁସ୍ଥ ହେବା ପରେ ଅଧିନାୟକ ଶୁବମନ ଗିଲ୍ ସମର୍ଥନ କରିଛନ୍ତି। ପିଚ୍ ନିର୍ମାତା ସୁଜନ ବାନାର୍ଜୀ ତାଙ୍କ ପରାମର୍ଶ ଅନୁଯାୟୀ ସହାୟତା ଯୋଗାଇଦେଇଛନ୍ତି। ଏଣୁ ପିଚ୍‌କୁ ଦୋଷ ଦେଇହେବ ନାହିଁ ବୋଲି ଗମ୍ଭୀର କହିଛନ୍ତି। ପ୍ରଥମ ଦିନରୁ ଇଡେନ୍ ପିଚ୍‌ରେ ଅନ୍ ଇଭିନ ବାଉନ୍ସ ହୋଇଥିଲା। ଯାହା ଫଳରେ ଭାରତୀୟ ପେସର ଫାଇଦା ଉଠାଇ ୭ଟି ୱିକେଟ ନେଇଥିଲେ। ଏହା ପରେ ଦ୍ୱିତୀୟ ଦିନରେ ଅନ୍‌ଇଭିନ ବାଉନ୍ସ ସାଙ୍ଗକୁ ପିଚ୍ ଟର୍ଣ୍ଣ ନେଇଥିଲା। ଯାହା ଫଳରେ ବ୍ୟାଟିଂ କରିବା କଷ୍ଟକର ହୋଇଥିଲା। ମ୍ୟାଚ୍‌ର ତୃତୀୟ ଦିନରେ ବଲ ଅଧିକ ଟର୍ଣ୍ଣ ହୋଇଥିଲା। ଯାହାକୁ ଭାରତୀୟ ବ୍ୟାଟର ମୁକାବିଲା କରି ପାରି ନ ଥିଲେ। ଶୁବମନ ଗିଲ ଅନୁପସ୍ଥିତ ଥିଲାବେଳେ ଅନ୍ୟ ୯ ଜଣଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ସ୍ପିନରମାନେ ୭ଟି ୱିକେଟ ନେଇଥିଲେ। ଏଣୁ ଟର୍ଣ୍ଣ ନେଉଥିବା ପିଚ୍‌ରେ ଭାରତୀୟ ବ୍ୟାଟର ଯେ ଖେଳିବାକୁ ଅସମର୍ଥ ତାହା ପୁଣିଥରେ ପ୍ରମାଣିତ ହୋଇଛି। କିଛି ଦିନ ଆଗରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପସ୍ଥିତି ସତ୍ତ୍ୱେ ଭାରତୀୟ ଟର୍ଣ୍ଣିଂ ପିଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ନିକଟରୁ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିଯାଇଥିଲା। ବିଶେଷ କରି ଡାହାଣହାତୀ ବ୍ୟାଟରଙ୍କୁ ବାମହାତୀ ସ୍ପିନର ଓ ବାମହାତୀ ବ୍ୟାଟରଙ୍କୁ ଅଫ୍ ସ୍ପିନର ଅତି ସହଜରେ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ କହିବାକୁ ଗଲେ ଟର୍ଣ୍ଣିଂ ପିଚ୍‌ରେ ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଥିଲା। ନିଜ ମାଟିରେ ଟେଷ୍ଟ ହାରିବା ସମର୍ଥକଙ୍କର ଆଦୌ ହଜମ ହେଉନାହିଁ। ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ ହୋଇଥିଲେ ମଧ୍ୟ ସ୍ପିନରଙ୍କୁ ମୁକାବିଲା କରିବାରେ ଦକ୍ଷତା ନ ଥିଲା। ଦ୍ୱିତୀୟ ଇନିଂସରେ ଅଧିନାୟକ ଟେମ୍ବା ବଭୁମାଙ୍କ ଅପରାଜିତ ଅର୍ଦ୍ଧଶତକ ସବୁକିଛି ବଦଳାଇଦେଇଥିଲା। ଏବେ ଦୁଇଟି ପ୍ରଶ୍ନ ସମର୍ଥକଙ୍କୁ ଆନ୍ଦୋଳିତ କରୁଛି। ଗୋଟିଏ ହେଲା ଇଡେନ ପିଚ୍ ଟେଷ୍ଟ ଲାଗି ଏବଂ ଦ୍ୱିତୀୟଟି ହେଉଛି ଭାରତ ଲାଗି ଉପଯୁକ୍ତ କି ନୁହେଁ। ଭାରତ ଟେଷ୍ଟ ହାରିଯିବା ପରେ ଇଡେନ୍ ପିଚ୍‌କୁ ନେଇ ଦୀର୍ଘଦିନ ବିତର୍କ ଜାରି ରହିବ।

## କିଟ୍ ରଣଜୀ ଲଢ଼େଇ

# ଅନିଲଙ୍କ ଶତକ; ଓଡ଼ିଶା ଇନିଂସ ଅଗ୍ରଣୀ

ଭୁବନେଶ୍ୱର, ୧୭ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୭୫ ରନ ଜବାବରେ ନାଗାଲାଣ୍ଡ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୧୪ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା କିନ୍ତୁ ଦ୍ୱିତୀୟ ଇନିଂସ ଆରମ୍ଭରୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୬.୫ ଓଭର ଖେଳି ୨ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୯ ରନ କରି ଅପରାଜିତ ରହିଛନ୍ତି। ଓପନର୍ ଗୌରବ ଚୌଧୁରୀ ୭ ରନରେ ଆଉଟ୍ ହୋଇଛନ୍ତି। ସେହିଭଳି ଏଠାରେ ପଦାର୍ପଣ କରିଥିବା ୱିକେଟ୍‌କିପର ସାଓନ ପହରିଆ ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶ କରି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ପହରିଆ ମାତ୍ର ୧ ରନ କରିଥିଲେ। ଆଠ ୱିକେଟ ବଳକା ଥାଇ ଓଡ଼ିଶା ଏବେ ମୋଟ୍ ଉପରେ ୧୩୦ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।



### ଅନିଲଙ୍କ ଶତକ; ବୋଲରଙ୍କ ମିଳିତ ସଫଳତା

ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୩/୭ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଯୁବ ବ୍ୟାଟର ଅନିଲ ପରିଡ଼ା ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୧୪ ଏବଂ ବାଦଲ ବିଶ୍ୱାଳ ଓ ତାପସ ଦାସ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଅନିଲଙ୍କ ଏହା ପ୍ରଥମ ପ୍ରଥମଶ୍ରେଣୀ ଶତକ ଥିଲା। ଗତ ସିଜନରେ ସେ ସର୍ଭିସେସ ବିପକ୍ଷ ପଦାର୍ପଣ ମ୍ୟାଚରେ ଅପରାଜିତ ୯୯ ରନ କରିବା ସହ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ନାଗାଲାଣ୍ଡ ପକ୍ଷରୁ ରୋନିତ ମୋରେ, ଅଧିନାୟକ ରଙ୍ଗସେନ ଜୋନାଥନ ଓ ଲମଲିଓତି ଲେମତୁର ୩ଟି ଲେଖାଏ ୱିକେଟ୍ ନେଇଥିଲେ।

ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ଓପନିଂ ୱିକେଟରେ ୫୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୬୧ରେ ସୀମିତ ରହିଥିଲା। ଓପନର୍ ଡେଗା ନିଶ୍ଚଳ ସର୍ବାଧିକ ୭୨, ରୋନିତ ୨୫ ଓ ଜୋନାଥନ ୧୬ ରନ କରିଥିଲେ। ଘରୋଇ ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ୱିକେଟ୍ ନେଇ ଦଳକୁ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ:** ୨୭୫/୧୦, ୧୦୪.୪ ଓଭର।
**ନାଗାଲାଣ୍ଡ ପ୍ରଥମ ଇନିଂସ:** ୧୬୧/୧୦, ୫୭.୩ ଓଭର
**ଓଡ଼ିଶା ଦ୍ୱିତୀୟ ଇନିଂସ:** ୧୬/୨, ୬.୫ ଓଭର (ସ୍ୱସ୍ତିକ- ଅପରାଜିତ- ୯, ଗୌରବ- ୭, ଲେମତୁର- ୧/୪)

## ● ଏଟିପି ଫାଇନାଲ୍ସ

# ଟାଇଟଲ୍ ସହ ୪୪.୯ କୋଟି ଜିତିଲେ ସିନ୍ନର୍

**ତୁରିନ, ୧୭ ।୧୧ (ଏଜେନ୍ସି):** ପୁରୁଷ ଟେନିସ ଇତିହାସର ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ଏଥର ମଧ୍ୟ ଇଟାଲୀ ତାରକା ଜାନ୍ନିକ ସିନ୍ନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସିନ୍ନର ୭-୬ (୪), ୭-୫ ସେଟ୍‌ରେ ଶୀର୍ଷ ମାନ୍ୟତା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିଛନ୍ତି। ଘରୋଇ ମାଟିରେ ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ରେକର୍ଡ ୫.୦୭୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୪ କୋଟି ୯୨ ଲକ୍ଷ) ପୁରସ୍କାର ବାବଦରେ ହାସଲ କରିଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ୨.୭ ମିଲିୟନ ଡଲାର (୨୩କୋଟି ୯୫ ଲକ୍ଷ ଟଙ୍କା) ବିଜୟୀ ହୋଇଛନ୍ତି।



# ରୟାଲ୍ସର କୋଚ୍ ପଦକୁ ଫେରିଲେ ସାଙ୍ଗାକରା

**ଜୟପୁର, ୧୭ ।୧୧ (ଏଜେନ୍ସି):** ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର୍ କୁମାର ସାଙ୍ଗାକରା ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି। ୪୮ ବର୍ଷୀୟ ସାଙ୍ଗାକରାଙ୍କୁ ପୁନଃନିଯୁକ୍ତି କରାଯାଇଥିବା ନେଇ ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରାହୁଲ ଦ୍ରାବିଡଙ୍କ ସ୍ଥାନରେ ସାଙ୍ଗାକରା ଆଗାମୀ ଆଇପିଏଲ୍-୧୯ରେ ରୟାଲ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ।

# ଓଡ଼ିଶା ବୋଲର ନିରାଶ; ମହାରାଷ୍ଟ୍ର ୫୨୮

## କୁଚ ବିହାର ଟ୍ରଫି

**କଟକ,୧୭।୧୧(ସମିସ):** ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଉଥିବା କୁଚବିହାର ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମହାରାଷ୍ଟ୍ର ଦଳ ଦୃଢ଼ ସ୍ଥିତିରେ ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୫୨୮ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ୱିକେଟ ହରାଇ ୧୩୪ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ରହିଛି। ଅସମାପ୍ତ ପ୍ରଥମ ପାଳି ୨୯୯/୫ରୁ ଆଜି ମହାରାଷ୍ଟ୍ର ବ୍ୟାଟିଂ ଆରମ୍ଭ କରିଥିଲା। ୪୮ ରନରେ ଅପରାଜିତ ଥିବା ଏସ୍ ଜଗତପ ୧୧୭ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆରକମ୍ ସୟଦଙ୍କ ୬୨ରନ ଏବଂ ଶୁଭମ କଦମଙ୍କ ୪୮ରନ ଯୋଗୁଁ ମହାରାଷ୍ଟ୍ରର ସ୍କୋର ୫୦୦ ଟପିଥିଲା। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୫ଟି ୱିକେଟ ଦଖଲ କରିଥିଲେ।

## ଜାତୀୟ ପାରା ସୁଇମିଂରେ ଚମକ

# ଦ୍ୱିତୀୟ ଦିନରେ ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୬ ପଦକ

**ଭୁବନେଶ୍ୱର, ୧୭ ।୧୧ (ସମିସ):** ହାଇଦରାବାଦ୍‌ରେ ଚାଲିଥିବା ୨୫ତମ ଜାତୀୟ ପାରା ସୁଇମିଂରେ ଓଡ଼ିଶାର ସନ୍ତରଣକାରୀଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଉଦ୍‌ଘାଟନୀ ଦିବସରେ ୭ଟି ପଦକ ଜିତିଥିବା ଓଡ଼ିଶା ସୋମବାର ଆଉ ୨୬ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଲିନା ସ୍ୱାଇଁ ୨ଟି ଏବଂ ନରହରି ବେହେରା ଓ ସଙ୍ଗୀତା ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ବିକାଶ ରଞ୍ଜନ ବରାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ଲିନା ସ୍ୱାଇଁ, ଆକାଶ ବାନଛୋର, ଗୋଲାପୀ ସିରକା, ଚୈତନ୍ୟ ମାରାଣ୍ଡି, ଭାନୁମତୀ ବେହେରା ଗୋଟିଏ ଲେଖାଏ ଏବଂ ରଞ୍ଜନ ହାଁସଦା ଓ କବିତା ଦଳାଇ ୨ଟି ଲେଖାଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରାମ ମୁର୍ମୁ, ଅନିତା ମୁଣ୍ଡା, ଭାନୁମତୀ, ସୁଜାତା ସାମଲ, ବିଜୁ ସିଂ, କମଳ ଟୁଡୁ ଓ ଶିବାନନ୍ଦ ବୈଦ୍ୟ କାଂସ୍ୟ ପଦକ ସଫଳତା ପାଇଥିଲେ।

## ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର

# ସୁବ୍ରତ-ଆଶୁତୋଷ ଫାଇନାଲ

**ଭୁବନେଶ୍ୱର,୧୭।୧୧(ସମିସ):** ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ବିଲିଆର୍ଡ୍ସ ଟାଇଟଲ ଲାଗି ମୁକାବିଲା ହେବ। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଚାଲିଥିବା ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ଚିରଞ୍ଜୀବ ସିଂହଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଆଶୁତୋଷ ଓ ସମୀର ଅଲିଙ୍କୁ ୩-୦ରେ ହରାଇ ସୁବ୍ରତ ବିଲିଆର୍ଡ୍‌ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କୁନାଲ ଅଗରୱାଲଙ୍କୁ ୨-୧ରେ ହରାଇ ଆଶୁତୋଷ ସେମିରେ ପ୍ରବେଶ କରିଥିଲେ। ଆସନ୍ତାକାଲି ଫାଇନାଲ୍ ଖେଳାଯିବ।

## ଷ୍ଟେଟ-ଏ’ ଟ୍ରଫି

# ଆସାମକୁ ହରାଇ ଓଡ଼ିଶାର ଚତୁର୍ଥ ବିଜୟ

**କଟକ,୧୭।୧୧(ସମିସ):** ଚଳିତ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ (ଲିଷ୍ଟ-ଏ) ଟ୍ରଫିରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ଆଜି ବରୋଦାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅନ୍ତିମ ୱିକେଟରେ ଆସାମକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ପରାଜୟ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ୧୯ ତାରିଖରେ ମୁମ୍ବଇ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ୱିକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ଓପନର ସୌରଭ ଢ଼ିଙ୍ଗିଆ ଅପରାଜିତ ୧୩୪ରନ କରିଥିଲେ। ଓଡ଼ିଶାର ମହମ୍ମଦ ଡାନିସ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ତେବେ ୪୯ ଓଭରରେ ୯ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଜଳ କୁମାର ସିଂହ ୫୪ବଲରୁ ୭୬ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬୭ରନ କରିଥିଲେ।








PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS